ODIA DAILY EDITION
14.10.2025
କଟକ, ମଙ୍ଗଳବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ଅକ୍ଟୋବର-୧୪, ୨୦୨୫
ବର୍ଷ-୩୭, ସଂଖ୍ୟା-୯୭
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA

36 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

# ନୂଆପଡ଼ା ଉପନିର୍ବାଚନ ପାଇଁ ବିଜ୍ଞପ୍ତି

- ୨୦ ସୁଦ୍ଧା ନାମାଙ୍କନ ଦାଖଲ
- ନଭେମ୍ବର ୧୧ରେ ଭୋଟଦାନ
- ପ୍ରାର୍ଥୀ ଘୋଷଣା କରିନାହାନ୍ତି ବିଜେପି ଓ ବିଜେଡି



**ଭୁବନେଶ୍ୱର/ନୂଆପଡ଼ା, ୧୩।୧୦:** ନୂଆପଡା ଉପନିର୍ବାଚନ ପାଇଁ ସୋମବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂଆପଡା ଉପଜିଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିପାରିବେ ପ୍ରାର୍ଥୀ। ଜିଲାରେ ୭୦ ପ୍ରତିଶତ ଆସିବାସୀ ଶ୍ରେଣୀର ଲୋକ ବାସ କରୁଥିବା ବେଳେ ୧ ଲକ୍ଷ ୫ ହଜାର ଭୋଟ ରହିଛି। ନୂଆପଡା ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୫୩ ହଜାର ୬୨୪ ଖଣ୍ଡ ଭୋଟ ରହିଥିବା ବେଳେ ୬୦ ପ୍ରତିଶତ ଆଦିବାସୀ ଭୋଟ ରହିଛି। ଭାରତ ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁସାରେ ନିର୍ବାଚନ ପାଇଁ ନାମାଙ୍କନର ଶେଷ ତାରିଖ ଅକ୍ଟୋବର ୨୦ ଧାର୍ଯ୍ୟ ହୋଇଛି । ସେହିପରି ଅକ୍ଟୋବର ୨୨ରେ ନାମାଙ୍କନ ପତ୍ର ଯାଞ୍ଚ ହେବାକୁ ଥିବାବେଳେ ଅକ୍ଟୋବର ୨୪ ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି । ନଭେମ୍ବର ୧୬ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ । ଅନ୍ୟପକ୍ଷରେ ବାମପନ୍ଥୀ ଉଗ୍ରବାଦୀ ପ୍ରବଣ ଅଂଚଳର ୪୭ଟି ବୁଥ୍ ରେ ସକାଳ ୭ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଅନୁଷ୍ଠିତ ହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।

ଆସନ୍ତା ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ବିଧାନସଭା ରେ ଉପନିର୍ବାଚନ ପାଇଁ ଆଜି (ସୋମବାର) ଅପରାହ୍ନ ସୁଦ୍ଧା କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିନାହାନ୍ତି ।

**ନିର୍ବାଚନରେ ବ୍ୟବହାର ହେବ ହେଲିକପ୍ଟର**

ନୂଆପଡା ଉପ ନିର୍ବାଚନରେ ବ୍ୟବହାର ହେବ ହେଲିକପ୍ଟର। ୮ଟି ବୁଥରେ ହେଲିକପ୍ଟର ବ୍ୟବହାର ହେବ। ଦୁର୍ଗମ ଅଞ୍ଚଳର ୫ଟି ସ୍ଥାନରେ ଥିବା ୮ଟି ବୁଥରେ ହେଲିକପ୍ଟର ବ୍ୟବହାର ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ୍ ଗୋପାଳନ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଲୋକଙ୍କୁ ନେବା ଆଣିବା ପାଇଁ ହେଲିକପ୍ଟର ବ୍ୟବହାର ହେବ। ସେହିପରି ୧୪ କମ୍ପାନୀ ଉଇଚର୍ ମଧ ଉପନିର୍ବାଚନ ପାଇଁ ଆସିବେ ବୋଲି ଉରଙ୍ଗ ସୂଚନା ଦେଇଛନ୍ତି। ଏଥର ୫୬ଟି ନୂଆ ବୁଥ୍ ହୋଇଛି। ନିର୍ବାଚନ ବେଳେ ୧୪ କେନ୍ଦ୍ରୀୟ ଫୋର୍ସ ମୁତୟନ ହେବେ।

ଆଚରଣ ବିଧି ଉଲ୍ଲଂଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି । ନୂଆପଡ଼ା ଉପ ନିର୍ବାଚନ ପାଇଁ ଉଭୟ ବିଜେଡି ଓ ବିଜେପିର ପ୍ରାର୍ଥୀ ଚୟନରେ ଦିନ ଗଡି ଚାଲିଥିବାବେଳେ କଂଗ୍ରେସ ଆଦିବାସୀ ନେତା ଘାସିରାମ ମାଝୀଙ୍କୁ ପ୍ରାର୍ଥୀ ଘୋଷଣା କରିସାରିଛି। ବିଜେଡି ଓ ବିଜେପିରେ ପ୍ରାର୍ଥୀ ଚୟନରେ କନ୍ଦଳ ଲାଗି ରହିଥିବାବେଳେ କଂଗ୍ରେସ ପ୍ରଚାର ମଇଦାନକୁ ଓହ୍ଲାଇ ସାରିଛି।

# ୧୨ ଘଣ୍ଟାରେ ଗଡ଼ିଲା ୨ ମୁଣ୍ଡ



**ଅଶାନ୍ତ ରାଜଧାନୀ**
**ପୁଲିସକୁ ଅପରାଧୀଙ୍କ ଖୋଲା ଚ୍ୟାଲେଞ୍ଜ**
**ଏମ୍ସ କର୍ମଚାରୀଙ୍କୁ ସର୍ବସମ୍ମୁଖରେ ଗୁଳି**

**ଭୁବନେଶ୍ୱର, ୧୩।୧୦:** ଅସୁରକ୍ଷିତ ପାଲଟିଛି ରାଜଧାନୀ ଭୁବନେଶ୍ୱର । ୧୨ ଘଣ୍ଟାରେ ଦୁଇ ଦୁଇଟି ହତ୍ୟାକାଣ୍ଡ, ପୁଲିସକୁ ଅପରାଧୀଙ୍କ ଖୋଲା ଚ୍ୟାଲେଞ୍ଜ । ଭୁବନେଶ୍ୱର ଏମ୍ସ କର୍ମଚାରୀ ସୁଧାଂଶୁ ଖୁଣ୍ଟିଆଙ୍କୁ ଗୁଳି କରି ହତ୍ୟା ପରେ ତାଙ୍କ ଦାଦାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ସୁଧାଂଶୁଙ୍କ ଦାଦା ଜ୍ଞାନ ରଞ୍ଜନ ଖୁଣ୍ଟିଆଙ୍କୁ ହାଣିଛନ୍ତି ସମ୍ପର୍କୀୟ ଦାଦା । ସୁକାନ୍ତ ପ୍ରଧାନ ଓରଫ ଭାଲୁ ଓ ତାଙ୍କ ପୁଅ ଛବି ପ୍ରଧାନ ହାଣିବା ସହ ଜ୍ଞାନଙ୍କ ବାପାଙ୍କୁ ଘର ଭିତରେ ଅଟକ ରଖିଥିଲେ ଓ ତେବେ ହତ୍ୟାକାଣ୍ଡ ପରେ ପୁଣି ଥରେ ଜ୍ଞାନଙ୍କୁ ଆକ୍ରମଣ ଅଭିଯୋଗରେ ଭାଲୁ ଓ ଛବିକୁ ଉଠାଇ ନେଇଛି ପୁଲିସ । ଆଜି ସକାଳେ ସୁଧାଂଶୁ ଖୁଣ୍ଟିଆଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ସକାଳ ପ୍ରାୟ ୯ଟା ସମୟରେ ଏମ୍ସ ଯାଉଥିବାବେଳେ ସରକନ୍ତରା ନିକଟରେ ତାଙ୍କୁ ଗୁଳି କରାଯାଇଥିଲା । ସେହିପରି ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଷ୍ଟୋନ୍ ମ୍ୟାନ୍ ଆତଙ୍କ । ଅଜଣା ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି । ଯୁବକଙ୍କ ପରିଚୟ ମିଳିନଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଚଳାଇଛି । ଏପଟେ ରେଳ ଷ୍ଟେସନରେ ରାଷ୍ଟ୍ରପତି ସମ୍ମାନପ୍ରାପ୍ତ ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ୬ ନଂ ପ୍ଲାଟଫର୍ମ ବାହାରେ ଶିକ୍ଷକ ଦ୍ୱିତୀ ଚନ୍ଦ୍ର ସାହୁଙ୍କୁ କାଠ ଫଳିଆରେ ଆକ୍ରମଣ କରି ମୋବାଇଲ୍ ଛଡ଼ାଇ ନେଇଛନ୍ତି ଦୁର୍ବୃତ୍ତ । ଗୁରୁତର ଅବସ୍ଥାରେ ଶିକ୍ଷକ ଜଣଙ୍କୁ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି ।

## ଡିସେମ୍ବର ୨୪ରୁ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା

**ବରଗଡ଼, ୧୩।୧୦:** ଡିସେମ୍ବର ୨୪ରୁ ଆରମ୍ଭ ହେବ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା। ସୋମବାର ବରଗଡ଼ ଜିଲ୍ଲାପାଳଙ୍କ ଅଧକ୍ଷତାରେ ବସିଥିବା ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ଏହା ଅନୁସାରେ ଚଳିତ ବର୍ଷ ଡିସେମ୍ବର ୨୪ରୁ ଜାନୁଆରୀ ୩ ଯାଏ ଧନୁଯାତ୍ରା ଆୟୋଜିତ ହେବ। ପ୍ରାୟ ୧୧ ଦିନ ଧରି ବିଶ୍ୱର ସର୍ବ ବୃହତ ମୁକ୍ତାକାଶ ରଙ୍ଗ ମଞ୍ଚରେ କଳା ପ୍ରଦର୍ଶନ କରିବେ କଳାକାର। କଂସଙ୍କ ଅଟ୍ଟହାସ୍ୟରେ କମ୍ପିବ ବରଗଡ଼। ସେହିଭଳି ସବୁଥର ଭଳି ଏଥର ମଧ କଂସ ଚରିତ୍ର ପାଇଁ ହେବ କଳାକାର ଚୟନ କରାଯିବ। ଉଲ୍ଲେଖଯୋଗ୍ୟ, ଗତବର୍ଷ ରାଜ୍ୟ ସରକାର ବରଗଡ଼ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଲାଗି ଅନୁଦାନ ରାଶି ବୃଦ୍ଧି କରିଥିଲେ। ଅନୁଦାନ ରାଶି ୧୦ଲକ୍ଷରୁ ଏକ କୋଟିକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ପ୍ରମୁଖ ୧୭୦ କଳାକାରଙ୍କୁ ୧୦ହଜାର ଲେଖାଏଁ ସମ୍ମାନ ରାଶି ମିଳିବ। ଏହା ସହ ଧନୁଯାତ୍ରାକୁ ୟୁନେସ୍କୋ ଐତିହ୍ୟ ମାନ୍ୟତା ପାଇଁ ବିଶେଷଜ୍ଞ କମିଟି ଗଠନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମଧ ବରଗଡ଼ ଧନୁଯାତ୍ରା ଦେଖିବାକୁ ଆସି, ମଥୁରା ନରେଶ କଂସ ମହାରାଜ ଧନୁଯାତ୍ରା ଆୟୋଜନ କରିବା ପାଇଁ ଏକ ସ୍ଥାୟୀ ଭବ୍ୟ ରାଜଦରବାର ନିର୍ମାଣ ଘୋଷଣା କରିଥିଲେ।

## ୩ ଜଣଙ୍କୁ ଅର୍ଥନୀତିରେ ନୋବେଲ୍



**ଅସ୍ଲୋ, ୧୩।୧୦:** ଜୋଏଲ୍ ମୋକିର୍, ଫିଲିପ୍ ଆଘିଅନ୍, ଏବଂ ପିଟର୍ ହାୱିଟଙ୍କୁ ଚଳିତ ବର୍ଷ ପଇଁ 'ଅର୍ଥନୀତି ବିଜ୍ଞାନ'ରେ ନୋବେଲ ପୁରସ୍କାର ପ୍ରଦାନ କରାଯିବ । ରୟାଲ ସ୍ୱିଡିସ ଏକାଡେମୀ ଅଫ ସାଇନସ୍ସେ ପକ୍ଷରୁ ଆଜି ସେମାନଙ୍କ ନାଁ ଘୋଷଣା କରାଯାଇଛି । ଏହି ୩ ଜଣଙ୍କ ମଧ୍ୟରୁ ୨ ଜଣ ଆମେରିକାର ହୋଇଥିବାବେଳେ ଜଣେ ବ୍ରିଟେନର ।

ଜୋଏଲ ମୋକିର ଆମେରିକାର ଇଭାଷ୍ଟନସ୍ଥିତ ନର୍ଥ-ଓ୍ୱେଷ୍ଟର୍ଣ୍ଣ ବିଶ୍ୱବିଦ୍ୟାଳୟରେ ଅଧାପନା କରୁଥିବାବେଳେ ପିଟର ହାୱିଟ ଆମେରିକାର ବ୍ରାଉନ ବିଶ୍ୱବିଦ୍ୟାଳୟରେ ଅଧାପନା କରୁଛନ୍ତି । ଅନ୍ୟପକ୍ଷରେ ଫିଲିପ ଆଘିଅନ ବ୍ରିଟେନର ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସ ଏଣ୍ଡ ପଲିଟିକାଲ ସାଇନସ୍ସରେ ଅଧାପନା କରୁଛନ୍ତି ।

ଏହି ତିନି ଅର୍ଥନୀତିଜ୍ଞ ଉଦ୍ଭାବନ ଭିତ୍ତିକ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଉଲ୍ଲେଖନୀୟ ଗବେଷଣା କରିଛନ୍ତି ବୋଲି ରୟାଲ ସ୍ୱିଡିସ ଏକାଡେମୀ ଅଫ ସାଇନ୍ସେସ ପକ୍ଷରୁ ଘୋଷଣା କରାଯାଇଛି । ସୂଚନାଯୋଗ୍ୟ ଯେ ଅର୍ଥନୀତିରେ ନୋବେଲ ପୁରସ୍କାର ପ୍ରଦାନ କରିବା ଏହି ପୁରସ୍କାରର ପ୍ରତିଷ୍ଠାତା ସାର ଆଲଫ୍ରେଡ ନୋବେଲଙ୍କ ମୂଳ ଇଚ୍ଛାପତ୍ର ବା ୱିଲରେ ନଥିଲା । ଏହି ପୁରସ୍କାର ପ୍ରଦାନ କରିବାକୁ ୧୯୬୮ ମସିହାରେ ସୀଡେନର କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ପ୍ରତଷ୍ଠା କରାଯାଇଥିଲା ଓ ପ୍ରଥମ ଥର ପାଇଁ ୧୯୬୯ରେ ପ୍ରଦାନ କରାଯାଇଥିଲା ।

# ଦୁର୍ଗାପୁର କାଣ୍ଡକୁ ନେଇ ଅସ୍ଥିର ବେଙ୍ଗଲରୁ ଓଡ଼ିଶା



- ନ୍ୟାୟ ଦାବିରେ ମେଡିକାଲ କଲେଜ ଆଗରେ ହଙ୍ଗାମା
- ଆଉଜଣେ ଅଭିଯୁକ୍ତ ଗିରଫ
- ପୀଡ଼ିତା ଓ ତାଙ୍କ ପରିବାର ସହ କଥାହେଲେ ମୁଖ୍ୟମନ୍ତ୍ରୀ

**କୋଲକାତା/ଭୁବନେଶ୍ୱର, ୧୩।୧୦:** ଦୁର୍ଗାପୁରରେ ଓଡ଼ିଆ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଅଭିଯୋଗ ମାମଲାକୁ ନେଇ ସବୁଠି ଚିନ୍ତା। ଛାତ୍ରୀଙ୍କ ସହ କ୍ରମାଗତ ଘଟୁଥିବା ଜଘନ୍ୟ ଅପରାଧକୁ ନେଇ କମ୍ପିଛି ଦୁର୍ଗାପୁର, ମମତା ସରକାର ବିରୋଧରେ ଗର୍ଜିଛନ୍ତି ପଶ୍ଚିମବଙ୍ଗ ଜନତା।

ଜଣଙ୍କ ପରେ ଜଣେ ଛାତ୍ରୀଙ୍କ ଦେହରେ ବୋଳା ଯାଉଥିବା କଳଙ୍କ ବିରୋଧରେ ପ୍ରତିବାଦ । ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ବିରୋଧରେ ଅଭିଭାବକଙ୍କ ବିକ୍ଷୋଭଗାର୍ । ଦୁର୍ଗାପୁର ଆଇକ୍ୟୁ ମେଡିକାଲ କଲେଜ ଆଗରେ ନ୍ୟାୟ ପାଇଁ ନାରାବାଜି । ପ୍ରତିଷ୍ଠାନର ଘରୋଇ ସୁରକ୍ଷାକର୍ମୀଙ୍କ ସହ ମୁହାଁମୁହିଁ । କାରଣ, ପିଲାଙ୍କ ସୁରକ୍ଷାକୁ ନେଇ ଉପୁଜିଛି ଆଶଙ୍କା, ଭୟଭୀତ ଅନ୍ୟ ପିଲାଙ୍କ ବାପା,ମା'।

ଏଭଳି ସ୍ଥିତିରେ ଜଣେ ମହିଳା ମୁଖ୍ୟମନ୍ତ୍ରୀ ହୋଇ ସମ୍ବେଦନଶୀଳ ମାମଲାରେ ରାତିରେ ଝିଅଙ୍କୁ ନବାହାରିବା ନେଇ ମମତାଙ୍କ ମନ୍ତବ୍ୟ ବିରୋଧରେ ତୀବ୍ର ହୋଇଛି ପ୍ରତିବାଦ। ଜଷ୍ଟିଫାଏ ନୁହଁ, ପୀଡ଼ିତାଙ୍କୁ ଜଷ୍ଟିସ୍ ଦାବି ସହ ବିଜେପି ନିଶାନା କରିଥିବାବେଳେ ଦୁର୍ଗାପୁରରେ ସ୍ଥିତି ଅନୁଧ୍ୟାନ କରିଛନ୍ତି ଓଡ଼ିଶା ମହିଳା କମିଶନଙ୍କ ଅଧକ୍ଷା। ଅପରପକ୍ଷରେ ଏହି ମାମଲାରେ ଆଜି ଜଣଙ୍କୁ ମିଶାଇ ମୋଟ୍ ୫ ଜଣଙ୍କୁ ଦୁର୍ଗାପୁର ପୋଲିସ ଗିରଫ କରିଛି।

ଏହି ଆନ୍ଦୋଳନରେ ଓଡ଼ିଆ ଏବଂ ପଶ୍ଚିମବଙ୍ଗ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ସହ ଅନ୍ୟ ରାଜ୍ୟର ଅଭିଭାବକ ବି ଅଛନ୍ତି। ସମସ୍ତଙ୍କ ଦାବି, କଲେଜ ପ୍ରିନ୍ସିପାଲଙ୍କୁ ଭେଟିବାକୁ ଦିଆଯାଉ। ଏହି ଉତ୍ତେଜନା ପରେ ଏବେ ଆଇକ୍ୟୁ ମେଡ଼ିକାଲ୍ କଡ଼ା ସୁରକ୍ଷା ବଳୟରେ। ତାହାରି ଭିତରେ ଅପରାହ୍ନରେ ରାଜ୍ୟପାଳ ସିଭି ଆନନ୍ଦ ବୋଷ୍ ପୀଡ଼ିତାଙ୍କ ସାସ୍ଥ୍ୟବସ୍ଥା ଅନୁଧ୍ୟାନ ପାଇଁ ମେଡ଼ିକାଲ୍ ଭିତରକୁ ଯିବାବେଳେ ପୁଣି ଉପୁଜିଥିଲା ଧସ୍ତାଧସ୍ତି ପରିସ୍ଥିତି। ଏସବୁ ଭିତରେ ଏଯାଏଁ ୫ ଜହ୍ଲାଦଙ୍କୁ ଗିରଫ କରିଛି ଦୁର୍ଗାପୁର ପୋଲିସ। ପଞ୍ଚମ ଅଭିଯୁକ୍ତର ନାଁ ଶେଖ୍ ସୈଫିକ୍ ଉଲ୍। ପୂର୍ବରୁ ଗିରଫ ହୋଇଛନ୍ତି ୪ ଜଣ। ସେମାନଙ୍କ ମଧ୍ୟରୁ ଶେଖ୍ ସୈଫିକ ସହ ଅନ୍ୟ ୩ ଜଣଙ୍କୁ ୧୦ ଏବଂ ଅନ୍ୟ ୨ ଜଣଙ୍କୁ ୯ ଦିନିଆ ରିମାଣ୍ଡରେ ନେଇ ତଥ୍ୟ ଉଗାରୁଛି।

ଏହି ୨ ଜଣଙ୍କ ମଧ୍ୟରେ ନାସିରୁଦ୍ଦିନ ମୁଖ୍ୟ ଅଭିଯୁକ୍ତ ବୋଲି କୁହାଯାଉଛି।

ଆଶଙ୍କା କରାଯାଉଛି, ଆଉ ବି ଦୁର୍ବୃତ୍ତ ଅଛନ୍ତି। ତେଣେ ପୀଡ଼ିତାଙ୍କୁ ଏବଂ ତାଙ୍କ ପରିବାରକୁ ଦୁର୍ଗାପୁରରେ ଭେଟିବା ସହ ପୋଲିସ ତଦନ୍ତର ଗତି ଏବଂ ପୀଡ଼ିତାଙ୍କ ଚିକିତ୍ସା ବ୍ୟବସ୍ଥାର ଅନୁଧ୍ୟାନ କରୁଛନ୍ତି ଅଧକ୍ଷା ଶୋଭନା ମହାନ୍ତିଙ୍କ ନେତୃତ୍ୱରେ ଯାଇଥିବା ମହିଳା କମିଶନଙ୍କ ଟିମ୍। ଘଟଣାକୁ ବିତିଗଲାଣି ୩ ଦିନ। ଦୁର୍ଗାପୁର୍ ମେଡ଼ିକାଲର ଚାରିକାନ୍ଥ ଭିତରେ ଚିକିତ୍ସାଧିନ ଓଡ଼ିଆ ଡାକ୍ତରୀ ଛାତ୍ରୀ କେମିତି ଅଛନ୍ତି, ବିଧିବଦ୍ଧ ଭାବେ ସରକାରୀ ସୂଚନା ଦିଆଯାଉନାହିଁ। ଏପରିକି ପୀଡ଼ିତାଙ୍କ ବାପାଙ୍କୁ ମଧ ଭେଟିବାକୁ ଦିଆଯାଉନଥିବା ନେଇ ଏକ ପ୍ରେସମିଟରେ ଅଭିଯୋଗ କରିଛି ବିଜେପି।

ଏସବୁ ଭିତରେ ବିଳମ୍ବିତ ରାତିରେ ଛାତ୍ରୀଙ୍କୁ କ୍ୟାଂପସରୁ ବାହାରିବାକୁ ବାରଣ ନେଇ ମୁଖ୍ୟମନ୍ତ୍ରୀ ମମତାଙ୍କ ମନ୍ତବ୍ୟକୁ ନେଇ ଘେରିଛି ବିଜେପି। ସାଂସଦ ବାଂଶୁରୀ ସ୍ୱରାଜ୍ ସିଧା ନିଶାନା କରି କହିଛନ୍ତି, ମମତାଙ୍କ ଶାସନରେ ଚାଲିଥିବା ଅରାଜକତାର ଏହା ପ୍ରମାଣ। ରେପକୁ ଜଷ୍ଟିଫାଏ କରିବା ବନ୍ଦ କରି ଜଷ୍ଟିସ ଦିଅନ୍ତୁ। ସେପଟେ ବିଜେପି ଆଇଟି ସେଲ୍ ମୁଖ୍ୟ ଅମିତ ମାଲବିୟ 'ଏକ୍ସ'ରେ କହିଛନ୍ତି, ପୀଡ଼ିତା ବିଳମ୍ବିତ ରାତିରେ ନୁହେଁ, ବରଂ ରାତି ସାଢ଼େ ୮ଟାରେ କ୍ୟାମ୍ପସରୁ ବାହାରକୁ ଯାଇଥିଲେ। ଯେଉଁ ସମୟରେ କୌଣସି କଟକଣା ନଥାଏ।

<table>
<tr><td>ସେନ୍‌ସେକ୍ସ</td><td>୮୨,୩୨୭</td></tr>
<tr><td>ନିଫ୍ଟି</td><td>୨୫,୨୨୭</td></tr>
<tr><td>ସୁନା/୧୦ଗ୍ରା</td><td>୧,୨୭,୬୪୫</td></tr>
<tr><td>ରୂପା/କିଗ୍ରା</td><td>୧,୭୭,୦୦୦</td></tr>
<tr><td>ଡଲାର</td><td>୮୮.୭୫</td></tr>
</table>

## ପାଣିପାଗ

| ସର୍ବାଧିକ | |
|---|---|
| ଭୁବନେଶ୍ୱର: | ୩୨.୫° |
| କଟକ: | ୩୨.୮° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୨୩.୯° |
| କଟକ: | ୨୩.୯° |

**• ପୁଲିସ ଏସ୍ଆଇ ପରୀକ୍ଷା କେଳେଙ୍କାରୀ ମାମଲା •**

# ୨ ଫେରାର୍ ଅଭିଯୁକ୍ତଙ୍କ ନାଁରେ ଲୁକ୍ ଆଉଟ୍ ସର୍କୁଲାର

**ଭୁବନେଶ୍ୱର, ୧୩।୧୦:** ପୁଲିସ ଏସ୍ଆଇ ପରୀକ୍ଷା ଅନିୟମିତତା ମାମଲା ନେଇ ଦୁଇ ଜଣ ଫେରାର ଅଭିଯୁକ୍ତଙ୍କ ନାଁରେ ଲୁକ ଆଉଟ୍ ସର୍କୁଲାର ଜାରି ହୋଇଛି । ବ୍ୟୁରୋ ଅଫ୍ ଇମିଗ୍ରେସନ୍କୁ ଏନେଇ ଅବଗତ କରାଯାଇଛି। ଅଭିଯୁକ୍ତମାନେ କେଉଁ ରାଜ୍ୟରେ ଲୁଚିଛନ୍ତି ତାକୁ ନେଇ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଖୋଳତାଡ଼ କରୁଛି।

**୮ ଜଣ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍**

ସେହିପରି କ୍ରାଇମ୍‌ବ୍ରାଞ୍ଚ ୭ରୁ ୮ଜଣଙ୍କ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ୍ ଜବତ୍ କରିଛି। ଦଲାଲ ମୁନା ମହାନ୍ତି ଓ ଶଙ୍କର ପୃଷ୍ଟି ସମେତ ଅନ୍ୟମାନଙ୍କ ବ୍ୟାଙ୍କ ଆକାଉଣ୍ଟ୍ ଜବତ୍ କରାଯାଇଛି। ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ ହୋଇଥିବା ନେଇ ତଦନ୍ତକାରୀ ଟିମ୍ ସୂଚନା ଦେଇଛି। କ୍ରାଇମ୍‌ବ୍ରାଞ୍ଚ ଏବେବି ୭ଟି ରାଜ୍ୟକୁ ଯାଇ ଖୋଳତାଡ ଜାରି ରଖିଛି। ଯେହେତୁ ଏହି ମାମଲା ପଛରେ ଅନ୍ତ ରାଜ୍ୟ ଲିଙ୍କ୍ ରହିଛି ତେଣୁ ରାଜ୍ୟ ବାହାରକୁ ଟିମ୍ ଯାଇ ଖୋଳତାଡ଼ କରୁଛି।



ଏହି ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ଘଟଣାସ୍ଥଳକୁ ଯାଇ ଖୋଳତାଡ଼ କରୁଥିଲା। ୧୧୭ ଜଣକୁ ଗିରଫ କରାଯାଇଥିବା ବେଳେ ୧୧୪ ଜଣ ହେଉଛନ୍ତି ଆଶାୟୀ। ଯେଉଁମାନେ ଏସ୍ଆଇ ପରୀକ୍ଷାରେ ଭାଗନେବା ଲାଗି ରାଜ୍ୟ ବାହାରକୁ ଯାଉଥିଲେ। ପରେ ଏହି ଘଟଣାର ଖୋଳତାଡ ପରେ ଅଧିକାଂଶ ପିଲା ବଣିକ କୋଚିଂ ସେଣ୍ଟର ନା କହିବାରୁ ନିକଟରେ କ୍ରାଇମବ୍ରାଞ୍ଚ ଟିମ୍ ଉକ୍ତ ଶିକ୍ଷାନୁଷ୍ଠାନ ଉପରେ ଚଢ଼ଉ କରିଥିଲା। ଘରୋଇ କୋଚିଂ ସେଣ୍ଟରର ତିନି ଜଣଙ୍କୁ ନୋଟିସ୍ କରାଯାଇଥିଲା, ଯେଉଁଥିରେ ସେମାନେ କ୍ରାଇମବ୍ରାଞ୍ଚ ନିକଟରେ ହାଜର ହୋଇ ଜେରାର ସମ୍ମୁଖୀନ ହୋଇଥିଲେ। ଏବେ ଏହି ମାମଲା ନେଇ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ଗତମାସ ପୁଲିସ ଚାକିରିରେ ଜାଲିଆତି ସୁରକ୍ ମିଳିଥିଲା। ପ୍ରଶ୍ନପତ୍ର ଲିକ୍ ବଡ଼ ଯୋଜନା ପଣ୍ଡ କରିଥିଲା ବ୍ରହ୍ମପୁର ପୁଲିସ। ସେପ୍ଟେମ୍ବର ୨୯ ତାରିଖ ରାତିରେ ୧୨୦ ଜଣ ପରୀକ୍ଷାର୍ଥୀଙ୍କୁ ଆନ୍ଧ୍ରପ୍ରଦେଶରୁ ଉଠାଇ ଆଣିଥିଲା ପୁଲିସ। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପରୀକ୍ଷାର୍ଥୀଙ୍କୁ ୩ଟି ବସରେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ନିଆଯାଉଥିଲା। ସେଠାରେ ରଖି ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ସହ ଉତ୍ତର କୁହାଯାଇଥାନ୍ତା। ପ୍ରଶ୍ନ ଉତ୍ତର ଅଭ୍ୟାସ ପରେ ସେମାନଙ୍କୁ ଆଣି ପରୀକ୍ଷା କେନ୍ଦ୍ରରେ ଛାଡ଼ିବାକୁ ଯୋଜନା ହୋଇଥିଲା। ଏଥିପାଇଁ ମୋଟା ଅଙ୍କର ଅର୍ଥ ପରୀକ୍ଷାର୍ଥୀଙ୍କ ଠାରୁ ନିଆଯାଇଥିବା ଚର୍ଚ୍ଚା ହେଉଛି।

## ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ

**ରାୟଗଡ଼ା, ୧୩।୧୦:** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ଥାନା ପାଲୁପାଇ ଗ୍ରାମ ନିକଟ ୩୨୬ ନମ୍ବର ଜାତୀୟ ରାଜପଥରେ ଏକ ତେଲ ଟ୍ୟାଙ୍କର ଓ ବାଇକ୍ ମୁହାଁମୁହିଁ ହୋଇଛନ୍ତି। ଫଳରେ ୨ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ରାମନାଗୁଡା ପୁଲିସ ଘଟଣାସ୍ଥଳରେ ପହଁଚି ମୃତଦେହକୁ ରାମନାଗୁଡ଼ା ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ରରେ ରଖିଥିବା ଜଣାପଡ଼ିଛି। ମୃତକମାନଙ୍କ ପରିଚୟ ମିଳିପାରିନାହିଁ। ଦୁର୍ଘଟଣାଗ୍ରସ୍ତ ବାଇକ ନଂ ଓଡି ୧୮-ବି-୭୮୪୨ ଭାସ୍କର ରାଓ ମିଣିଆକାଙ୍କ ହୋଇଥିବା ବେଳେ ସେ ରାୟଗଡ଼ା ବ୍ଲକ ଗୁମ୍ମା ନିକଟସ୍ଥ ଟୁଲୁଗୁଡା ଗ୍ରାମର ବୋଲି ଜଣାପଡ଼ିଛି।

**ଦଣ୍ଡମୁକ୍ତ ଅଞ୍ଚଳରେ କଠୋର ଦଣ୍ଡ**

# ଛାତ୍ରର ମୁଣ୍ଡ ଫଟାଇଲେ ଶିକ୍ଷକ

**ସଇଁତଲା, ୧୩।୧୦:** ଦଣ୍ଡମୁକ୍ତ ଅଞ୍ଚଳରେ ଦଣ୍ଡ ଦିଆଯାଉଛି। ସରକାର ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଥିବା ବେଳେ ଏଠାରେ ପ୍ରଧାନଶିକ୍ଷକଙ୍କ ମାଡ଼ରେ ଛାତ୍ରର ମୁଣ୍ଡ ଫାଟିଛି। ବଲାଙ୍ଗୀରଜିଲ୍ଲା ସଇଁତଲା ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ କରମତଲାଠାରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ଏହିଭଳି ଅଭାବନୀୟ ଘଟଣା ଘଟିଛି। ଆହତ ଛାତ୍ର ସପ୍ତମ ଶ୍ରେଣୀରେ ପଢ଼ନ୍ତି।

ସୂଚନା ମତେ କୁମୁଦ ରଂଜନ ମେହେର କରମତଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବରେ କାର୍ଯ୍ୟରତ ଅଛନ୍ତି। କରମତଲା ଗ୍ରାମର ପ୍ରତାପ ରଣାଙ୍କ ପୁତ୍ର ଉକ୍ତ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପାଠ ପଢ଼ନ୍ତି।

ପରିବାର ଲୋକେ ଏବିଷୟରେ ଜାଣିବାପରେ ତୁରନ୍ତ ତାକୁ ସଇଁତଲା ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ରକୁ ଆଣି ଚିକତ୍ସା କରାଇଥିଲେ। ପରେ ଏ ବିଷୟରେ ବ୍ଲକ ଶିକ୍ଷା ଅଧିକାରୀଙ୍କ

**ଘଟଣାକୁ ନେଇ ଅଭିଭାବକଙ୍କ ଅସନ୍ତୋଷ**

କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣା ବିଷୟରେ ବ୍ଲକ ଶିକ୍ଷା ବିଭାଗର ସିଆରସିସି ପ୍ରମୋଦ ବୁଢ଼େକଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିବାବେଳେ ସେ ଫୋନ ଉଠାଇ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସେହିପରି ପ୍ରଧାନଶିକ୍ଷକ ଶ୍ରୀ ମେହେରଙ୍କୁ ଏବାବଦରେ ପଚାରିବାରୁ ଘଟଣା ସତ ବୋଲି କହିଥିଲେ।

## ହାଲ୍‌ଚାଲ୍



ନୂଆପଡ଼ା ଉପ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲା
ବିଜେଡି ଓ ବିଜେପିର ପ୍ରାର୍ଥୀ ଘୋଷଣା ବାକି ରହିଲା
କିଏ ଏଥର ମାରିବ ବାଜି
ଅପେକ୍ଷା ସମୟକୁ ରହିଲା ।

# ଓଡ଼ିଶା ଛାଡ଼ିବା ପ୍ରକ୍ରିୟା ଆରମ୍ଭ କଲା ଦକ୍ଷିଣ-ପଶ୍ଚିମ ମୌସୁମୀ

**ଭୁବନେଶ୍ୱର, ୧୩।୧୦:** ଆଜିଠୁ ଓଡ଼ିଶା ଛାଡ଼ିବା ପ୍ରକ୍ରିୟା ଆରମ୍ଭ କରିଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ପ୍ରାଥମିକ ପର୍ଯ୍ୟାୟରେ ଉତ୍ତର ଓଡ଼ିଶା ଜିଲ୍ଲା କେନ୍ଦୁଝରରୁ ପ୍ରତ୍ୟାବର୍ତ୍ତନ କରିଛି ମୌସୁମୀ । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରିବା ନେଇ ପାଗ ଅନୁକୂଳ ରହିଛି । ଏବେ ମୌସୁମୀ ବାୟୁର ପ୍ରତ୍ୟାହାର ରେଖା ବାରଣାସୀ, ଜବଲପୁର, ଆକୋଲା, ଅହଲ୍ୟାନଗର, ଆଲିବାଗ ଦେଇ ଗତି କରୁଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ସିକିମ୍, ତେଲେଙ୍ଗାନାର କିଛି ଅଞ୍ଚଳ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ ଓ ବିହାରର ଅବଶିଷ୍ଟ ଅଂଶ, ଝାଡ଼ଖଣ୍ଡ ଓ ଛତିଶଗଡ଼ରୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାବର୍ତ୍ତନ କରିବ ।

ପରବର୍ତ୍ତୀ ୨ରୁ ୩ ଦିନ ମଧ୍ୟରେ ଉତ୍ତର-ପୂର୍ବ ଭାରତରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ଅନୁକୂଳ

**ଚଳିତ ବର୍ଷ ସବୁଠୁ ଶୀଘ୍ର ଆସିଥିଲା**

ରହିଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୬ରୁ ୭ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରାରେ ବଡ଼ ପରିବର୍ତ୍ତନ ହେବ ନାହିଁ । ୧୫ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବିଜୁଳି, ଘଡ଼ଘଡ଼ି ସହ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବ ।

# ପୁରୀକୁ ବିଶ୍ୱସ୍ତରୀୟ ଧାର୍ମିକ ସହର ଭାବେ ଗଢ଼ି ତୋଳାଯିବ : ମୁଖ୍ୟମନ୍ତ୍ରୀ

- ହବିଷ୍ୟାଳୀ ଶିବିରରେ ମୁଖ୍ୟମନ୍ତ୍ରୀ
- କାର୍ତ୍ତିକ ବ୍ରତ ଓଡ଼ିଶାର ଅନନ୍ୟ ପରମ୍ପରା : ମୋହନ



**ଭୁବନେଶ୍ୱର, ୧୩।୧୦:** ପୁରୀ ଠାରେ କାର୍ତ୍ତିକ ହବିଷ୍ୟାଳି ବ୍ରତ ୨୦୨୫ ଆୟୋଜନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସୋମବାର ନରେନ୍ଦ୍ର କୋଣ ସ୍ଥିତ ବୃନ୍ଦାବତୀ ନିବାସ ଠାରେ ଉପସ୍ଥିତ ରହି ହବିଷ୍ୟାଳି ମା'ମାନଙ୍କ ସହ ମିଶିଥିଲେ ଏବଂ ଏହି ଅବସରରେ ସେ କହିଥିଲେ ଯେ ହବିଷିଆଳୀ ମା'ମାନଙ୍କ ଭକ୍ତି ହେଉଛି ଓଡ଼ିଶାର ନୈତିକ ଶକ୍ତି ଓ ଓଡ଼ିଆ ସଂସ୍କୃତି ଓ ଅସ୍ମିତାର ଜୀବନ୍ତ ପ୍ରତୀକ।

କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କାର୍ତ୍ତିକ ମାସ ହେଉଛି ଆତ୍ମସଂଯମ, କରୁଣା ଓ ଭକ୍ତିର ମାସ ଭାବରେ ଓଡ଼ିଆ ସଂସ୍କୃତିରେ ବିଶେଷ ଗୁରୁତ୍ୱ ରଖେ। ସେ ଉଲ୍ଲେଖ କରିଥିଲେ ଯେ ଓଡ଼ିଆ ମା'ମାନେ ଶତାବ୍ଦୀ ଧରି ହବିଷ ପାଳନ କରି ଆସୁଛନ୍ତି ଓ ଏହି ପାରମ୍ପରିକତା ଓଡ଼ିଶାର ନୈତିକ ଶକ୍ତିକୁ ପ୍ରତିନିଧିତ୍ୱ କରେ।

ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଆଗାମୀ ବର୍ଷରୁ ହବିଷିଆଳୀ ମା'ମାନଙ୍କ ପାଇଁ ସମର୍ପିତ ଡିଜିଟାଲ୍ ପଞ୍ଜୀକରଣ ବ୍ୟବସ୍ଥା ଆରମ୍ଭ ହେବ, ଯେଉଁଥିରେ ଚିକିତ୍ସା ଓ ଜରୁରୀ ସେବା ଉପଲବ୍ଧ ରହିବ।

ଏହି ଅବସରରେ ଉଲ୍ଲେଖ କରିଥିଲେ ଯେ ପୁରୀ କେବଳ ଏକ ଧର୍ମୀୟ ସ୍ଥାନ ନୁହେଁ, ଏହା ଓଡ଼ିଆ ଭକ୍ତି ଓ ଆସ୍ଥାର ପ୍ରତୀକ। ସରକାର ପୁରୀକୁ ବିଶ୍ୱସ୍ତରୀୟ ଧାର୍ମିକ ସହର ଭାବେ ଉନ୍ନତ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ଏହି ସହରକୁ ମହାନଗର ନିଗମ ଭାବେ ଘୋଷଣା ତାହାର ପ୍ରଥମ ପଦକ୍ଷେପ।ସେ ଆଶା ବ୍ୟକ୍ତ କରିଥିଲେ ଯେ ହବିଷିଆଳୀ ମା'ମାନଙ୍କ ଭକ୍ତି ଓ ପ୍ରାର୍ଥନା ଓଡ଼ିଶାକୁ ଆଶୀର୍ବାଦ କରିବ ଏବଂ ସମାଜକୁ ଶାନ୍ତି, ପଥରେ ଆଗେଇ ନେବ।

ସେ କହିଥିଲେ ଯେ ଚଳିତ ବର୍ଷ ପ୍ରାୟ ୨ ହଜାର ୫୦୦ ହବିଷିଆଳୀ ମା'ମାନଙ୍କ ପାଇଁ ସରକାର ପକ୍ଷରୁ ୫ଟି ନିର୍ଦ୍ଧାରିତ ସ୍ଥଳରେ — ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ରେଳୱେ ଟୁରିଷ୍ଟ କମ୍ପ୍ଲେକ୍ସ, ରେଳୱେ କଲ୍ୟାଣ ମଣ୍ଡପ ଓ ମୋଚିସାହି କଲ୍ୟାଣ ମଣ୍ଡପ — ରହିବା ଓ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ସେଥିପାଇଁ ସରକାର ପକ୍ଷରୁ ପ୍ରାୟ ୩ କୋଟି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ଓ ଏହା ଗତ ବର୍ଷ ତୁଳନାରେ ୭୦ ଲକ୍ଷ ଅଧିକ ଥିବା ତଥ୍ୟ ମୁଖ୍ୟମନ୍ତ୍ରୀ ଦେଇଥିଲେ।

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଲେ କାନାଡାର ବୈଦେଶିକ ମନ୍ତ୍ରୀ



ନୂଆଦିଲ୍ଲୀ (ପିଆଇବି) : କାନାଡାର ବୈଦେଶିକ ବ୍ୟାପାର ମନ୍ତ୍ରୀ ଶୁଶ୍ରୀ ଅନୀତା ଆନନ୍ଦ ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି । ପ୍ରଧାନମନ୍ତ୍ରୀ ବୈଦେଶିକ ମନ୍ତ୍ରୀ ଆନନ୍ଦଙ୍କୁ ସ୍ୱାଗତ କରିବା ସହ କହିଥିଲେ ଯେ, ତାଙ୍କର ଗସ୍ତ ଭାରତ-କାନାଡା ଦ୍ୱିପାକ୍ଷିକ ସହଯୋଗିତାକୁ ଗତି ପ୍ରଦାନ ଲାଗି ହେଉଥିବା ଉଦ୍ୟମକୁ ସହାୟତା କରିବ । ପ୍ରଧାନମନ୍ତ୍ରୀ ଚଳିତ ବର୍ଷ ଜୁନ ମାସରେ ଜି୭ ଶିଖର ସମ୍ମିଳନୀ ପାଇଁ ହୋଇଥିବା ତାଙ୍କର କାନାଡା ଗସ୍ତ ଓ ସେଠାରେ ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ସହ ହୋଇଥିବା ଫଳପ୍ରଦ ବୈଠକ କଥା ସ୍ମରଣ କରିଥିଲେ । ପ୍ରଧାନମନ୍ତ୍ରୀ ବାଣିଜ୍ୟ, ଶକ୍ତି, ପ୍ରଯୁକ୍ତିବିଦ୍ୟା, କୃଷି ଏବଂ ଲୋକମାନଙ୍କ ମଧ୍ୟରେ ସମ୍ପର୍କ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ସହଯୋଗର ଗୁରୁତ୍ୱ ବିଷୟରେ କହିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ, ପ୍ରଧାନମନ୍ତ୍ରୀ ଶ୍ରୀ ମାର୍କ କାର୍ନିଙ୍କୁ ତାଙ୍କର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ, ସେ ତାଙ୍କର ଆଗାମୀ ସାକ୍ଷାତ ଓ ଆଲୋଚନା ପାଇଁ ଅପେକ୍ଷା କରିଛନ୍ତି ।



ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପୁରୀ ଗସ୍ତ ସମୟରେ ବାଟରେ କାଦୁଆ ଠାରେ ଅଟକି ଜଣେ ପଇଡ ବିକ୍ରେତା ଠାରୁ ପଇଡ କିଣି ପିଇ ୧୦୦୦ ଟଙ୍କା ଦେବା ସହ ଏବଂ ପଇଡ ବିକୁଥିବା ବେପାରୀ ଶ୍ରୀଧର ମହାପାତ୍ରଙ୍କ ସହିତ ଦୁଃଖ ସୁଖ ହୋଇଥିଲେ ।

# କୃଷି କ୍ଷେତ୍ରର ଉନ୍ନତି ଓ ନୂତନ ପଦକ୍ଷେପ ସମୀକ୍ଷା କଲେ କେନ୍ଦ୍ର କୃଷିମନ୍ତ୍ରୀ

ନୂଆଦିଲ୍ଲୀ (ପିଆଇବି) : କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ କୃଷି କ୍ଷେତ୍ରର ପ୍ରଗତି ସମୀକ୍ଷା କରିବା ପାଇଁ ଆଜି ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରିଥିଲେ । ବୈଠକରେ ଖରିଫ ଫସଲ ସ୍ଥିତି, ରବି ବୁଣା ପ୍ରସ୍ତୁତି, ବନ୍ୟା ପ୍ରଭାବିତ ଅଞ୍ଚଳରେ ଫସଲ ପରିସ୍ଥିତି, ମୂଲ୍ୟ ଧାରା, ସାର ଉପଲବ୍ଧତା ଏବଂ ଜଳଭଣ୍ଡାର ସଂରକ୍ଷଣ ସ୍ତରର ବ୍ୟାପକ ମୂଲ୍ୟାଙ୍କନ କରାଯାଇଥିଲା । କେନ୍ଦ୍ରମନ୍ତ୍ରୀ ବୈଠକରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ମଧ୍ୟ ଜାରି କରିଥିଲେ । ଅଧିକାରୀମାନେ ସୂଚନା ଦେଇଥିଲେ ଯେ, ଖରିଫ ଫସଲ ଅଧୀନରେ ମୋଟ ଜମି ପୂର୍ବ ବର୍ଷ ତୁଳନାରେ ୬.୫୧ ଲକ୍ଷ ହେକ୍ଟର ବୃଦ୍ଧି ପାଇଛି । ମୋଟ ଚାଷ ଜମି ୧୧୨୧.୪୬ ଲକ୍ଷ ହେକ୍ଟର ରହିଛି, ଯାହା ୨୦୨୪-୨୫ରେ ୧୧୧୪.୯୫ ଲକ୍ଷ ହେକ୍ଟର ଥିଲା । ବୈଠକରେ ଉଲ୍ଲେଖ କରାଯାଇଛି ଯେ, ଗହମ, ଧାନ, ମକା, ଆଖୁ ଏବଂ ଡାଲି ଭଳି ପ୍ରମୁଖ ଫସଲର ଚାଷ ପୂର୍ବ ବର୍ଷ ତୁଳନାରେ ବୃଦ୍ଧି ପାଇଛି । ଆହୁରି ସୂଚନା ଦିଆଯାଇଥିଲା ଯେ, ବିରି ଚାଷ ଜମିରେ ୧.୫୦ ଲକ୍ଷ ହେକ୍ଟର ବୃଦ୍ଧି ପାଇଛି - ୨୦୨୪-୨୫ ରେ ୨୨.୮୭ ଲକ୍ଷ ହେକ୍ଟରରୁ ୨୦୨୫- ୨୬ ରେ ୨୪.୩୭ ଲକ୍ଷ ହେକ୍ଟର ହୋଇଛି । କେନ୍ଦ୍ରମନ୍ତ୍ରୀ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକର ପରିସ୍ଥିତି ମଧ୍ୟ ସମୀକ୍ଷା କରିଥିଲେ । ଶ୍ରୀ ଚୌହାନ, ନିକଟରେ କିଛି ରାଜ୍ୟରେ ବନ୍ୟା ଏବଂ ଭୂସ୍ଖଳନ ଦ୍ୱାରା ପ୍ରଭାବିତ ଜିଲ୍ଲା ଗସ୍ତ କରିଥିଲେ । ତାଙ୍କୁ ସୂଚନା ଦିଆଯାଇଥିଲା, ଅତ୍ୟଧିକ ବର୍ଷା କିଛି ଅଞ୍ଚଳରେ



ଫସଲକୁ ପ୍ରଭାବିତ କରିଥିବା ବେଳେ, ଅନ୍ୟ ଅଞ୍ଚଳଗୁଡ଼ିକ ଭଲ ମୌସୁମୀରୁ ଉପକୃତ ହୋଇଛନ୍ତି । ଯାହା ଫଳରେ ଫସଲ ବୃଦ୍ଧି ପାଇଛି ଯାହା ରବି ବିହନ ଏବଂ ସାମଗ୍ରିକ ଉତ୍ପାଦନକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି । ଅଧିକାରୀମାନେ ଆହୁରି ସୂଚନା ଦେଇଥିଲେ ଯେ, ଟମାଟୋ ଏବଂ ପିଆଜର ରୋପଣ ସୁଗମ ଭାବରେ ଚାଲିଛି । ପିଆଜ ଚାଷ ଜମି ୨୦୨୪-୨୫ରେ ୩.୬୨ ଲକ୍ଷ ହେକ୍ଟରରୁ ବୃଦ୍ଧି ପାଇ ଏବେ ୩.୯୧ ଲକ୍ଷ ହେକ୍ଟର ହୋଇଛି । ଯେତେବେଳେ କି ଆଳୁ ଚାଷ ୦.୩୫ ଲକ୍ଷ ହେକ୍ଟରରୁ ୦.୪୩ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଛି । ସେହିପରି, ଟମାଟୋ ରୋପଣ ଗତ ବର୍ଷ ସମାନ ସମୟ ମଧ୍ୟରେ ୧.୮୬ ଲକ୍ଷ ହେକ୍ଟରରୁ ବୃଦ୍ଧି ପାଇ ଚଳିତ ବର୍ଷ ୨.୩୭ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଛି । ବୈଠକରେ ଉଲ୍ଲେଖ କରାଯାଇଛି, ଆଳୁ, ପିଆଜ ଏବଂ ଟମାଟୋର ରୋପଣ କାର୍ଯ୍ୟ ନିର୍ଦ୍ଧାରିତ ଲକ୍ଷ୍ୟ ଅନୁସାରେ ଭଲ ଭାବରେ ଅଗ୍ରଗତି କରିଛି । ଅଧିକାରୀମାନେ କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଇଥିଲେ ଯେ, ବର୍ତ୍ତମାନର ଚାଉଳ ଏବଂ ଗହମ ଷ୍ଟକ୍ ସ୍ତର ନିର୍ଦ୍ଧାରିତ ବଫର ମାନଦଣ୍ଡଠାରୁ ଅଧିକ ଅଛି, ଯାହା ଏକ ସ୍ଥିର ଯୋଗାଣ ସ୍ଥିତିକୁ ସୂଚିତ କରେ । ଜଳ ଉପଲବ୍ଧତା ସମ୍ପର୍କରେ, ଶ୍ରୀ ଚୌହାନଙ୍କୁ ଅବଗତ କରାଯାଇଥିଲା ଯେ, ସାରା ଦେଶରେ ଜଳଭଣ୍ଡାର ସଂରକ୍ଷଣ ସ୍ତର ଗତ ବର୍ଷର ସମାନ ସମୟ ଏବଂ ଗତ ଦଶନ୍ଧିର ହାରାହାରି ତୁଳନାରେ ଯଥେଷ୍ଟ ଭଲ । ବର୍ତ୍ତମାନ ସୁଦ୍ଧା, ୧୬୧ଟି ପ୍ରମୁଖ ଜଳଭଣ୍ଡାର ଗତ ବର୍ଷର ୧୦୩.୫୧ ପ୍ରତିଶତ ଏବଂ ଦଶ ବର୍ଷର ହାରାହାରି ସଂରକ୍ଷଣର ୧୧୫ ପ୍ରତିଶତ ରଖିଛି, ଯାହା କୃଷି ଉତ୍ପାଦନ ପାଇଁ ଏକ ସକାରାତ୍ମକ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ । ଶ୍ରୀ ଚୌହାନ ସାରର ଉପଲବ୍ଧତା ସମୀକ୍ଷା କରିଥିଲେ ଏବଂ ଆଗାମୀ ମାସଗୁଡ଼ିକରେ ସୁଗମ ଏବଂ ସମୟୋଚିତ ଯୋଗାଣ ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯେକୌଣସି ବାଧାକୁ ରୋକିବା ପାଇଁ ସେ ରସାୟନ ଏବଂ ସାର ମନ୍ତ୍ରଣାଳୟ ସହିତ ଘନିଷ୍ଠ ସମନ୍ୱୟ ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଅଧିକାରୀମାନେ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ଯେ, ଆଗାମୀ କୃଷି ଋତୁ ପାଇଁ ସାର ଆବଶ୍ୟକତାର ଆକଳନ ଏବଂ ପୂରଣ କରିବା ପାଇଁ ରାଜ୍ୟଗୁଡ଼ିକ ସହିତ ନିରନ୍ତର ସମନ୍ୱୟ ରଖାଯାଇଛି ।

## କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟରେ ରାଷ୍ଟ୍ରୀୟ ଶିକ୍ଷାନୀତି ଆଲୋଚନା ଚକ୍ରରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ

# ନୂଆ ଶିକ୍ଷାନୀତି ଭାରତୀୟ ଚିନ୍ତନ ଓ ଆଧୁନିକ ଜ୍ଞାନର ସେତୁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ, ପୁରୀ ଠାରେ ଆୟୋଜିତ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ସନ୍ଦର୍ଭରେ, ଭାରତୀୟ ଜ୍ଞାନ ପରମ୍ପରା ସମ୍ପର୍କରେ ଆଲୋଚନା ଚକ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି ଯେ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ହେଉଛି ଏକବିଂଶ ଶତାବ୍ଦୀର ପ୍ରଥମ ଶିକ୍ଷାନୀତି ଯାହାକି ଆମ ଦେଶର ବିକାଶମୂଳକ ଆବଶ୍ୟକତାକୁ ସମାଧାନ କରିବାର ଲକ୍ଷ୍ୟ ରଖିଛି । କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତର ପରମ୍ପରା ଓ ମୂଲ୍ୟବୋଧ ଉପରେ ନିର୍ଭର କରୁଥିବାବେଳେ ଏସଡିଜି ୪ ସହିତ ଏକବିଂଶ ଶତାବ୍ଦୀର ଶିକ୍ଷାର ଆକାଂକ୍ଷିତ ଲକ୍ଷ୍ୟ ସହିତ ସମତୁଲ ଏକ ନୂତନ ବ୍ୟବସ୍ଥା ପ୍ରଚଳନ ପାଇଁ ନିୟମାବଳୀ ଓ ପ୍ରଶାସନ ସହିତ ଶିକ୍ଷା ସଂରଚନାର ସମସ୍ତ ଦିଗଗୁଡ଼ିକର ସଂଶୋଧନ ଓ ପୁନଃନିର୍ମାଣ ପାଇଁ ପ୍ରସ୍ତାବ ଦେଇଛି । ରାଷ୍ଟ୍ରୀୟ ଶିକ୍ଷାନୀତି ପ୍ରତ୍ୟେକ ବ୍ୟକ୍ତିର ସୃଜନଶୀଳ ସାମର୍ଥ୍ୟର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେଇଛି । ଶିକ୍ଷା ନୀତି ଏହି ସିଦ୍ଧାନ୍ତ ଉପରେ ଆଧାରିତ ଯେ,ଶିକ୍ଷା କେବଳ ଜ୍ଞାନଗତ କ୍ଷମତାର ବିକାଶ ନୁହେଁ — ସାକ୍ଷରତା ଏବଂ ସଂଖ୍ୟାଗତ ଦକ୍ଷତାର "ମୌଳିକ ସାମର୍ଥ୍ୟ" ଏବଂ ବିଶ୍ଳେଷଣାତ୍ମକ ଚିନ୍ତନ । ଏହି ରାଷ୍ଟ୍ରୀୟ ଶିକ୍ଷା ନୀତି ଭାରତୀୟ ଲୋକାଚାର ଉପରେ ଆଧାରିତ ଏକ ଶିକ୍ଷା ବ୍ୟବସ୍ଥା ଉପରେ ପର୍ଯ୍ୟବେସିତ, ଯାହାକି ଭାରତକୁ ରୂପାନ୍ତର କରିବାରେ ସିଧାସଳଖ ଅବଦାନ ଦେବ, ଅର୍ଥାତ ଏକ ସମାନତା ଓ ଉତ୍ସାହୀ ଜ୍ଞାନଭିତିକ ସମାଜରେ ସମସ୍ତଙ୍କୁ ଉଚ୍ଚ ଗୁଣାତ୍ମକମାନର ଶିକ୍ଷା ପ୍ରଦାନ କରି ଭାରତକୁ ଜ୍ଞାନର ଏକ ବିଶ୍ୱ ଶକ୍ତିରେ ପରିଣତ କରିବ । ମୁଖ୍ୟମନ୍ତ୍ରୀ ଏହି ସମୟରେ ଯୁବବର୍ଗଙ୍କୁ ଭାରତୀୟ ଜ୍ଞାନ ପରମ୍ପରା, ସଂସ୍କୃତି ଓ ଗୌରବମୟ ଇତିହାସ ସହ ପରିଚିତ କରାଇବାର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି । ସେ କହିଥିଲେ ଯେ ଭାରତ ଏକ ଏଭଳି



ଦେଶ ଯାହା ବିଦେଶୀ ଆକ୍ରମଣ ସତ୍ତ୍ୱେ ମଧ୍ୟ ନିଜର ଆଦି ଜ୍ଞାନ ଓ ସଂସ୍କୃତିକୁ ଅବିକଳ ରଖିଛି । ଏହି ଐତିହ୍ୟକୁ ସୁରକ୍ଷିତ ଓ ସକ୍ରିୟ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ । ନିଜର ପ୍ରାଚୀନ ଜ୍ଞାନ ଏବଂ ସଂସ୍କୃତିକୁ ବଜାୟ ରଖିବା ଯେ କୌଣସି ଜାଗାରୁ ରାଷ୍ଟ୍ରର କର୍ତବ୍ୟ ଅଟେ । କଳା, ସଙ୍ଗୀତ, ସାହିତ୍ୟ, ନ୍ୟାୟ, ଦର୍ଶନ, ସ୍ଥାପତ୍ୟ, ଯୋଗ, ବିଜ୍ଞାନ, ଧାତୁ ବିଜ୍ଞାନ, ଜ୍ୟୋତିଷ, ଭୂଗୋଳ, ଗଣିତ, ଚିକିତ୍ସା, ରସାୟନ ଶାସ୍ତ୍ର ଏବଂ କୃଷି ଆଦି ପ୍ରତ୍ୟେକ କ୍ଷେତ୍ରରେ ଭାରତୀୟ ଚିନ୍ତନ ଏବଂ ଗବେଷଣା ଉପଲବ୍ଧ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶିକ୍ଷା ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ ହେଉଛି ଉତମ ମଣିଷ ସୃଷ୍ଟି କରିବା, ଯାହାଠାରୁ ଯୁକ୍ତିପୂର୍ଣ୍ଣ ଚିନ୍ତନ, ଦୟା ଓ ସମାନୁଭୂତି, ସାହସ ଓ ସ୍ଥିରତା, ବୈଜ୍ଞାନିକ ଭାବଧାରା, ସୃଜନଶୀଳ କଳ୍ପନା ଏବଂ ନୈତିକ ମୂଲ୍ୟବୋଧର ବିକାଶ ହେବ । ସେ କହିଥିଲେ ଯେ, ଏକ ଉତମ ଶିକ୍ଷାନୁଷ୍ଠାନ ସେହିଠି ଯେଉଁଠି ଶିକ୍ଷାର୍ଥୀ ନିଜକୁ ଦ୍ୱିତୀୟ ଘରରେ ଅନୁଭବ କରନ୍ତି, ଯେଉଁଠି ସୁରକ୍ଷିତ, ପ୍ରେରଣାଦାୟୀ ଓ ସମାନତାପୂର୍ଣ୍ଣ ପରିବେଶ ରହେ । ସେ କହିଥିଲେ, ଶିକ୍ଷାନୀତି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସଂବିଧାନିକ ମୂଲ୍ୟବୋଧ ଏବଂ ଦେଶପ୍ରେମର ଭାବନା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ । ଶିକ୍ଷା କେବଳ ନିଜ ସ୍ୱାର୍ଥ ପାଇଁ ନୁହେଁ, ବରଂ ସମସ୍ତଙ୍କ ହିତ ଏବଂ ସମାଜ କଲ୍ୟାଣ ପାଇଁ ଅଟେ — ଏହା ହେଉଛି ଭାରତୀୟ ଜ୍ଞାନ ପରମ୍ପରାର ମୂଳ ମନ୍ତ୍ର । ସେ ଆହୁରି କହିଥିଲେ, ଆମ ଦେଶର ପ୍ରାଚୀନ ଋଷିମୁନିମାନେ ଯେପରି ଶିକ୍ଷାକୁ ସର୍ବହିତ ପାଇଁ ଉପକାରୀ କରିଥିଲେ, ତାହାର ଅନୁସରଣ ଆଜିର ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା । ଭାରତୀୟ ଚିନ୍ତନ ଓ ଗବେଷଣା ଯେପରି କଳା, ସାହିତ୍ୟ, ବିଜ୍ଞାନ, ନ୍ୟାୟ, ଦର୍ଶନ, ଯୋଗ, ଜ୍ୟୋତିଷ, ଗଣିତ, ଚିକିତ୍ସା ଓ କୃଷି ସହିତ ସମସ୍ତ କ୍ଷେତ୍ରରେ ଅମୂଲ୍ୟ ଅବଦାନ ରଖିଛି, ସେଗୁଡ଼ିକୁ ଯୁବପିଢ଼ିଙ୍କ ସମ୍ମୁଖରେ ଆଣିବା ଅତିଆବଶ୍ୟକ । ମୁଖ୍ୟମନ୍ତ୍ରୀ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ଉଦ୍ଧୃତ କରି କହିଥିଲେ ଯେ, "ଲୋକଙ୍କ କଲ୍ୟାଣ ହିଁ ଶାସକଙ୍କ ସତ୍ୟ ଆନନ୍ଦ' ଏବଂ ସେ ଉଲ୍ଲେଖ କରିଥିଲେ ଯେ, ଭାରତୀୟ ଗଣତାନ୍ତ୍ରିକ ଚିନ୍ତନର ଆଧାର ହେଉଛି କର୍ତ୍ତବ୍ୟ ଏବଂ ପ୍ରଜାଧର୍ମ — ଯେଉଁଠି ଶାସକ ଓ ପ୍ରଜାଙ୍କ ସମ୍ପର୍କ ପିତା—ପୁତ୍ର ସମାନ ଭାବରେ ଦେଖାଯାଇଥାଏ । କାର୍ଯ୍ୟକ୍ରମ ରେ ମୁଖ୍ୟବକ୍ତା ଭାବେ ଭାରତୀୟ ଶିକ୍ଷା ଓ ସଂସ୍କୃତିକ ମୂଲ୍ୟବୋଧ ଉପରେ ଜୋର ଦେଇ ସଚିବ, ଶିକ୍ଷା ସଂସ୍କୃତି ଉତଥାନ ନ୍ୟାସ, ନୂଆଦିଲ୍ଲୀ ଡ଼. ଅତୁଲ କୋଠାରୀ କହିଛନ୍ତି ଯେ ଶିକ୍ଷା କେବଳ ଜୀବିକା ପାଇଁ ନୁହେଁ, ଏହା ଜୀବନ ଗଠନର ଆଧାର । ଆମ ଶିକ୍ଷା ପ୍ରଣାଳୀରେ ଭାରତୀୟ ମୂଲ୍ୟ, ଆଦର୍ଶ ଓ ସଂସ୍କୃତିକ ଚେତନାକୁ ଆଣିବା ଆଜିର ସମୟର ଆବଶ୍ୟକତା । ଆମେ ଯଦି ଶିକ୍ଷାକୁ ରାଷ୍ଟ୍ର ଗଠନର ସାଧନା ଭାବେ ଦେଖିବା, ତେବେ ଆଗାମୀ ପିଢ଼ି ଜ୍ଞାନୀ, କର୍ତ୍ତବ୍ୟନିଷ୍ଠ ଓ ଦେଶଭକ୍ତ ନାଗରିକ ଭାବେ ଗଢ଼ିଉଠିବେ । ସେ ଆହୁରି ମଧ୍ୟ କହିଥିଲେ ଯେ ନୂଆ ରାଷ୍ଟ୍ରୀୟ ଶିକ୍ଷାନୀତି (ଏନଇପି ୨୦୨୦) ଭାରତୀୟ ଚିନ୍ତନ ଓ ଆଧୁନିକ ଜ୍ଞାନର ସମନ୍ୱୟ । ଏହା ମାଧ୍ୟମରେ ଆମେ ସଂସ୍କୃତିକ ମୂଳକୁ ମଜବୁତ କରି, ଗ୍ଲୋବାଲ ଦୃଷ୍ଟିକୋଣ ସହ ଆଗକୁ ବଢ଼ିପାରିବୁ । ଉକ୍ତ ସଭାରେ ମହାସଚିବ, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ପରାମର୍ଶଦାତା ଡ଼. ପଙ୍କଜ ମିତ୍ତଲ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀଙ୍କ ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ହୋଇଥିଲେ । ସୂଚନା ଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମ ରେ ଭାରତୀୟ ଜ୍ଞାନ ପରମ୍ପରା, ଶିକ୍ଷା ସଂସ୍କାର, ଏବଂ ନୂତନ ଶିକ୍ଷାନୀତିର ଲକ୍ଷ୍ୟଗୁଡିକ ଉପରେ ଗଭୀର ଚର୍ଚ୍ଚା ଓ ଆଲୋଚନା ହୋଇଛି । ସଂଗୋଷ୍ଠୀର ଉଦ୍ଦେଶ୍ୟ ହେଉଛି ଭାରତୀୟ ଶିକ୍ଷା ଚିନ୍ତନ ଓ ପାରମ୍ପରିକ ଜ୍ଞାନ ସଂପଦକୁ ଆଧୁନିକ ଶିକ୍ଷା ସହ ସମନ୍ୱୟ କରିବା । ତିନି ଦିନ ଧରି ଚାଲୁଥିବା ସଂଗୋଷ୍ଠୀରେ "ଶିକ୍ଷା ଏବଂ ଭାରତୀୟ ମୂଲ୍ୟବୋଧ", "ଭାରତୀୟ ଜ୍ଞାନ ପରମ୍ପରା ଓ ଆଧୁନିକ ଶିକ୍ଷା ସମନ୍ୱୟ", "ରାଷ୍ଟ୍ରୀୟ ଶିକ୍ଷାନୀତିର ଭିତ୍ତିଭୂମି ଏବଂ ଦିଗନିର୍ଦ୍ଦେଶ" ଭଳି ବିଷୟ ଉପରେ ବିଶେଷ ଅଧିବେଶନ ହେବ ।

## ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ପାଇଁ ଜଙ୍ଗଲ ଭୂମି ବିଭାଜନ ପ୍ରଗତିର ସମୀକ୍ଷା

# ଅଧିକାରୀମାନଙ୍କୁ ତ୍ୱରିତ ଅନୁମୋଦନ ଓ ନିର୍ଦ୍ଧାରିତ ସମୟସୀମା ଅନୁସରଣ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର : ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ , ଭାରତୀୟ ରେଳବାଇ, ଓପିଟିସିଏଲ , ଜିଏସଆଇ ଓ ରିଲାୟନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍ ର ମୁଖ୍ୟ ଅବସ୍ଥାପନା ପ୍ରକଳ୍ପଗୁଡ଼ିକ ପାଇଁ ଜଙ୍ଗଲ ଭୂମି ବିଭାଜନ ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ଜଙ୍ଗଲ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ନିରାକରଣ ପାଇଁ ଏକ ସମନ୍ୱୟ ବୈଠକ ସୋମବାର ଗୃହ ବିଭାଗର ସମ୍ମିଳନୀ କକ୍ଷରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବ ପୂର୍ବବର୍ତୀ ସେପ୍ଟେମ୍ବର ମାସରେ ହୋଇଥିବା ବୈଠକରେ ଆଲୋଚିତ ପ୍ରକଳ୍ପଗୁଡ଼ିକର ପ୍ରଗତି ଓ ସମୀକ୍ଷା କରି ଆଜିର ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପିଏମଜି (ଚଗଏ)/ପ୍ରଗତି ପୋର୍ଟାଲରେ ଥିବା ମୁଖ୍ୟ ପ୍ରକଳ୍ପଗୁଡ଼ିକର ସ୍ଥିତି ସମୀକ୍ଷା କରିଛନ୍ତି । ଏଗୁଡ଼ିକ ମଧ୍ୟରେ କ୍ୟାପିଟାଲ ରିଜିଅନ୍ ରିଙ୍ଗ ରୋଡ୍ ପ୍ରକଳ୍ପ, ଦକ୍ଷିଣ ପୂର୍ବ ରେଳବାଇର ଗୋରୁ-ମହିସାଣୀ ନୂତନ ରେଳ ଲାଇନ୍, ରିଲାୟନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ୪ ଜି ଭିତିକ ମୋବାଇଲ ସେବା ପ୍ରକଳ୍ପ, ଜିଓଲଜିକାଲ ସର୍ଭେ ଅଫ୍ ଇଣ୍ଡିଆ ର ଖନନ ଅନୁସନ୍ଧାନ ପ୍ରସ୍ତାବ, ସେଲ୍ ର କାଲ୍‌ଟା ଆଇରନ ଓର ଖଣି, ଓପିଟିସିଏଲର ଟ୍ରାନ୍ସମିସନ ଲାଇନ୍ ପ୍ରକଳ୍ପ, କଲ୍ୟାଣୀ ଷ୍ଟିଲ୍ ର ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଂଟ ପ୍ରସ୍ତାବ ଆଦି ଅନ୍ତର୍ଭୁକ୍ତ । ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ଜଙ୍ଗଲ ଭୂମି ବିଭାଜନ ଅନୁମୋଦନ ପ୍ରକ୍ରିୟାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ତ୍ୱରାନ୍ୱିତ କରିବାକୁ ଓ ସମସ୍ତ ମାମଲା ସକ୍ରିୟ ଭାବେ ସମାଧାନ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ସମସ୍ତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଡିଭିଜନ ବନାଞ୍ଚଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ପର୍ଯ୍ୟାୟରେ ନିୟମିତ ନୀରୀକ୍ଷଣ ଓ ସହଯୋଗ କରି ଅନାବଶ୍ୟକ ବିଳମ୍ବ ରୋକିବା ପାଇଁ ନୋଡାଲ୍ ଅଫିସରମାନଙ୍କୁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ । ୟୁଜର ଏଜେନସି ବା ଉପଭୋକ୍ତା ସଂସ୍ଥାମାନେ ମଧ୍ୟ ସେମାନଙ୍କର ସମସ୍ତ ଆବଶ୍ୟକ ଡକ୍ୟୁମେଂଟ, ମ୍ୟାପ ଓ ତତ୍‌ସମ୍ବନ୍ଧୀୟ ନଥି ଡିଏଫଓଙ୍କୁ ତ୍ୱରିତ ଦାଖଲ କରିବେ ଯାହା ଦ୍ୱାରା ପ୍ରକ୍ରିୟା ସମୟ କମିବ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆହୁରି କହିଥିଲେ ଯେ ଜଙ୍ଗଲ ଭୂମି ବିଭାଜନ ପ୍ରସ୍ତାବଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ଭିତରେ ପ୍ରକ୍ରିୟା କରାଯିବା ଦରକାର । ସମସ୍ତ ସମ୍ବନ୍ଧିତ ବିଭାଗ ଓ ସଂସ୍ଥାମାନଙ୍କ ସମନ୍ୱୟରେ କାମ କରି ସମୟୋପଯୋଗୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ଅତିରିକ୍ତ ପିସିସିଏଫ୍ (ନୋଡାଲ୍) କେ. ମୁରୁଗେସନ୍, ସିସିଏଫ୍ (ନୋଡାଲ୍) ଏ.କେ. କର, ସ୍ୱତନ୍ତ୍ର କର୍ତବ୍ୟରତ ଅଧିକାରୀ ଓ ସ୍ୱତନ୍ତ୍ର ସଚିବ ଲିଙ୍ଗରାଜ ଓଟା, ଓପିଟିସିଏଲ ର ସିଏମଡି ଭାସ୍କର ଜ୍ୟୋତି ଶର୍ମା, ରେଳବାଇର ମୁଖ୍ୟ ଯନ୍ତ୍ରୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଓ ବିଭାଗୀୟ ବନ ଅଧିକାରୀ, ୟୁଜର ଏଜେନ୍ସିର ଅଧିକାରୀମାନେ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇଥିଲେ ।

# ବିପର୍ଯ୍ୟୟ ବିପଦ ହ୍ରାସ କ୍ଷେତ୍ରରେ ଭାରତର ବହୁମୁଖୀ ସଂସ୍ଥାଗତ ଢାଞ୍ଚା ଉପରେ ଆଲୋକପାତ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ

ନୂଆଦିଲ୍ଲୀ (ପିଆଇବି) : ବିପର୍ଯ୍ୟୟ ବିପଦ ହ୍ରାସ (ଡିଆରଆର) ଉପରେ ଜି୨୦ ମନ୍ତ୍ରୀସ୍ତରୀୟ ବୈଠକର ପ୍ରଥମ ଦିନରେ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ଦୁଇଟି ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି । ଏହି ଦୁଇଟି କାର୍ଯ୍ୟକ୍ରମ ହେଲା - ''ଏକତା ଏବଂ ଦୃଢ଼ତା: ଆଗୁଆ ଚେତାବନୀ ପ୍ରଣାଳୀ ପାଇଁ ଅନ୍ତର୍ଜାତୀୟ ସହଯୋଗ ଏବଂ ଏକଜୁଟତା ଜରିଆରେ ଡିଆରଆରକୁ ଆଗକୁ ବଢାଇବା'' ଏବଂ ''ଡିଆରଆର ନିବେଶକୁ ବୃଦ୍ଧି କରିବା ପାଇଁ ବୈଷୟିକ ନବସୃଜନ ଏବଂ ରାଜନୈତିକ ନେତୃତ୍ୱ ମଧ୍ୟରେ ସମ୍ପର୍କ ସ୍ଥାପନ କରିବା ।'' ଏକତା ଏବଂ ଦୃଢ଼ତା ଉପରେ ଆୟୋଜିତ ଅଧିବେଶନରେ ଡକ୍ଟର ମିଶ୍ର କହିଥିଲେ, ଆଗୁଆ ଚେତାବନୀ ବ୍ୟବସ୍ଥା କେବଳ ବୈଷୟିକ ବିଳାସ ନୁହେଁ ଏବଂ ବିପର୍ଯ୍ୟୟ ପ୍ରଶମନକୁ ଦୃଢ଼ କରିବା ପାଇଁ ଏକ ରଣନୀତିକ ନିବେଶ । ସେ ଭାରତର ବହୁମୁଖୀ ସଂସ୍ଥାଗତ ଢାଞ୍ଚା ବିଷୟରେ ଉଲ୍ଲେଖ କରିଥିଲେ । ଏହି ଢାଞ୍ଚା ପାଣିପାଗ, ଜଳବିଜ୍ଞାନ, ଭୂକମ୍ପ ଏବଂ ସମୁଦ୍ର ବିଜ୍ଞାନ ପ୍ରତିଷ୍ଠାନଗୁଡ଼ିକୁ ଏକୀକୃତ କରିଥାଏ । ବର୍ତ୍ତମାନ ସୁଦ୍ଧା ଏହି ବ୍ୟବସ୍ଥା ୧୦୯ ବିଲିୟନରୁ ଅଧିକ ଚେତାବନୀ ଓ ସତର୍କ ସୂଚନା ଜାରି କରିସାରିଛି । ବିଶ୍ୱସ୍ତରୀୟ ପ୍ରାରମ୍ଭିକ ଚେତାବନୀ ଢାଞ୍ଚା ଅଧୀନରେ ଆନ୍ତଃପରିଚାଳିତ ଆଞ୍ଚଳିକ ପ୍ଲାଟଫର୍ମ, ସହଭାଗୀ ତଥ୍ୟ ପ୍ରୋଟୋକଲ ଏବଂ ମିଳିତ କ୍ଷମତା-ନିର୍ମାଣ ପଦକ୍ଷେପକୁ ସୁଦୃଢ଼ କରିବା ଲାଗି ସେ ଜି୨୦ ଦେଶଗୁଡ଼ିକୁ ଅନୁରୋଧ କରିଥିଲେ । ସେ କହିଥିଲେ, ଭାରତ ପ୍ରାରମ୍ଭିକ ଚେତାବନୀକୁ ଏକ ବିଶ୍ୱବ୍ୟାପୀ ସାର୍ବଜନୀନ ହିତ



ଭାବରେ ଦେଖିଥାଏ, ଯାହା ସମାବେଶୀ, ବହୁଭାଷୀ ଏବଂ ପୂର୍ବାନୁମାନ ଉପରେ ଆଧାରିତ । ଡିଆରଆରକୁ ଆର୍ଥିକ ସହାୟତା ପ୍ରଦାନ ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ଡକ୍ଟର ମିଶ୍ର ଜି-୨୦ ସ୍ୱେଚ୍ଛାକୃତ ଉଚ୍ଚସ୍ତରୀୟ ନୀତିଗୁଡ଼ିକ ମଧ୍ୟରୁ ନୀତି ୨ ଏବଂ ୪ ଅନୁରୂପ ଭାରତର ପାଞ୍ଚ ସ୍ତମ୍ଭ ବିଶିଷ୍ଟ ଆର୍ଥିକ ରଣନୀତି ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ସେ ଅର୍ଥ ଆୟୋଗ ଅଧୀନରେ ଭାରତର ସାମ୍ବିଧାନିକ ଆଧାର ମଡେଲ ବିଷୟରେ ବର୍ଣ୍ଣନା କରିଥିଲେ, ଯାହା ବହୁ-ବର୍ଷିଆ, ନିୟମ-ଆଧାରିତ ଡିଆରଆର ଆବଣ୍ଟନ, ରାଜ୍ୟ ତଥା ସ୍ଥାନୀୟ ସଂସ୍ଥାଗୁଡ଼ିକୁ ବିକେନ୍ଦ୍ରୀକୃତ ପାଣ୍ଠି ଯୋଗାଣ ଏବଂ ଜାତୀୟ ବିପର୍ଯ୍ୟୟ ବିପଦ ସୂଚକାଙ୍କ ମାଧ୍ୟମରେ ପ୍ରମାଣ- ଆଧାରିତ ପ୍ରାଥମିକତାକୁ ସୁନିଶ୍ଚିତ କରିଛି । ଏକ ରିଲିଫ୍-କୈନ୍ଦ୍ରିକରୁ ଏକ ବିପଦ-ସୂଚିତ ଦୃଷ୍ଟାନ୍ତ ଦିଗରେ ଭାରତର ପରିବର୍ତ୍ତନ ଉପରେ ଆଲୋକପାତ କରି ସେ ଅଭିନବ ସ୍ଥାନୀୟ ସ୍ତରୀୟ ପ୍ରଣାଳୀ ବିଷୟରେ ସୂଚନା ଦେଇଥିଲେ । ଏହାବ୍ୟତୀତ ଡକ୍ଟର ମିଶ୍ର ସମର୍ପିତ ପ୍ରଶମନ ପାଣ୍ଠି, ବିପଦ-ଆଧାରିତ କାର୍ଯ୍ୟକ୍ରମ ଏବଂ ଆପଦା ମିତ୍ର ସ୍ୱେଚ୍ଛାସେବୀଙ୍କ ମାଧ୍ୟମରେ ଗୋଷ୍ଠୀ ଭିତ୍ତିକ ପ୍ରସ୍ତୁତି ବିଷୟରେ କହିଥିଲେ । ଏଗୁଡ଼ିକ ପ୍ରତ୍ୟକ୍ଷ ଭାବେ ସରକାରୀ ପାଣ୍ଠି ଯୋଗାଣ ଏବଂ ପ୍ରଶାସନରେ ଦୃଢ଼ତାକୁ ଗ୍ରହଣ କରିଛି । ଏହି ଅବସରରେ ଡକ୍ଟର ମିଶ୍ର ଦକ୍ଷିଣ ଆଫ୍ରିକା, ବ୍ରାଜିଲ, ଅଷ୍ଟ୍ରେଲିଆ ଏବଂ ନେଦରଲ୍ୟାଣ୍ଡ ସହିତ ଦ୍ୱିପାକ୍ଷିକ ବୈଠକରେ ଅଂଶଗ୍ରହଣ କରିଥିଲେ । ଦକ୍ଷିଣ ଆଫ୍ରିକାର ସମବାୟ ଶାସନ ଏବଂ ପାରମ୍ପରିକ ବ୍ୟାପାର ମନ୍ତ୍ରୀ ଭେଲେନକୋସିନି ଲାବିସାଙ୍କ ସହ ତାଙ୍କ ବୈଠକରେ ସେ ସିଡିଆରଆଇ ସଦସ୍ୟତା ସମେତ ମିଳିତ କ୍ଷମତା ନିର୍ମାଣ ଅଭ୍ୟାସକୁ ପ୍ରୋତ୍ସାହିତ କରିଥିଲେ । ଡକ୍ଟର ମିଶ୍ର ଅଷ୍ଟ୍ରେଲିଆର ଆପାତକାଳ ପ୍ରଶମନ ମନ୍ତ୍ରୀ ସୁଶ୍ରୀ କ୍ରିଷ୍ଟି ମ୍ୟାକବେନଙ୍କ ସହ ଡିଆରଆର ପାଇଁ ଭିନ୍ନ ପାଣ୍ଠି ବ୍ୟବସ୍ଥା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଡକ୍ଟର ମିଶ୍ର ନେଦରଲ୍ୟାଣ୍ଡର ଉପମନ୍ତ୍ରୀ ପ୍ରଫେସର ଡକ୍ଟର ମାର୍ଟେନ ଭାନ ଆଲଷ୍ଟଙ୍କ ସହ ସାକ୍ଷାତରେ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଏହାର ପ୍ରସାର ପାଇଁ ପ୍ରଯୁକ୍ତିବିଦ୍ୟା ଏବଂ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ସ୍ତରରେ ବିପର୍ଯ୍ୟୟ ସ୍ଥିରତା ବୃଦ୍ଧି କରିବାରେ ସାଂଗଠନିକ ସହଯୋଗକୁ ପ୍ରୋତ୍ସାହିତ କରିବା ଉପରେ ଆଲୋକପାତ କରିଥିଲେ । ବ୍ରାଜିଲର ଉପମନ୍ତ୍ରୀ ଭାଲଡର ରିବେରୋଙ୍କ ସହ ସାକ୍ଷାତ ଅବସରରେ ୨୦୨୪ ମସିହାରେ ବ୍ରାଜିଲର ସଭାପତିତ୍ୱ ସମୟରେ ସ୍ଥାପିତ ଦୃଢ଼ ମୂଳଦୁଆକୁ ମନେ ପକାଇ ଡକ୍ଟର ମିଶ୍ର ସ୍ଥିର ପୁନରୁଦ୍ଧାର, ପ୍ରକୃତି-ଆଧାରିତ ସମାଧାନ ଏବଂ ସ୍ଥାୟୀ ପୁନଃନିର୍ମାଣ ଉପରେ ମିଳିତ ପଦକ୍ଷେପ ଜାରି ରଖିବା ପାଇଁ ଭାରତର ଅଭିପ୍ରାୟ ପ୍ରକାଶ କରିଥିଲେ । ଶେଷରେ ଡକ୍ଟର ମିଶ୍ର ନବସୃଜନ, ଅନ୍ତର୍ଭୁକ୍ତିମୂଳକ ଆର୍ଥିକ ସହାୟତା ଏବଂ ଅନ୍ତର୍ଜାତୀୟ ଏକଜୁଟତା ମାଧ୍ୟମରେ ସ୍ୱେଚ୍ଛାକୃତ ଉଚ୍ଚ-ସ୍ତରୀୟ ନୀତିଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ପୁନଃଦୋହରାଇଥିଲେ । ଦୃଢ଼ ବିପର୍ଯ୍ୟୟ ପ୍ରଶମନ ବ୍ୟବସ୍ଥା ଜରିଆରେ ଦୀର୍ଘସ୍ଥାୟୀ ବିକାଶ ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ ।

# ହମାସ ସାତ ଜଣ ଇସ୍ରାଏଲ ବନ୍ଦୀଙ୍କୁ ରେଡକ୍ରସକୁ ହସ୍ତାନ୍ତର କଲା

ଗାଜା ଷ୍ଟ୍ରିପ୍/ତେଲ ଅଭିଭ : ଗାଜାରେ ଯୁଦ୍ଧବିରତି ଚୁକ୍ତି ଅନୁଯାୟୀ ଆଜି ଏବେଠାରୁ କିଛି ମିନିଟ ପୂର୍ବରୁ ଆତଙ୍କବାଦୀ ଗୋଷ୍ଠୀ ହମାସ ସାତ ଇସ୍ରାଏଲ ବନ୍ଦୀଙ୍କୁ ରେଡକ୍ରସକୁ ହସ୍ତାନ୍ତର କରିଥିଲା । ବନ୍ଦୀଙ୍କୁ ମୁକ୍ତ କରିବ । ଖବର ଶୁଣି ତାଙ୍କ ପରିବାର ଭାବପ୍ରବଣ ହୋଇ ଉଠିଥିଲେ । ଦି ଟାଇମ୍ସ ଅ୍ ଇସ୍ରାଏଲ ଖବରକାଗଜ ଅନୁଯାୟୀ ଇସ୍ରାଏଲ ତେଲ ଅବିବରେ ବନ୍ଦୀ ସ୍କୋୟାରରେ ଏକ ବିଶାଳ ସ୍କ୍ରିନରେ ଗାଜାରୁ ଲାଇଭ ପ୍ରସାରଣ ହେଉଛି । ଦ ଟାଇମ୍ସ ଅ ସରକାର ଏହାର ବ୍ୟବସ୍ଥା କରାଯାଇଛି । ଲୋକମାନେ ଉତ୍ସାହର ସହିତ ପ୍ରସାରଣ ଦେଖୁଛନ୍ତି ଏବଂ ଶୁଣୁଛନ୍ତି । କରତାଳି ହେଉଛି । ଅନେକ ବନ୍ଧକଙ୍କ ଫଟୋ ସହିତ ପତାକା କିମ୍ବା ପୋଷ୍ଟର ହଲାଇଛନ୍ତି । ଏଠାରେ ଲୋକମାନେ ବହୁତ ପୂର୍ବରୁ ପହଂଚି ସାରିଛନ୍ତି । କିଛି ବନ୍ଧକଙ୍କ ପରିବାର ରିମ୍ ସାମରିକ ବାୟୁ ଘାଟିରେ ଉପସ୍ଥିତ ଅଛନ୍ତି । ବନ୍ଧକମାନଙ୍କୁ ଏଠାକୁ ଅଣାଯିବାକୁ ଅଛି ।ବନ୍ଦୀ ଏବଂ ନିଖୋଜ ପରିବାର ମଂଚ ଲୋକମାନଙ୍କ ସହିତ ରାତିସାରା ବନ୍ଦୀସ୍କୋୟାରରେ ପାଳନ କରିଥିଲା । ଅବଶିଷ୍ଟ ବନ୍ଧକମାନଙ୍କୁ ସକାଳ ୧୦ ଟାରେ ଖାନ ୟୁନିସ ଏବଂ ଅନ୍ୟାନ୍ୟ ଅଂଚଳରୁ ମୁକ୍ତ କରାଯିବ । ଇସ୍ରାଏଲ ପୂର୍ବରୁ ସଙ୍କେତ ଦେଇଥିଲେ ଯେ ମୁକ୍ତିର ଦ୍ୱିତୀୟ ପର୍ଯ୍ୟାୟ ସକାଳ ୯ ଟାରେ ହେବ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ପ୍ରାୟ ୯ ଟା ସମୟରେ ଇସ୍ରାଏଲରେ ପହଂଚିବାର କାର୍ଯ୍ୟକ୍ରମ ରହିଛି । ଗୋଟିଏ ଘଣ୍ଟା ବିଳମ୍ବର କାରଣ ତୁରନ୍ତ ସ୍ପଷ୍ଟ ହୋଇନାହିଁ ।

# ନୂଆସାହିଠାରେ କୃତିମ ବନ୍ୟାର ସ୍ଥାୟୀ ପ୍ରତିକାର ଓ ବାଲେଶ୍ୱର ମହାନଗର ନିଗମ ପାଇଁ ବୈଠକ

ବାଲେଶ୍ୱର (ମାନିସ) : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ନୂଆସାହି ଛକ ଠାରେ ବର୍ଷାରେ ସୃଷ୍ଟି କୃତିମ ବନ୍ୟା ର ସ୍ଥାୟୀ ପ୍ରତିକାର ଓ ବାଲେଶ୍ୱର ମହାନଗର ନିଗମ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ ରାଉତ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ,ସଦର ବିଧାୟକ ମାନସ କୁମାର ଦତ୍ତ,ବାଲେଶ୍ୱର ପୌର ଅଧକ୍ଷା ସବିତା ସାହୁଙ୍କ ସମେତ ବିଭିନ୍ନ ଅଞ୍ଚଳର ସରପଞ୍ଚ,ପୌରପାଳିକା କାଉନସିଲର, ବିଭାଗୀୟ ଅଧିକାରୀ ପ୍ରମୁଖ ଏହି ବୈଠକ ରେ ଉପସ୍ଥିତ ଥିଲେ । ନୂଆସାହି ଛକ ନିକଟରେ ବର୍ଷା କାରଣରୁ ବିଭିନ୍ନ ସମୟରେ ସୃଷ୍ଟି ହେଉଥିବା କୃତ୍ରିମ ବନ୍ୟାର ସ୍ଥାୟୀ ସମାଧାନ ପାଇଁ ବ୍ୟୟ ବରାଦ ଏବଂ ଡିପିଆର ପ୍ରସ୍ତୁତ ହୋଇସାରିଛି । ଏହି କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ ।ଏଥିସହ ବାଲେଶ୍ୱର ମହାନଗର ନିଗମ ଗଠନ ନିମନ୍ତେ ଆଲୋଚନା କରାଯାଇଥିଲା ବୋଲି ଉପମୁଖ୍ୟ ସଚେତକ ଶ୍ରୀ ଦାସ ସୂଚନା ଦେଇଛନ୍ତି ।

# ରାଜସ୍ଥାନରେ ୪ ଲକ୍ଷ କୋଟିର ନିବେଶ ପ୍ରସ୍ତାବ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହକୁ ଉଦଘାଟନ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

ନୂଆଦିଲ୍ଲୀ (ପିଆଇବି) : ଆଜି, କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ରାଜସ୍ଥାନର ଜୟପୁରରେ ନୂତନ ଅପରାଧିକ ଆଇନ ଉପରେ ଏକ ରାଜ୍ୟସ୍ତରୀୟ ପ୍ରଦର୍ଶନୀକୁ ଉଦଘାଟନ କରି, ୪ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହା ବ୍ୟତୀତ ଶ୍ରୀ ଶାହ ରାଜସ୍ଥାନ ସରକାରଙ୍କ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ଅବସରରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଶ୍ରୀ ଭଜନ ଲାଲ ଶର୍ମା, କେନ୍ଦ୍ର ଗୃହ ସଚିବ ଶ୍ରୀ ଗୋବିନ୍ଦ ମୋହନ ଏବଂ ଅନ୍ୟ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ନିଜର ଅଭିଭାଷଣରେ ଶ୍ରୀ ଶାହ କହିଥିଲେ ଯେ, ଆଜିର କାର୍ଯ୍ୟକ୍ରମ ଏପରି ଏକ ଅବସର ଯାହା ବିକାଶ ଏବଂ ନ୍ୟାୟ ମଧ୍ୟରେ ସମନ୍ୱୟ ରକ୍ଷା କରିଥାଏ । ସେ କହିଛନ୍ତି, ଦେଶର ଅପରାଧିକ ନ୍ୟାୟ ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ଆଣିବା ଏବଂ ସମ୍ବିଧାନ ଦ୍ୱାରା ଦିଆଯାଇଥିବା ଅଧିକାରକୁ ସରଳ ଭାବରେ ଲୋକଙ୍କ ନିମନ୍ତେ, ତିନୋଟି ନୂତନ ଅପରାଧିକ ଆଇନ ଉପସ୍ଥାପନ କରିବା ପାଇଁ ଆଜି ଏଠାରେ ଏକ ଅତ୍ୟାଧୁନିକ ପ୍ରଦର୍ଶନୀ ଆରମ୍ଭ କରାଯାଉଛି । ରାଜସ୍ଥାନର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ରାଇଜିଂ ରାଜସ୍ଥାନ କାର୍ଯ୍ୟକ୍ରମରେ ସ୍ୱାକ୍ଷରିତ ହୋଇଥିବା ୩୫ ଲକ୍ଷ କୋଟି ଟଙ୍କାର ବୁଝାମଣା ପତ୍ର (ଏମଓୟୁ) ମଧ୍ୟରୁ ୩ ଲକ୍ଷ କୋଟି ଟଙ୍କା କାର୍ଯ୍ୟକାରୀ ହୋଇସାରିଛି, ଏବଂ ଅତିରିକ୍ତ ୪ ଲକ୍ଷ କୋଟି ଟଙ୍କାର ଏମଓୟୁର ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଶ୍ରୀ ଶାହ କହିଥିଲେ ଯେ, ଅପରାଧିକ ନ୍ୟାୟ ବ୍ୟବସ୍ଥା ସହିତ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତି ଏହି ପ୍ରଦର୍ଶନୀକୁ ନିଶ୍ଚୟ ପରିଦର୍ଶନ କରିବା ଉଚିତ, କାରଣ ଏହା ଆଗାମୀ ଦିନରେ ଆମ ଅପରାଧିକ ନ୍ୟାୟ ବ୍ୟବସ୍ଥାରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ସଠିକ୍ ଭାବେ ଦର୍ଶାଉଛି । ଏହି ପ୍ରଦର୍ଶନୀ ମାଧ୍ୟମରେ ଲୋକମାନେ ଜାଣିବେ ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପ୍ରବର୍ତ୍ତିତ ତିନୋଟି ନୂତନ ଆଇନ କିପରି ୧୬୦ ବର୍ଷ ପୁରୁଣା ଆଇନକୁ ବଦଳାଇ, ୨୦୨୭ ପରେ ଦାଖଲ ହୋଇଥିବା କୌଣସି ଏଫ୍. ଆଇ. ଆର୍. ପାଇଁ ତିନି ବର୍ଷ ମଧ୍ୟରେ ନ୍ୟାୟ ସୁନିଶ୍ଚିତ କରିବ । ଶ୍ରୀ ଶାହ ଗୁରୁତ୍ୱାରୋପ କରିଥିଲେ, ନୂତନ ଅପରାଧିକ ଆଇନ ଦେଶର ଜନସାଧାରଣଙ୍କୁ ସମୟୋଚିତ, ସୁଲଭ ଏବଂ ସରଳ ନ୍ୟାୟ ପ୍ରଦାନ କରିବ । ପ୍ରଧାନମନ୍ତ୍ରୀ ଦେଶରେ ସହଜ ଜୀବନଯାପନ ପାଇଁ ଅନେକ ପରିବର୍ତ୍ତନ କରିଛନ୍ତି ଏବଂ ଏହି ନୂତନ ଆଇନର କାର୍ଯ୍ୟକାରିତା ସହିତ, ସହଜ ନ୍ୟାୟ କ୍ଷେତ୍ରରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେବ । କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି, ତିନୋଟି ନୂତନ ଆଇନ ମାଧ୍ୟମରେ ଆମର ଅପରାଧିକ ନ୍ୟାୟ ବ୍ୟବସ୍ଥା ଦଣ୍ଡ ପରିବର୍ତ୍ତେ ନ୍ୟାୟ ଉପରେ ଧ୍ୟାନ ଦେବ । ସେ କହିଥିଲେ, ଏହି ଆଇନଗୁଡ଼ିକୁ ସାରା ଦେଶରେ ସଠିକ୍ ଭାବେ ଲାଗୁ କରାଯାଇଛି ଏବଂ ଗୃହ ମନ୍ତ୍ରଣାଳୟ (ଏମ୍. ଏଚ୍. ଏ.) ସମସ୍ତ ରାଜ୍ୟକୁ ସେଗୁଡ଼ିକର କାର୍ଯ୍ୟାନ୍ୱୟନ ଏବଂ ପରବର୍ତ୍ତୀ ପଦକ୍ଷେପ ପାଇଁ ମାର୍ଗଦର୍ଶନ ପ୍ରଦାନ କରୁଛି । ବ୍ରିଟିଶମାନଙ୍କ ଦ୍ୱାରା ପ୍ରସ୍ତୁତ ଆଇନକୁ ବଦଳାଇବା, ଯାହା ସେମାନଙ୍କ ସଂସଦରେ ପାରିତ ହୋଇଥିଲା, ଏବଂ ଭାରତୀୟମାନଙ୍କ ଦ୍ୱାରା ପ୍ରସ୍ତୁତ ଆଇନ ସହିତ ବ୍ରିଟିଶ ଶାସନକୁ ସୁରକ୍ଷା ଦେବା ପାଇଁ ପରିକଳ୍ପନା କରାଯାଇଥିଲା, ଯାହା ଭାରତୀୟ ସଂସଦରେ ପାରିତ ହୋଇଥିଲା ଏବଂ ଭାରତୀୟମାନଙ୍କୁ ନ୍ୟାୟ ପ୍ରଦାନ କରିବା ଏକ ଐତିହାସିକ ସଫଳତା । ଶ୍ରୀ ଶାହ କହିଛନ୍ତି, ନୂତନ ଅପରାଧିକ ଆଇନରେ ମହିଳା ଏବଂ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧ ପାଇଁ ଏକ ପୃଥକ ଅଧ୍ୟାୟ ଯୋଡାଯାଇଛି । ଇ-ଏଫ୍. ଆଇ. ଆର୍. ଏବଂ ଶୂନ୍ୟ ଏଫ୍. ଆଇ. ଆର୍. ପାଇଁ ବ୍ୟବସ୍ଥା କରାଯାଇଛି, ସମସ୍ତ ଜବତ ପାଇଁ ଭିଡିଓଗ୍ରାଫି ବାଧ୍ୟତାମୂଳକ କରାଯାଇଛି ଏବଂ ସାତ ବର୍ଷରୁ ଅଧିକ ଦଣ୍ଡବିଧାନ ଥିବା ଅପରାଧ ପାଇଁ ଫରେନସିକ୍ ତଦନ୍ତ ବାଧ୍ୟତାମୂଳକ କରାଯାଇଛି । ସେ କହିଥିଲେ ଯେ, ରାଜସ୍ଥାନରେ ଦୋଷୀ ସାବ୍ୟସ୍ତ ହାର ୪୨ ପ୍ରତିଶତ ଥିଲା, ଯାହା ଏହି ଆଇନଗୁଡ଼ିକୁ ଲାଗୁ କରିବାର ମାତ୍ର ଗୋଟିଏ ବର୍ଷ ମଧ୍ୟରେ ୬୦ ପ୍ରତିଶତକୁ ବୃଦ୍ଧି ପାଇଛି । ଥରେ ଏହି ଆଇନଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଲାଗୁ ହୋଇଗଲେ, ଏହି ହାର ୬୦ ପ୍ରତିଶତରୁ ୯୦ ପ୍ରତିଶତକୁ ବୃଦ୍ଧି ପାଇବ । ଶ୍ରୀ ଶାହ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ଆଇନଗୁଡ଼ିକର ସୁଚାରୁ ରୂପେ କାର୍ଯ୍ୟକାରିତା ପାଇଁ ୨୦୨୦ରେ ଜାତୀୟ ଫରେନସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଏନ୍. ଏଫ୍. ଏସ୍. ୟୁ.) ପ୍ରତିଷ୍ଠା କରାଯାଇଥିଲା ଏବଂ ବୈଜ୍ଞାନିକ ଅନୁସନ୍ଧାନରେ ତାଲିମପ୍ରାପ୍ତ ଯୁବକମାନଙ୍କ ଏକ ନୂତନ କାର୍ଯ୍ୟବଳ ସୃଷ୍ଟି କରିବା ପାଇଁ ସାରା ଦେଶରେ ଅନୁବନ୍ଧିତ କଲେଜ ଖୋଲାଯାଉଛି । କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି, ନୂତନ ଅପରାଧିକ ଆଇନରେ ଭାରତର ନ୍ୟାୟିକ ବ୍ୟବସ୍ଥାରେ ପ୍ରଥମ ଥର ପାଇଁ ଆତଙ୍କବାଦ, ଗଣଦୁଷ୍କର୍ମ, ସଂଗଠିତ ଅପରାଧ ଏବଂ ଡିଜିଟାଲ ଅପରାଧକୁ ପରିଭାଷିତ କରାଯାଇଛି । ସେ କହିଥିଲେ ଯେ, ଏହି ଆଇନଗୁଡ଼ିକ ୨୯ରୁ ଅଧିକ ଭିନ୍ନ ଭିନ୍ନ ବ୍ୟବସ୍ଥାରେ ସମୟସୀମା ନିର୍ଦ୍ଧାରଣ କରିଥାଏ । ଦେଶ ଛାଡ଼ି ପଳାୟନ କରିଥିବା ଅପରାଧୀମାନଙ୍କ ପାଇଁ ଦଣ୍ଡ ସୁନିଶ୍ଚିତ କରିବା ପାଇଁ ଅନୁପସ୍ଥିତିରେ ବିଚାର ପାଇଁ ଏକ ବ୍ୟବସ୍ଥା ମଧ୍ୟ ପ୍ରବର୍ତ୍ତନ କରାଯାଇଛି । ତିନୋଟି ନୂତନ ଅପରାଧିକ ଆଇନର ପ୍ରଚଳନ ଭାରତରେ ଏକବିଂଶ ଶତାବ୍ଦୀର ସର୍ବବୃହତ ସଂସ୍କାର ବୋଲି ଶ୍ରୀ ଶାହ ବର୍ଣ୍ଣନା କରିଥିଲେ ।

# ହ୍ୟାଲୋ ବଲିଉଡ୍



## ମହେଶ ଭଟ୍ଟଙ୍କ ବିବାଦୀୟ ଖୁଲାସା

ବଲିଉଡର ଜଣେ ଜଣାଶୁଣା ନିର୍ଦ୍ଦେଶକ ତଥା ପ୍ରଯୋଜକ ଭାବରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ମହେଶ ଭଟ୍ଟ । ଫିଲ୍ମ ଅପେକ୍ଷା ତାଙ୍କ ବାସ୍ତବ ଜୀବନ ସର୍ବଦା ବିବାଦର ଶିରୋନାମରେ ରହିଥାଏ । ମହେଶ ଭଟ୍ଟଙ୍କ ଝିଅ ପୂଜା ଭଟ୍ଟଙ୍କ ପୋଡକାଷ୍ଟରେ ତାଙ୍କ ଏକ ବୟାନ ନୂତନ ବିବାଦ ସୃଷ୍ଟି କରିଛି। ସେ କହିଛନ୍ତି ଯେ ତାଙ୍କ ସଂଘର୍ଷପୂର୍ଣ୍ଣ ଦିନଗୁଡ଼ିକରେ, ସେ ଜଣେ ତାନ୍ତ୍ରିକଙ୍କ ନିର୍ଦ୍ଦେଶରେ ଜଣେ ନିବେଶକଙ୍କୁ ମଣିଷ ମାଂସ ଖୁଆଇଥିଲେ। ଏହି ବୟାନ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଥିଲା। ଲୋକମାନେ ପଚାରିବା ଆରମ୍ଭ କଲେ, 'ଏହା କ'ଣ ଫିଲ୍ମ ସ୍କ୍ରିପ୍ଟ ନା ସତ୍ୟ?' ଭଟ୍ଟ ସାହେବଙ୍କ ସ୍ପଷ୍ଟବାଦୀତା ସର୍ବଦା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି, ଏବଂ ଏହା କେବଳ ସଦ୍ୟତମ ଘଟଣା। ଏହା ପ୍ରଥମ ଥର ନୁହେଁ ଯେତେବେଳେ ମହେଶ ଭଟ୍ଟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ୧୯୮୦ ଦଶକକୁ ମନେ ପକାନ୍ତୁ। 'ଅର୍ଥ' ନିର୍ମାଣ କରିବା ସମୟରେ ସେ ତାଙ୍କ ବ୍ୟକ୍ତିଗତ ଜୀବନ ଏବଂ ବିବାଦୀୟ ସମ୍ପର୍କକୁ ଚଳଚ୍ଚିତ୍ରର କାହାଣୀରେ ସାମିଲ କରିଥିଲେ। ଚଳଚ୍ଚିତ୍ର ମୁକ୍ତିଲାଭ ପରେ, ଲୋକମାନେ ତାଙ୍କର ସ୍ପଷ୍ଟବାଦୀତା ଏବଂ ଆତ୍ମଜୀବନୀ ଶୈଳୀରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ୧୯୯୩ ମସିହାରେ, ଯେତେବେଳେ ସେ ପରବୀନ ବାବିଙ୍କ ସହ ତାଙ୍କ ସମ୍ପର୍କ ବିଷୟରେ 'ଫିର୍ ତେରୀ କାହାନୀ ଆଇ' ତିଆରି କରିଥିଲେ, ଲୋକମାନେ ତାଙ୍କ ସାହସକୁ ସମାଲୋଚନା ଏବଂ ପ୍ରଶଂସା କରିଥିଲେ। ୧୯୯୮ ମସିହାରେ ମହେଶ ଭଟ୍ଟ 'ଜଖମ୍' ତିଆରି କରିଥିଲେ। ଏହା ଜଣେ ମୁସଲିମ୍ ମା ଏବଂ ଜଣେ ହିନ୍ଦୁ ପିତାଙ୍କ ମଧ୍ୟରେ ସମ୍ପର୍କକୁ ପ୍ରକାଶ କରିଥିଲା।

### କରୁର ଦଳାଚକଟା ମାମଲା

# ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ:** ଅଭୁଆରେ ସାଉଥ ସୁପରଷ୍ଟାର୍ ବିଜୟ । ତାମିଲନାଡୁର କରୁରରେ ହୋଇଥିବା ଦଳାଚକଟା ମାମଲାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସୁପ୍ରିମକୋର୍ଟ ଏହି ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଜେକେ ମାହେଶ୍ୱରୀ ଏବଂ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି ଦୁଃଖଦ ଘଟଣାର ନିରପେକ୍ଷ ଏବଂ ନିରପେକ୍ଷ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



ଉଲ୍ଲେଖଯୋଗ୍ୟ ଯେ ସେପ୍ଟେମ୍ବର ୨୭ ତାରିଖରେ ଟିଭିକେ ମୁଖ୍ୟ ଏବଂ ଅଭିନେତା ବିଜୟ ଯୋଗ ଦେଇଥିବା ଏକ ରାଲିରେ କରୁରରେ ଦଳାଚକଟା ହୋଇଥିଲା। ଦଳାଚକଟାରେ ୪୧ ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ ଅନେକ ଆହତ ହୋଇଥିଲେ। । ଟିଭିକେର ଅଭିଯୋଗ କରିଛି, କରୁରରେ ଦଳାଚକଟା ଏକ ଦୁର୍ଘଟଣା ନଥିଲା ।ଏହା ଏକ ଅପରାଧ ମୂଳକ ଷଡ଼ଯନ୍ତ୍ର ଥିଲା । ଡିଏମକେ ସରକାରଙ୍କ ଦ୍ୱାରା ଏହି ଷଡ଼ଯନ୍ତ୍ର ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି ।

ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ପରେ, ସୁପ୍ରିମକୋର୍ଟ ତିନି ଜଣିଆ କମିଟି ଗଠନ କରିଛନ୍ତି। ଏହି କମିଟି ସିବିଆଇ ତଦନ୍ତ ତଦାରଖ କରିବେ। ଏହି କମିଟିର ନେତୃତ୍ୱ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଅଜୟ ରସ୍ତୋଗୀ ନେବେ। ଆବେଦନର ଶୁଣାଣି ସମୟରେ, କୋର୍ଟ ତାମିଲନାଡୁ ସରକାରଙ୍କୁ ପ୍ରଶ୍ନ କରିଥିଲେ ଯେ ଟିଭିକେ ରାଲି ପାଇଁ କାହିଁକି ଅନୁମତି ଦିଆଯାଇଥିଲା। ଏହା ବ୍ୟତୀତ, ମାମଲାଟି ମଦୁରାଇ ବେଞ୍ଚର କ୍ଷେତ୍ରାଧିକାର ମଧ୍ୟରେ ଥିବା ବେଳେ ହାଇକୋର୍ଟ କିପରି ଝଓଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ବୋଲି କୋର୍ଟ ପ୍ରଶ୍ନ ଉଠାଇଛନ୍ତି।

# ଧନତେରାସ ପୂର୍ବରୁ ସୁନା ଓ ରୁପା ଦର ଉପରମୁହାଁ

## ଗୋଟିଏ ସପ୍ତାହରେ ରୂପା ଦାମରେ ୧୯ହଜାର ଟଙ୍କା ବୃଦ୍ଧି

**ନୂଆଦିଲ୍ଲୀ:** ଧନତେରାସ ପୂର୍ବରୁ ସୁନାରୁପା ଦର ଉପର ମୁହାଁ। ଚଳିତ ସପ୍ତାହରେ ସୁନା ଓ ରୁପା ମୂଲ୍ୟରେ ବ୍ୟାପକ ବୃଦ୍ଧି। ଅକ୍ଟୋବର ମାସର ୬ରୁ ୧୧ ତାରିଖ ମଧ୍ୟରେ ରୁପା ଦାମ୍‌ରେ ୧୯ ହଜାର ଟଙ୍କାର ବୃଦ୍ଧି ହୋଇଛି । ଫଳରେ ରୁପା କେଜି ୧,୯୦,୦୦୦ ଟଙ୍କା ଭଳି ରେକର୍ଡ ସ୍ତରରେ ପହଞ୍ଚିଯାଇଛି । ସୁନା ବି ମହଙ୍ଗା ହୋଇଛି । ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୫୬୦୦ ଟଙ୍କା ଓ ୨୪ କ୍ୟାରେଟ୍ ସୁନା ଦାମ୍ ୬୧୨୦ ଟଙ୍କା ବଢ଼ିଛି । ଧନତେରାସ ପୂର୍ବରୁ ଏଭଳି ଦରବୃଦ୍ଧି ଗ୍ରାହକଙ୍କ ପକେଟ ଉପରେ ପ୍ରଭାବ ପକାଇଛି ।ଟ୍ରମ୍ପଙ୍କ ଟାରିଫ୍ ନୀତି ସହ ରାଜନୈତିକ ସଙ୍କଟକୁ ଏଥିପାଇଁ ଦାୟୀ କରିଛନ୍ତି ବଜାର ବିଶେଷଜ୍ଞ ।



ସେପଟେ ସୁନା ଓ ରୁପା ଦରରେ ହେଉଥିବା ବୃଦ୍ଧିର ଅନେକ କାରଣ ରହିଛି । ବିଶେଷଜ୍ଞମାନଙ୍କ କହିବାନୁସାରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ଦୁର୍ବଳ ସ୍ଥିତିରେ ଥିବାରୁ ସୁନା ଆମଦାନୀ ମହଙ୍ଗା ହୋଇଛି। ଅନ୍ତର୍ଜାତୀୟ ବଜାରରେ ମଧ୍ୟ ସୁନାର ଆଉନ୍ସ ପିଛା ଦର ପ୍ରଥମ ଥର ୪୦୦୦ ଡଲାରରୁ ଅଧିକ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ନୀତିରେ ଅନିଶ୍ଚିତତା, ଭୂରାଜନୈତିକ ସଙ୍କଟ ଆଦିକୁ ମଧ୍ୟ ସୁନା ଓ ରୁପା ଦରବୃଦ୍ଧିର ଅନ୍ୟତମ କାରଣ କୁହାଯାଉଛି। ରୁପାକୁ ଶିଳ୍ପ କାରଖାନାଗୁଡ଼ିକରେ ବ୍ୟାପକ ଭାବେ ବ୍ୟବହାର କରାଯାଉଥିବାରୁ ତାହାର ଚାହିଦା ବଢ଼ିବା ସହ ଦର ବଢୁଛି। ଗତ ସପ୍ତାହରେ ହୋଇଥିବା ଦରବୃଦ୍ଧି ପାଇଁ ଆମେରିକା ସରକାରରେ ସଟ୍‌ଡାଉନ୍‌କୁ ମଧ୍ୟ ଦାୟୀ କରାଯାଉଛି।

### ଆଇଆରସିଟିସି ଦୁର୍ନୀତି ମାମଲା

# ଲାଲୁ-ରାବିଡ଼ି-ତେଜସ୍ୱୀଙ୍କ ବିରୋଧରେ ଚାର୍ଜଫ୍ରେମ୍

**ନୂଆଦିଲ୍ଲୀ:** ଆରଜେଡି ମୁଖ୍ୟ ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ, ପୂର୍ବତନ ମୁଖ୍ୟମନ୍ତ୍ରୀ ରାବିଡ଼ି ଦେବୀ ଏବଂ ବିହାର ବିଧାନସଭାରେ ବିରୋଧୀ ଦଳ

**ସ୍ୱତନ୍ତ୍ର ସିବିଆଇ କୋର୍ଟ ଲାଲୁ ଯାଦବଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବାକୁ ନିଷ୍ପତ୍ତି ନେଇଛନ୍ତି।**

ନେତା ତେଜସ୍ୱୀ ଯାଦବଙ୍କୁ ଝଟକା। ଆଇଆରସିଟିସି ଦୁର୍ନୀତି ଏବଂ ଚାକିରି ପାଇଁ ଜମି ମାମଲାରେ ଲାଲୁ, ରାବିଡ଼ି ଏବଂ ତେଜସ୍ୱୀଙ୍କ ବିରୋଧରେ ଚାର୍ଜଫ୍ରେମ ଉପରେ ରାୟ ପ୍ରକାଶ କରିଛନ୍ତି ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟ।



ରାଉସ୍ ଆଭେନ୍ୟୁ କୋର୍ଟର ସ୍ୱତନ୍ତ୍ର ସିବିଆଇ କୋର୍ଟ ରାୟ ଦେଇଛନ୍ତି ଯେ ଲାଲୁ ଯାଦବ ଟେଣ୍ଡର ପ୍ରକ୍ରିୟାରେ ହସ୍ତକ୍ଷେପ କରିଛନ୍ତି ଏବଂ ଏଥିରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛନ୍ତି। ସ୍ୱତନ୍ତ୍ର ସିବିଆଇ କୋର୍ଟ ଲାଲୁ ଯାଦବଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଲାଲୁଙ୍କ ସହିତ, ରାବିଡ଼ି ଦେବୀ ଏବଂ ତେଜସ୍ୱୀ ଯାଦବଙ୍କ ବିରୁଦ୍ଧରେ ଠକେଇ, ଦୁର୍ନୀତି ଏବଂ ଅନ୍ୟାନ୍ୟ ଅଭିଯୋଗ ସମେତ ବିଭିନ୍ନ ଧାରା ଅନୁଯାୟୀ ଅଭିଯୋଗ କରାଯାଇଛି।

ଷଡ଼ଯନ୍ତ୍ର, ପଦର ଅପବ୍ୟବହାର ଏବଂ ଟେଣ୍ଡର ପ୍ରକ୍ରିୟାରେ ହେରଫେରକୁ ଉଲ୍ଲେଖ କରି କୋର୍ଟ କହିଛନ୍ତି ଯେ ସବୁକିଛି ଲାଲୁ ଯାଦବଙ୍କ ଜଣାତରେ ଘଟିଥିଲା। କୋର୍ଟ କହିଛନ୍ତି ଯେ ରାବିଡ଼ି ଏବଂ ତେଜସ୍ୱୀଙ୍କୁ ଜମି ଅଧିକାର ଦେବା ପାଇଁ ଏକ ଷଡ଼ଯନ୍ତ୍ର ହୋଇଥିଲା। ଲାଲୁ ଯାଦବ ତାଙ୍କ ସରକାରୀ ପଦବୀର ଅପବ୍ୟବହାର କରିଥିଲେ। ଲାଲୁ ଯାଦବ ହ୍ୱିଲଚେୟାରରେ କୋର୍ଟରେ ପହଞ୍ଚିଥିଲେ। ରାଉସ୍ ଆଭେନ୍ୟୁ କୋର୍ଟ ମଧ୍ୟ ଲ୍ୟାଣ୍ଡ ଫର୍ ଜବ୍ସ ମାମଲାରେ ଚାର୍ଜ ଫ୍ରେମ୍ ଉପରେ ନିଷ୍ପତ୍ତି ଦେବାକୁ ସ୍ଥିର ହୋଇଛି। ରାଉସ୍ ଆଭେନ୍ୟୁ କୋର୍ଟର ସିବିଆଇ ବିଚାରପତି ବିଶାଳ ଗୋଗାନେ ଆଇଆରସିଟିସି ମାମଲାରେ ରାୟ ଶୁଣାଇଛନ୍ତି। କୋର୍ଟ ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ବ୍ୟକ୍ତିଗତ ଭାବରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଉସ୍ ଆଭେନ୍ୟୁ କୋର୍ଟ ଅଗଷ୍ଟ ୨୫ ପାଇଁ ଲ୍ୟାଣ୍ଡ ଫର୍ ଜବ୍ସ ମାମଲାରେ ଚାର୍ଜ ଫ୍ରେମ୍ ଉପରେ ନିଷ୍ପତ୍ତି ସଂରକ୍ଷିତ ରଖିଥିଲେ। ଓଜଉଞ୍ଚଉ ଦୁର୍ନୀତିରେ ଚାର୍ଜ ଫ୍ରେମ୍ ଉପରେ ନିଷ୍ପତ୍ତି ମଧ୍ୟ ଆଜି ପାଇଁ ଧାର୍ଯ୍ୟ ହୋଇଛି।

ଆଇଆରସିଟିସି ଦୁର୍ନୀତି ମାମଲାରେ, ଲାଲୁ ଯାଦବ, ରାବ୍ରୀ ଦେବୀ ଏବଂ ତେଜସ୍ୱୀ ଯାଦବଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ରାଞ୍ଚି ଏବଂ ପୁରୀରେ ଈଘଜ ହୋଟେଲ ପାଇଁ ଟେଣ୍ଡରରେ ଦୁର୍ନୀତି ଅଭିଯୋଗ ଆସିଛି।

## ୧ କୁଇଣ୍ଟାଲ ୫୮ କିଲୋ ଗଞ୍ଜେଇ ଜବତ, ୩ ଗିରଫ

**ଜୟପୁର:** କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କୁରୁଲୁଗାଡ଼ ଛକରେ ପରିବା ବୋଝେଇ ଗାଡ଼ିରେ ଗଞ୍ଜେଇ ଚୋରା ଚାଲାଣ ବେଳେ ମାଡ଼ି ବସିଲା ପୁଲିସ କ୍ଷ ୧ କୁଇଂଟାଲ ୫୮ କିଲୋ ଗଞ୍ଜେଇ ସହ ଗାଡି ଜବତ କରିଥିବା ବେଳେ ତିନି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି କ୍ଷ ଗିରଫ ତିନି ଜଣଙ୍କ ମଧ୍ୟରୁ ଜଣେ ନବରଙ୍ଗପୁର ଜିଲ୍ଲାର ରାଇଘର ଥାନା ଅଂଚଳର ରାଜୁ ମଣ୍ଡଳ ଏବଂ ଦୁଇ ଜଣ ଉତରପ୍ରଦେଶର କ୍ରିଷ୍ଣା ସିଂ ଓ ହ୍ରିତିକ୍ ଚହ୍ୱାନ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲାର ବାଲିମେଳାରୁ ଗୋଟିଏ ପରିବା ବୋଝେଇ ଟାଟା ୨୦୭ ଗାଡ଼ିରେ ଭାୟା କୁଡୁମୁଲୁଗୁମ୍ମା, ବୈପାରିଗୁଡା ଦେଇ ଉତରପ୍ରଦେଶ ଅଭିମୁଖେ ଗଞ୍ଜେଇ ଚୋରା ଚାଲାଣ ହେଉଥିଲା । ବିଶେଷ ସୂତ୍ରରୁ ଖବର ପାଇ ଥାନା ଓଆଇସି ଡମ୍ବରୁଧର ବାତ୍ରିଆଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଧିରେନ୍ଦ୍ର ବାରିକ ଏକ ଟିମ୍ ଗଠନ କରି କୁରୁଲୁଗାଡ଼ ଛକରେ ମାଡି ବସିଥିଲେ । ଅଭିନବ ଉପାୟରେ ପରିବା ଗାଡ଼ିରେ ୧ କୁଇଂଟାଲ ୫୮ କିଲୋ ଗଞ୍ଜେଇ ଚୋରା ଚାଲାଣ ହେଉଥିଲା ।

# ବିନା ମୂଲ୍ୟରେ ଉତ୍ତମ ଚିକିତ୍ସା ପାଉଛନ୍ତି ରୋଗୀ

**ମାଲକାନଗିରି:** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି-୯୦ ଠାରେ ମାଗଣା ସ୍କ୍ରିନଂ ସ୍ୱାସ୍ଥ୍ୟ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି । ରୁରାଲ ହେଲଥ ସର୍ଭିସ୍ ଆସୋସିଏସନ୍ ମାଲକାନଗିରି ଲୋକ ମାନଙ୍କର ଚିକିତ୍ସାର ଉନ୍ନତି ପାଇଁ ଏହି ମାଗଣା ସ୍କ୍ରିନଂ ସ୍ୱାସ୍ଥ୍ୟ କ୍ୟାମ୍ପ ଆରମ୍ଭ କରିଛନ୍ତି । ଲୋକଙ୍କୁ କେମିତି ବିନା ମୂଲ୍ୟରେ ଅଭିଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ଉତମ ଚିକିତ୍ସା ଯୋଗାଇ ଦିଆଯାଇପାରିବ ସେଥିପ୍ରତି ରୁରାଲ ହେଲଥ ସର୍ଭିସ୍ ଆସୋସିଏସନ୍ ମାଲକାନଗିରି ଗୁରୁତ୍ୱ ଦେଇ ଏହି ମାଗଣା ସ୍ୱାସ୍ଥ୍ୟ ଶିବିର ଆରମ୍ଭ କରିଛନ୍ତି । ଦୁଇ ଦିନ ଧରି ଚାଲିଥିବା ଏହି କ୍ୟାମ୍ପରେ ପଡୋଶୀ ରାଜ୍ୟ ଭଦ୍ରାଚାଲମର ମିମସ ହସ୍ପିଟାଲର ଡକ୍ଟର ଏ ମୋହନ ରାଓ, ଡକ୍ଟର ହରୀଶ ଚଲ୍ଲା, ଡକ୍ଟର ଶ୍ରଭିୟା ଇନୁମପୁଦି, ଡକ୍ଟର ବାଲା ନରସିମ୍ହୁଦୁ, ଡକ୍ଟର ରାଜେଶ ଏବଂ ଡକ୍ଟର ଏମ୍ ଗୁରୁ ତେଜା ନାମକ ୬ ଜଣ ଅଭିଜ୍ଞ ଡାକ୍ତର ଯୋଗଦେଇ ରୋଗୀ ମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରରେ ରୋଗୀମାନଙ୍କର ହୃଦୟ ରୋଗ, ମସ୍ତିଷ୍କ ରୋଗ, କାନ,ନାକ ,ଗଳା,ହଜମ ଜନିତ ରୋଗ, ଶିଶୁ ରୋଗ,ଛାତି କ୍ରିଟକ ଫାଇବ୍ରୋସିସ, ସ୍ନାୟୁ ରୋଗ, ଗଣ୍ଠି ରୋଗ, ଚର୍ମରୋଗ, କିଡ଼ିନି ରୋଗ, ଆଖି ରୋଗ, ମାନସିକ ରୋଗ ଭଳି ବିଭିନ୍ନ ରୋଗର ଚିକିତ୍ସା କରାଯାଇଥିଲା ।ଏହାସହ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆୟୁଷ୍ମାନ କାର୍ଡ ଭଦ୍ରାଚାଲମର ମିମସ ହସ୍ପିଟାଲରେ କାର୍ଯ୍ୟକ୍ଷମ ବୋଲି ମିମସ ହସ୍ପିଟାଲର ଡାକ୍ତର ଏ ମୋହନ

**କାଲିମେଳାରେ ମାଗଣା ସ୍ୱାସ୍ଥ୍ୟଶିବିର**

ରାଓ ସୂଚନା ଦେଇଛନ୍ତି । ମାଲକାନଗିରି ଜିଲ୍ଲାର ରୋଗୀ ମାନେ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର ଭଦ୍ରାଚଲମର ମିମସ ହସ୍ପିଟାଲରେ ଯାଇ ଆୟୁଷ୍ମାନ କାର୍ଡ ସାହାଯ୍ୟରେ କମ୍ ଖର୍ଚ୍ଚରେ ଚିକିତ୍ସିତ ହୋଇ ପାରିବେ ବୋଲି ସେ କହିଛନ୍ତି । ଦୁଇ ଦିନ ଧରି ଚାଲିଥିବା ଏହି ମାଗଣା ସ୍ୱାସ୍ଥ୍ୟ ଶିବିରରେ ୧୦୦୦ରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଥିବା ମାଲକାନଗିରି ରୁରାଲ ହେଲଥ ସର୍ଭିସ୍ ଆସୋସିଏସନର ସମ୍ପାଦକ ଗୌତମ ମଜୁମଦାର ସୂଚନା ଦେଇଛନ୍ତି ।

### ପ୍ରଶାସନର ନିଦ ହଜାଇଲା କଏଦୀ

# ଜେଲ୍‌ରୁ ଚେକ୍‌ବୁକ୍ ଚୋରି କରି ଉଡ଼ାଇନେଲା ୩୦ ଲକ୍ଷ

**ନୂଆଦିଲ୍ଲୀ:** ଆଜମଗଡ଼ ମଣ୍ଡଳୀୟ ଜେଲରେ ବନ୍ଦୀ ଜଣେ ହତ୍ୟା ଅଭିଯୁକ୍ତଙ୍କ କାଣ୍ଡ ଏବେ ଖବରର ଶିରୋନାମା ହୋଇଛି ।ଜାମିନରେ ମୁକ୍ତ ହେବା ପରେ ସେ ଜେଲ୍‌ର ଚେକ୍‌ବୁକ୍ ଚୋରି କଲେ । ଏହା ଜରିଆରେ ବ୍ୟାଙ୍କ୍ ଖାତାରୁ ୩୦ ଲକ୍ଷ ଟଙ୍କା ଉଡ଼ାଇନେଲେ ।ଜେଲ ଅଧୀକ୍ଷକ ବ୍ୟାଙ୍କ୍ ଖାତାରୁ ୨ ଲକ୍ଷ ୬୦ ହଜାର ଟଙ୍କା ଉଠାଯାଇଥିବା ଦେଖିବା ପରେ ମାମଲାଟି ସାମ୍ନାକୁ ଆସିଲା । ଘଟଣା ଜେଲ ପ୍ରଶାସନର ନିଦ ହଜାଇ ଦେଇଛି ।



ରିପୋର୍ଟ ଅନୁସାରେ, ଜମୁଆ ଶାହଗଡ଼ ଥାନା ଅଧୀନସ୍ଥ ବିଲରିୟାଗଞ୍ଜ ବାସିନ୍ଦା ରାମଜିତ ଯାଦବ ଓରଫ ସଞ୍ଜୟଙ୍କୁ ୨୪ ଫେବ୍ରୁଆରୀ, ୨୦୨୩ରେ ପତ୍ନୀଙ୍କ ହତ୍ୟା ମାମଲାରେ ଜେଲଦଣ୍ଡ ହୋଇଥିଲା । ମେ' ୨୦, ୨୦୨୪ରେ ଜାମିନରେ ମୁକୁଳିବା ସମୟରେ ସେ ଜେଲର କାନାଡ଼ା ବ୍ୟାଙ୍କ୍ ଚେକ୍‌ବୁକ୍ ଚୋରି କରିନେଲେ ।ଜେଲ୍ ଅଧୀକ୍ଷକ ଚେକ୍‌ବୁକ୍ ସଂଚାଳନ କରୁଥିଲେ ।ଜେଲରୁ ମୁକୁଳିବାର ପର ଦିନ- ମେ' ୨୧ ତାରିଖ ସଞ୍ଜୟ ନିଜକୁ ଜେଲର ଠିକାଦାର କହି ବ୍ୟାଙ୍କ୍‌ରୁ ୧୦ ହଜାର ଟଙ୍କା ଉଠାଇଲେ ।ଏହା ପରେ ୨୨ ତାରିଖ ୫୦ ହଜାର ଟଙ୍କା, ୪ ଦିନ ପରେ ୧ ଲକ୍ଷ ୪୦ ହଜାର ଟଙ୍କା ଉଠାଇଲେ । ଏହିଭଳି ଭାବେ ଅନେକ କିସ୍ତିରେ ମୋଟ୍ ୩୦ ଲକ୍ଷ ଟଙ୍କା ଉଠାଇନେଲେ । ଏହି ଠକେଇ ବିଷୟରେ ଦୀର୍ଘ ସମୟ ଧରି କେହି ଜାଣିପାରିଲେ ନାହିଁ ।

ଗତ ସେପ୍ଟେମ୍ବର ୨୨ ତାରିଖରେ ୨ ଲକ୍ଷ ୬୦ ହଜାର ଟଙ୍କା ଉଠାଯିବା ପରେ ଜେଲ ଅଧୀକ୍ଷକ ଆଦିତ୍ୟ କୁମାର ସିଂହଙ୍କର ସନ୍ଦେହ ହେଲା । ସେ ବ୍ୟାଙ୍କ୍ ଷ୍ଟେଟ୍‌ମେଣ୍ଟ ବାହାର କରିବା ପରେ ଘଟଣା ବିଷୟରେ ଜଣାପଡ଼ିଲା । ସଞ୍ଜୟ ଅଧୀକ୍ଷକଙ୍କ ନକଲି ହସ୍ତାକ୍ଷର ଜରିଆରେ ଟଙ୍କା ଉଠାଇଥିଲେ ।

ମାମଲାର ଖୁଲାସା ପରେ ଜେଲ ଅଧୀକ୍ଷକ ସଞ୍ଜୟଙ୍କ ସମେତ ଅନ୍ୟ ୩ ଅଭିଯୁକ୍ତ- ଶିବଶଙ୍କର, ମୁଶୀର ଅହମଦ ଓ ଜେଲ ଚୌକିଦାର ଅବଧେଶ କୁମାର ପାଣ୍ଡେଙ୍କ ବିରୋଧରେ କୋତୱାଲିରେ ମାମଲା ରୁଜୁ କଲେ । ପୁଲିସ ମାମଲାର ଯାଞ୍ଚ ଆରମ୍ଭ କରିଛି ।

# ପୁଣି ସିଜଫାୟାରର କ୍ରେଡିଟ୍ ନେଲେ ଟ୍ରମ୍ପ

## 'ଟାରିଫ୍ ଭାରତ-ପାକିସ୍ତାନ ଯୁଦ୍ଧକୁ ୨୪ ଘଣ୍ଟାରେ ସମାଧାନ କଲା'

**ନୂଆଦିଲ୍ଲୀ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପସ୍ଥିତିରେ ଗାଜା ଯୁଦ୍ଧ ଶେଷ କରିବା ଲାଗି ଆଜି ଇଜିପ୍ଟରେ ଆଲୋଚନା ହେବ । ଭାରତ ସମେତ ୨୦ରୁ ଅଧିକ ବିଶ୍ୱନେତା ସାମିଲ ହେବେ । ମଧ୍ୟପ୍ରାଚ୍ୟ ଗସ୍ତ ପୂର୍ବରୁ ବଡ଼ ବୟାନ ଦେଇଛନ୍ତି ଡୋନାଲ୍ଡ ଟ୍ରମ୍ପ । ମୁଁ ଯୁଦ୍ଧ ରୋକିବାରେ ମାହିର । ଭାରତ-ପାକିସ୍ତାନ ଯୁଦ୍ଧ କଥା ମନେପକାଅ ।ଟାରିଫ୍ ପାଇଁ ୨୪ ଘଣ୍ଟାରେ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ହୋଇଥିଲା । ନୋବେଲ ପୁରସ୍କାର ପାଇଁ ଏ ସବୁ କରିନାହିଁ ।ପୁଣି ଭାରତ-ପାକିସ୍ତାନ ସିଜଫାୟାରର ଶ୍ରେୟ ନେଇ ନେଇ ଏହା କହିଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ।



ମଧ୍ୟପ୍ରାଚ୍ୟ ଗସ୍ତ ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧବିରାମ କଥା ଦୋହରାଇଛନ୍ତି । ସେ କହିଛନ୍ତି, "ଗାଜାରେ ହମାସ୍-ଇସ୍ରାଏଲ ଅଷ୍ଟମ ଯୁଦ୍ଧ ହେବ ଯାହାକୁ ଆମେ ସମାଧାନ କରିଛୁ । ଥରେ ଭାରତ-ପାକିସ୍ତାନ ଯୁଦ୍ଧ କଥା ମନେ ପକାନ୍ତୁ । କିଛି ଯୁଦ୍ଧକୁ ଆମେ ଆର୍ଥିକ ଉପାୟ ଯେପରି ବ୍ୟବସାୟ ଏବଂ ଟାରିଫ୍ ଜରିଆରେ ସମାଧାନ କରିଛୁ । ଯେଉଁଥିରେ ଭାରତ-ପାକିସ୍ତାନ ଯୁଦ୍ଧ ସାମିଲ ଅଛି । ଟାରିଫ୍ ପାଇଁ ୨୪ ଘଣ୍ଟା ଭିତରେ ଭାରତ-ଆମେରିକା ଯୁଦ୍ଧବିରତି ହୋଇଥିଲା । କିଛି ଯୁଦ୍ଧ ୩୧,୩୧ କିମ୍ବା ୩୭ ବର୍ଷ ଧରି ଚାଲିଥିଲା । ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥିଲା । ମୁଁ ଅଧିକାଂଶ ଯୁଦ୍ଧକୁ ଗୋଟିଏ ଦିନ ଭିତରେ ସମାଧାନ କରିଛି । ଏ ସବୁ ମୁଁ ନୋବେଲ ଶାନ୍ତି ପୁରସ୍କାର ପାଇଁ କରିନାହିଁ ।"

ସେ ଆହୁରି କହିଛନ୍ତି, "ଭାରତ ଏବଂ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧରେ ମୁଁ କହିଲି, ଯଦି ତୁମେମାନେ ଯୁଦ୍ଧ କରିବାକୁ ଚାହୁଁଛ ଏବଂ ତୁମର ପାଖରେ ପରମାଣୁ ଅସ୍ତ୍ର ଅଛି । ମୁଁ ତୁମ ଉଭୟଙ୍କ ଉପରେ ବଡ଼ ଶୁଳ୍କ ଲଗାଇବି । ଯେପରିକି ୧୦୦ ପ୍ରତିଶତ, ୧୫୦ ପ୍ରତିଶତ, ଏବଂ ୨୦୦% ଶୁଳ୍କ ଲଗାଇବି । ୨୪ ଘଣ୍ଟା ମଧ୍ୟରେ ସେ ସମସ୍ୟାର ସମାଧାନ କରିଥିଲି ।ଯଦି ମୋର ଶୁଳ୍କ ନ ଥାଆନ୍ତା, ତେବେ କେବେବି ସେହି ଯୁଦ୍ଧର ସମାଧାନ କରିପାରିନଥାଆନ୍ତ । ୨୦୨୫ରେ ଅନେକ ଘଟଣା ଘଟିଛି । ବିଶ୍ୱରେ ମୁଁ ୭ଟି ଯୁଦ୍ଧ ରୋକିଛି ।ଏହା ମୋ ପାଇଁ ସମ୍ମାନର କଥା । ମୁଁ ନୋବେଲ ଶାନ୍ତି ପୁରସ୍କାର ଜିତିବାକୁ କରୁନଥିଲି ।ଲୋକଙ୍କ ଜୀବନ ବଞ୍ଚାଇବାକୁ କରିଥିଲି ।"

## ରାଶିଫଳ

**ମେଷ:** ପଞ୍ଚମ ଚନ୍ଦ୍ର, ମଙ୍ଗଳବାର ଯୋଗୁ ବିଦ୍ୟା, ବୁଦ୍ଧି, ଜ୍ଞାନ, ଗରିମା, ପ୍ରତ୍ୟୁତ୍ପନ୍ନମତି, ଦୂରଦୃଷ୍ଟି, ସ୍ମରଣଶକ୍ତିର ବିକାଶ ଘଟିବ । ନୂତନ ବିଦ୍ୟା, କଳା, ସଂସ୍କୃତି ପ୍ରତି ମନରେ ଅଧିକ ଆଗ୍ରହ ପ୍ରକାଶ ପାଇବ ।

**ବୃଷ :** ଶୁକ୍ଳପକ୍ଷର ଚତୁର୍ଥ ଚନ୍ଦ୍ରଯୋଗୁ ସ୍ୱଜନଙ୍କ ସହ ବିବାଦ, କ୍ଷମତାଶାଳୀ ବ୍ୟକ୍ତିଙ୍କ ସହ ଶତ୍ରୁତା ଏବଂ ରାଜନୈତିକ ବ୍ୟକ୍ତିଙ୍କ ଆକ୍ରୋଶର ଶିକାର ହେବେ । ମନ ଅସ୍ଥିର, ବିଷାଦଗ୍ରସ୍ତ ରହିବ ଏବଂ ଶାରୀରିକ ପୀଡ଼ା ଭୋଗିବେ ।

**ମିଥୁନ :** ଶୁକ୍ଳପକ୍ଷର ତୃତୀୟ ଚନ୍ଦ୍ର, ମଙ୍ଗଳବାର, ଘାତତିଥି ଯୋଗୁ କେବଳ ବ୍ୟବସାୟ ବ୍ୟତୀତ ଅନ୍ୟ ସମସ୍ତ କ୍ଷେତ୍ରରେ ପ୍ରତିବନ୍ଧକ ଓ ବାଧାବିଘ୍ନ ଦେଖା ଦେବ ।କର୍ମରେ ଉନ୍ନତି କରିବା ପାଇଁ ଓ ବ୍ୟବସାୟରେ ଆୟ ଅଧିକ କରିବା ନିମନ୍ତେ ଯୋଜନା କରିବେ ।

**କର୍କଟ :** ଘାତଚନ୍ଦ୍ର ଯୋଗୁ ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ମନୋମାଳିନ୍ୟ, ସ୍ୱଜନରେ ବିବାଦ, ପଡ଼ୋଶୀଙ୍କ ସହ ତିକ୍ତତା ଏବଂ ଶାରୀରିକ ପୀଡ଼ା ଭୋଗିବେ । ମୂଲ୍ୟବାନ ପଦାର୍ଥ ନଷ୍ଟ କିମ୍ବା ହଜି ଯାଇପାରେ ଏବଂ ଆର୍ଥିକ ଠକାମିରେ ପଡ଼ି ପାରନ୍ତି । ଧନକୁ ନେଇ ବିବାଦ ଓ ମାଲିମକଦ୍ଦମାର ସମ୍ମୁଖୀନ ହୋଇପାରନ୍ତି ।

**ସିଂହ :** ଶ୍ରୀଚନ୍ଦ୍ର ଯୋଗୁ ଧନ, ମାନ, ସମ୍ମାନ, ସ୍ୱଜନରେ ସୁସମ୍ପର୍କ, ପରିବାରରେ ସୁଖଶାନ୍ତି, ଲକ୍ଷ୍ମୀଙ୍କର କୃପା ଏବଂ ସୁଖାଦ୍ୟ, ସୁବସନ ପ୍ରାପ୍ତି ହେବ ।ଆମୋଦ ପ୍ରମୋଦ, ମଉଜମଜଲିସରେ ଅଧିକ ଆଗ୍ରହ ରହିବ ।

**କନ୍ୟା :** ଦ୍ୱାଦଶ ଚନ୍ଦ୍ର, ଘାତତିଥି ଯୋଗୁ ଆୟ ପାଞ୍ଚ ଟଙ୍କା ହେଲେ ବ୍ୟୟ ପଚିଶ ଟଙ୍କା ହେବ ଏବଂ ଅପମାନ, ଅପଯଶ, ଅପନିନ୍ଦା ମିଳିବ ।ଅଯଥା ଖର୍ଚ୍ଚ, ବୃଥା ଭ୍ରମଣଲାଗି ରହିବ ଏବଂ ମନ ଅସ୍ଥିର, ବିଷାଦଗ୍ରସ୍ତ ଓ ଚାପଗ୍ରସ୍ତ ରହିବ ।

**ତୁଳା :** ଏକାଦଶ ଚନ୍ଦ୍ର, ଶୁକ୍ରଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ଅସମ୍ଭବକୁ ସମ୍ଭବ କରିବାରେ ସମର୍ଥ ହେବେ ଏବଂ ସମସ୍ତ ଆଶା, ଆକାଂକ୍ଷା, ଅଭିଳାଷପୂର୍ଣ୍ଣ ହେବ । ଧନ, ସମ୍ପଦ, ପ୍ରାଚୁର୍ଯ୍ୟ, ପ୍ରତିପତ୍ତି ବୃଦ୍ଧିପାଇବ ଏବଂ ଆୟର ନୂତନ ମାର୍ଗ ଖୋଲିବ ।

**ବିଛା :** ଦଶମ ଚନ୍ଦ୍ର ଯୋଗୁ ନୂତନ କର୍ମ ଆରମ୍ଭ କରିପାରନ୍ତି କିମ୍ବା ନୂତନ ନିଯୁକ୍ତିର ଖବର ମିଳିପାରେ ।ଭାଗ୍ୟ ଅପେକ୍ଷା କର୍ମରେ ଅଧିକ ବିଶ୍ୱାସ ଓ ଗୁରୁତ୍ୱ ରହିବ ଏବଂ ବ୍ୟବସାୟ ଅପେକ୍ଷା କର୍ମରେ ଅଧିକ ସଫଳତା ମିଳିବ । ସମସ୍ତ ଅଟକିଥିବା କାମ ଓ କଷ୍ଟସାଧ୍ୟ କାମକୁ ସଫଳତାର ସହ ସମ୍ପାଦନ କରିବେ ।

**ଧନୁ :** ନବମ ଚନ୍ଦ୍ର ଯୋଗୁ ଯଶ, ସମ୍ମାନ, ସାମାଜିକ ପ୍ରତିଷ୍ଠା ଏବଂ ଜନ ସମ୍ପର୍କ ବୃଦ୍ଧି ପାଇବ ।ଗୁରୁଜନଙ୍କ ପ୍ରତି ସମ୍ମାନ ଏବଂ ଲଘୁଜନଙ୍କ ପ୍ରତିସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା ଅଧିକ ରହିବ ।କୌଣସି ସଭା କିମ୍ବା ସଙ୍ଗଠନର ନେତୃତ୍ୱ ମିଳିବ ।

**ମକର :** ଘାତ ଚନ୍ଦ୍ର, ଘାତବାର, ଅଷ୍ଟମୀ ତିଥି ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର, ଉଚ୍ଚସ୍ଥାନ ଆରୋହଣ, ଗ୍ୟାସ୍, ଇଲେକ୍‌ଟ୍ରିକ ଦ୍ରବ୍ୟ ବ୍ୟବହାର ଏବଂ ଯାନବାହନ ଆରୋହଣକାଳରେ ସତର୍କତା ଅବଲମ୍ବନ କରିବେ ।

**କୁମ୍ଭ :** ସପ୍ତମ ଚନ୍ଦ୍ର ଯୋଗୁ ମନରେ ପ୍ରସନ୍ନତା, ଦାମ୍ପତ୍ୟ ଜୀବନରେ ମଧୁରତା ଏବଂ ପରିବାରରେ ସ୍ୱର୍ଗୀୟ ସୁଖ ଅନୁଭୂତ ହେବ ।ଆମୋଦ ପ୍ରମୋଦ, ମଉଜ ମଜଲିସରେ ଅଧିକ ଆଗ୍ରହ ରହିବ ଏବଂ ପରିବାରର ସମସ୍ତ ସଦସ୍ୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

**ମୀନ :** ଷଷ୍ଠ ଚନ୍ଦ୍ର ଯୋଗୁ ମନରେ ପ୍ରସନ୍ନତା, ଶରୀରରେ ସୁସ୍ଥତା, ପରିବାରରେ ମିତ୍ରତା, ସମସ୍ତଙ୍କ ସହ ବନ୍ଧୁତା, ଚାଲିଚଳନାରେ ସଂଯମତା ଏବଂ ସମସ୍ତ କର୍ମରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଆପଣାଇବେ ।ଯଶ, ସମ୍ମାନ, ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ ଏବଂ ଚାଲିଚଳନ, ବ୍ୟବହାର, କଥାବାର୍ତ୍ତା ମାର୍ଜିତ ଓ ସର୍ବଜନ ଆଦୃତ ହେବ ।

ମାତୃଭାଷା

କଟକ, ମଙ୍ଗଳବାର, ଅକ୍ଟୋବର - ୧୪, ୨୦୨୫ ପୃଷ୍ଠା:୪

## ହସ୍ତଲିଖନ ଯୁଗ ଶେଷ - ଡିଜିଟାଲ୍ ନିର୍ଭରଶୀଳତା ପିଲାଙ୍କ ଚିନ୍ତନ କ୍ଷମତା ନଷ୍ଟ କରିଛି

ଶିଶୁମାନଙ୍କରେ ହସ୍ତଲେଖା ହ୍ରାସ ପାଇଛି । ଡିଜିଟାଲ୍ ଯୁଗରେ ପିଲାମାନେ ଟାଇପିଂ ଏବଂ ସ୍କ୍ରିନ୍ ଉପରେ ନିର୍ଭରଶୀଳ ହୋଇଗଲେଣି । ହସ୍ତଲେଖା ହ୍ରାସ ଚିନ୍ତନ ଏବଂ ଯୁକ୍ତି କ୍ଷମତାକୁ ପ୍ରଭାବିତ କରୁଛି । ଏ ସମ୍ପର୍କରେ ବିଶେଷଜ୍ଞମାନଙ୍କ ମତାମତ ବିଶେଷ ପ୍ରଣିଧାନଯୋଗ୍ୟ ।

ଡିଜିଟାଲ୍ ଶିକ୍ଷଣ ପ୍ରଭାବ: ଗୋଟିଏ ସମୟ ଥିଲା ଯେତେବେଳେ ଚକ୍, ପେନସିଲ୍ ଏବଂ କାଳି କଲମ୍ ପିଲାମାନଙ୍କ କଳ୍ପନାଶକ୍ତିକୁ ଆକୃତି ଦେଉଥିଲା । ବର୍ତ୍ତମାନ, ସେହି ପିଲାମାନେ ଆଙ୍ଗୁଠି ସାହାଯ୍ୟରେ ସ୍କ୍ରିନ୍ ମାଧ୍ୟମରେ ସ୍କ୍ରୋଲ୍ କରୁଛନ୍ତି, ଚିନ୍ତା କରିବା ପୂର୍ବରୁ ଖୋଜୁଛନ୍ତି ଏବଂ ଲେଖିବା ପରିବର୍ତ୍ତେ ଟାଇପ୍ କରୁଛନ୍ତି । ପ୍ରଶ୍ନ ହେଉଛି ଡିଜିଟାଲ୍ ଦୁନିଆ ପିଲାମାନଙ୍କ ମନକୁ ତୀକ୍ଷ୍ଣ କରୁଛି ନା ସେମାନଙ୍କୁ ପୂର୍ବନିର୍ମିତ ବୁଦ୍ଧିମତ୍ତା ଆଡ଼କୁ ଠେଲି ଦେଉଛି ।

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଦ୍ୱାରା ଏକ ମିଳିତ ଅଧ୍ୟୟନରୁ ଜଣାପଡିଛି ଯେ ଗତ ଦଶ ବର୍ଷ ମଧ୍ୟରେ ପିଲାମାନଙ୍କ ମଧ୍ୟରେ ହସ୍ତଲେଖନ-ଚିନ୍ତନ ଲିଙ୍କ୍ ପ୍ରାୟ ୪୦% ହ୍ରାସ ପାଇଛି । ଏହା ହେଉଛି ଜୈବିକ ସଂଯୋଗ ଯେଉଁଥିରେ ହସ୍ତଲିଖନ କାର୍ଯ୍ୟ ମସ୍ତିଷ୍କର ଫ୍ରଣ୍ଟାଲ୍ କର୍ଟେକ୍ସ ଏବଂ ହିପୋକ୍ୟାମ୍ପସ୍ କ୍ଷେତ୍ରଗୁଡ଼ିକୁ ସକ୍ରିୟ କରେ, ଯାହା ସ୍ମୃତି, ସୃଜନଶୀଳତା ଏବଂ ଯୁକ୍ତି ପାଇଁ ଦାୟୀ ।

ଦିଲ୍ଲୀ ଆଇଆଇଟିର ନ୍ୟୁରୋକଗ୍ନିଟିଭ୍ ସାଇନ୍ସ ବିଭାଗର ପ୍ରଫେସର ଡକ୍ଟର ମୀରା ବଶିଷ୍ଠ କହିଛନ୍ତି, 'ଲେଖା କେବଳ ଏକ ଭାଷା ନୁହେଁ, ଏହା ଏକ ଶାରୀରିକ ଅଭିଜ୍ଞତା ମଧ୍ୟ । ଯେତେବେଳେ ପିଲାମାନେ ହାତରେ ଅକ୍ଷର ତିଆରି କରନ୍ତି, ସେମାନେ ଶବ୍ଦର ଧାରଣା ସହିତ ସଂଯୋଗ କରନ୍ତି । କିନ୍ତୁ ଯେତେବେଳେ ସମାନ ଶବ୍ଦ ଟାଇପ୍ କରାଯାଏ, ମସ୍ତିଷ୍କ ଏହାକୁ ଏକ ଚିନ୍ତାଧାରା ନୁହେଁ, ଏକ ଇନପୁଟ୍ ନିର୍ଦ୍ଦେଶ ଭାବରେ ଗ୍ରହଣ କରେ ।' କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଗବେଷକଙ୍କ ଦ୍ୱାରା କରାଯାଇଥିବା ଏକ ବିଶ୍ଳେଷଣ, 'ଦି ଭାନିସିଂ ଲାଇବ୍ରେରୀ ମାଇଣ୍ଡ' ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ୧୨ ରୁ ୧୮ ବର୍ଷ ବୟସର ଛାତ୍ରମାନଙ୍କ ମଧ୍ୟରେ ଡିପ୍ ରିଡିଙ୍ଗ୍ ତଥା ଗଭୀର ଅଧ୍ୟୟନ ସମୟ ହାରାହାରି ୭୨% ହ୍ରାସ ପାଇଛି ।

ପୂର୍ବରୁ ଛାତ୍ରମାନେ ହାରାହାରି ୨୭ ମିନିଟ୍ ପାଇଁ ଏକ ବିଷୟ ଉପରେ ଧ୍ୟାନ ଦେଉଥିବା ବେଳେ ଏହି ସମୟ ଡିଜିଟାଲ୍ ଉତ୍ସରେ ୪.୫ ମିନିଟ୍ କୁ ହ୍ରାସ ପାଇଛି । ଗବେଷକମାନେ କହିଛନ୍ତି ଯେ ଇଣ୍ଟରନେଟରେ ପିଲାମାନଙ୍କର ସୂଚନା ହାସଲ କ୍ଷମତା ବୃଦ୍ଧି ପାଇଛି, କିନ୍ତୁ ସେମାନଙ୍କର କଗ୍ନିଟିଭ୍ ଡେପ୍ଥ ତଥା ଜ୍ଞାନାତ୍ମକ ଗଭୀରତା ହ୍ରାସ ପାଇଛି । ପିଲାମାନେ ଆଉ ତଥ୍ୟ ସଂଗ୍ରହ କିମ୍ବା ଅନୁସନ୍ଧାନ କରୁନାହାନ୍ତି , ବରଂ ସନ୍ଧାନ ଉପରେ ନିର୍ଭର କରନ୍ତି । ଏହାର ଅର୍ଥ ହେଉଛି ଜ୍ଞାନ ମନେ ରଖିବାର ଆବଶ୍ୟକତା ବଦଳରେ ଏକ ତୁରନ୍ତ ସୁବିଧା ପାଳିଟିଛି ।

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ନ୍ୟୁରୋସାଇଣ୍ଟିଷ୍ଟ ପ୍ରଫେସର ମାର୍କ ହାସକିନ୍ସଙ୍କ ମତରେ ପିଲାମାନଙ୍କର ସଚେତନ ଚିନ୍ତା କ୍ଷମତାରେ ହ୍ରାସ, ଅର୍ଥାତ୍ ସଚେତନ ଭାବରେ ଚିନ୍ତା କରିବା ଏବଂ ନିଷ୍ପତ୍ତି ନେବାର କ୍ଷମତା, କେବଳ ଶିକ୍ଷାଗତ ଦୁର୍ବଳତା ନୁହେଁ ବରଂ ବ୍ୟବହାରିକ ଜୀବନ ଦକ୍ଷତାର କ୍ଷୟ ମଧ୍ୟ ବୁଝାଏ । ସେ କୁହନ୍ତି ଯେ ଯେତେବେଳେ ମସ୍ତିଷ୍କ ଗୁଗୁଲ୍ କିମ୍ବା ଇଓ ପରି ବାହ୍ୟ ଉତ୍ସ ଉପରେ ନିରନ୍ତର ନିର୍ଭରଶୀଳ ହୋଇଯାଏ, ସେତେବେଳେ ଏହା ବାସ୍ତବ ଜୀବନରେ ସମସ୍ୟାଗୁଡ଼ିକୁ 'ଅନୁଭୂତି' କରିବା ପରିବର୍ତ୍ତେ 'ସମାଧାନ ପାଇଁ ନିର୍ଦ୍ଦେଶ' ଖୋଜିବା ଆରମ୍ଭ କରେ । ଏହା ଆତ୍ମନିର୍ଣ୍ଣୟ, ସହାନୁଭୂତି ଏବଂ ଧୈର୍ଯ୍ୟ ଭଳି ବ୍ୟବହାରିକ ଗୁଣଗୁଡ଼ିକୁ ଦୁର୍ବଳ କରିଦିଏ । ଏହି ପରିପ୍ରେକ୍ଷୀରେ ଆମେରିକୀୟ ମନସ୍ତାତ୍ତ୍ୱିକ ସଂଘର ୨୦୨୪ ରିପୋର୍ଟ, 'ଦି କଗ୍ନିଟିଭ୍ କଷ୍ଟସ୍ ଅଫ୍ ଡିଜିଟାଲ୍ ଡିପେଣ୍ଡେନ୍ସ' ରେ କୁହାଯାଇଛି ଯେ ୧୩ ରୁ ୧୮ ବର୍ଷ ବୟସର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମସ୍ୟା ସମାଧାନ ଏବଂ ଭାବପ୍ରବଣ ନିୟନ୍ତ୍ରଣ ଦକ୍ଷତା ୨୮% ହ୍ରାସ ପାଇଛି । ଏହା ଫଳରେ ପିଲାମାନେ ତର୍କ କିମ୍ବା ଅଭିଜ୍ଞତା ମାଧ୍ୟମରେ ଶିଖିବା ପରିବର୍ତ୍ତେ ତୁରନ୍ତ ଫଳାଫଳରେ ଅଭ୍ୟସ୍ତ ହୋଇଯାଆନ୍ତି । ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସସ୍‌ର ଡକ୍ଟର ରଶ୍ମି ନାୟାରଙ୍କ ଅନୁଯାୟୀ, ଡିଜିଟାଲ୍ ମିଡିଆ ପିଲାମାନଙ୍କୁ ଅଧିକ ସୂଚନାପ୍ରାପ୍ତ କରାଇଛି, କିନ୍ତୁ କମ୍ ଅଭିଜ୍ଞ କରିଛି । ସେମାନେ ସବୁକିଛି ଜାଣନ୍ତି, କିନ୍ତୁ ବନ୍ଧୁତା ବଜାୟ ରଖିବା, ବିଫଳତାର ସମ୍ମୁଖୀନ ହେବା କିମ୍ବା ଆତ୍ମବିଶ୍ୱାସର ସହିତ କଥା ହେବା ଭଳି କ୍ଷୁଦ୍ର ଜୀବନ ନିଷ୍ପତ୍ତି ଆଉ ଏତେ ସହଜ ନୁହେଁ । ଡିଜିଟାଲ୍ ନିର୍ଭରଶୀଳତା ପିଲାମାନଙ୍କୁ ଜ୍ଞାନାତ୍ମକ ଭାବରେ ତୀକ୍ଷ୍ଣ ଏବଂ ସୁବିଧା-ମୁଖୀ କରିଛି, କିନ୍ତୁ ବ୍ୟବହାରିକ ଜୀବନରେ, ସେମାନେ ଅଧିକ ଅସ୍ଥିର, ଅସହିଷ୍ଣୁ ଏବଂ କମ୍ ଆତ୍ମନିର୍ଭରଶୀଳ ହୋଇପଡୁଛନ୍ତି । ଅନ୍ୟ ଶବ୍ଦରେ ଚିନ୍ତା କରିବା ପୂର୍ବରୁ କ୍ଲିକ୍ କରିବା ସ୍ୱଭାବ ପାଲଟିଛି ।

ରିପୋର୍ଟ ଅନୁଯାୟୀ, ଗଞ୍ଜ ମିଡିଆ ଲ୍ୟାବ୍, 'ଦି ଆଉଟସୋର୍ସଡ୍ ବ୍ରେନ୍' ଦ୍ୱାରା ଏକ ସାମ୍ପ୍ରତିକ ଅଧ୍ୟୟନ ଦର୍ଶାଉଛି ଯେ ଭଳି ଇଓ ପ୍ଲାଟଫର୍ମ ବ୍ୟବହାର କରୁଥିବା ୧୪ ରୁ ୨୨ ବର୍ଷ ବୟସର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରାକୃତିକ ଯୁକ୍ତି କ୍ଷମତା ୨୨% ହ୍ରାସ ପାଇଛି । କିନ୍ତୁ କୃତ୍ରିମ ବୁଦ୍ଧିମତ୍ତା ତଥା ପୂର୍ବ ପ୍ରସ୍ତୁତ ସୂଚନାର ମିଶ୍ରଣ କରିବା, ଯୋଡିବା ଏବଂ ଉପସ୍ଥାପନ କରିବାର କ୍ଷମତା ବୃଦ୍ଧି ପାଇଛି । ନ୍ୟୁରୋସାଇଣ୍ଟିଷ୍ଟ ଡକ୍ଟର ଜୋନାଥନ ବେଲ୍ସ କୁହନ୍ତି, 'ଆମେ ଏକ ନୂତନ ପ୍ରକାରର ମସ୍ତିଷ୍କ ଦେଖୁଛୁ, ଯାହା 'କେଉଁଠାରୁ ଖୋଜିହେବ, ତାହା ଜାଣେ, କିନ୍ତୁ ଏହା ସେ ଜାଣେନାହିଁ ଯେ ସେ କାହିଁକି ଏ ସମ୍ପର୍କରେ ଚିନ୍ତା କରିବ ।'

# ଓଡ଼ିଶାରେ ଜାତି ରାଜନୀତିର ସମ୍ଭାବନା

ଅଧ୍ୟାପକ ଗୋପବନ୍ଧୁ

କୁହାଯାଉଛି ଓଡ଼ିଶାରେ ଜାତି ରାଜନୀତି ନାହିଁ । ଅନେକ ରାଜ୍ୟରେ ଜାତିଭିତ୍ତିକ ରାଜନୀତି ସ୍ପଷ୍ଟଭାବେ ବାରି ହେଉଥିବା ବେଳେ ଓଡିଶାରେ ତାହା ଏଯାଏଁ କାୟା ବିସ୍ତାର କରିପାରି ନାହିଁ । ଏହା ସ୍ୱାଗତଯୋଗ୍ୟ ବିଷୟ ନିଶ୍ଚୟ । ଜାତିକୁ ନେଇ ରାଜନୀତି କରିବା ଆଦୌ ଉଚିତ୍ ନୁହେଁ । ସୁସ୍ଥ ଗଣତନ୍ତ୍ର ପାଇଁ ଉଭୟ ଜାତି ଓ ଧର୍ମଭିତ୍ତିକ ରାଜନୀତିର ଆବଶ୍ୟକତା ନାହିଁ । ଏହି ଦୃଷ୍ଟିରୁ ଆମେ ଉଲ୍ଲସିତ ହେବା ଉଚିତ୍ ଯେ ଓଡ଼ିଶାକୁ ଏଯାଏଁ ଜାତିଭିତ୍ତିକ ରାଜନୀତି ଛୁଇଁପାରି ନାହିଁ । ତେଣୁକରି ରାଜ୍ୟରେ କୌଣସି ଜାତିଭିତ୍ତିକ ରାଜନୈତିକ ଦଳ ବିସ୍ତାରୀତ ହୋଇନାହିଁ । ଆଗକୁ ସମାନ ପ୍ରକ୍ରିୟା ବଳବୋତ୍ତର ରହିବ ବୋଲି କୁହାଯାଇ ପାରିବ ନାହିଁ । କାରଣ ସାମାଜିକ ସ୍ତରରେ ଜାତି ସଚେତନତା ବଢୁଛି । ବିଶେଷକରି ବିଭିନ୍ନ ଜାତି ରାଜନୀତି, ଚାକିରୀ ଓ ଶିକ୍ଷା କ୍ଷେତ୍ରରେ କେତେ ସ୍ଥାନ ପାଇବାକୁ ସକ୍ଷମ ହୋଇଛନ୍ତି ତାହାର ତର୍ଯ୍ୟମା କରିବା ଆରମ୍ଭ କରିଛନ୍ତି । ଏହା ତାଙ୍କୁ ରାଜନୈତିକଭାବେ ସଚେତନ ହେବାକୁ ବାଧ୍ୟ କରୁଛି । ଫଳରେ ଜାତି ଦୃଷ୍ଟିରୁ ଥିବା ବିଭିନ୍ନ ସାମ୍ବିଧାନିକ ଗୋଷ୍ଠୀ କ୍ରମେ ସଂଗଠିତ ହେଉଛନ୍ତି । ଏହା ନିଶ୍ଚିତଭାବେ ଜାତି ରାଜନୀତିକୁ ପ୍ରୋତ୍ସାହିତ କରିବ ।

ଯେତେବେଳେ ଏକ ବା ଏକାଧିକ ଜାତି ସଂଗଠିତ ହୋଇ ରାଜନୀତି କରିବାର ଦେଖାଯାଏ, ସେତେବେଳେ ତାହାକୁ ଜାତି ଆଧାରିତ ରାଜନୀତି ବୋଲି କୁହଯାଏ । ଏହି ପ୍ରକାର ରାଜନୀତି ଉତ୍ତରପ୍ରଦେଶ, ବିହାର ସମେତ ଅନେକ ରାଜ୍ୟରେ ପରିଲକ୍ଷିତ ହେଉଛି । ଏହି ସମସ୍ତ ରାଜ୍ୟରେ ବିଭିନ୍ନ ଜାତିଗୋଷ୍ଠୀ ସଂଗଠିତ ହୋଇ ରାଜନୀତିକୁ ଅକ୍ତିଆର କରିବାକୁ ଚେଷ୍ଟା କରୁଛନ୍ତି । କେତେକ କ୍ଷେତ୍ରରେ ଏକକ ଜାତିର ଆଧିପତ୍ୟରେ ରାଜନୀତି ବି ଚାଲିଛି । ଏ ଦିଗରେ ସଫଳତା ମଧ୍ୟ ମିଳୁଛି । ଏହା ସମସ୍ତଙ୍କୁ ଜ୍ଞାତ ଯେ ଉତ୍ତରପ୍ରଦେଶରେ ଯାଦବମାନେ ସମାଜବାଦୀ ପାର୍ଟିର ମେରୁଦଣ୍ଡ । ଅନ୍ୟାନ୍ୟ ଓବିସିମାନେ ମଧ୍ୟ କିଛି ମାତ୍ରାରେ ଏହି ଦଳକୁ ସମର୍ଥନ କରନ୍ତି । ଏହି ଦଳ ସେଠାରେ ରାଜନୈତିକ ଶକ୍ତିଭାବେ ଉଭା ହୋଇଛି । ସେଠାରେ ଅନୁସୂଚୀତ ଜାତିମାନେ ମଧ୍ୟ ସଂଗଠିତ ହୋଇ ବହୁଜନ ସମାଜ ପାର୍ଟି ନାମରେ ରାଜନୈତିକ ଶକ୍ତି ଭାବେ ଆବିର୍ଭୁତ ହୋଇଛନ୍ତି । ଏବେ ଆଜାଦ ସମାଜ ପାର୍ଟି ନାମରେ ଅନ୍ୟ ଏକ ଦଳ ଦଳିତ, ପଛୁଆବର୍ଗ ଓ ସଂଖ୍ୟାଲଘୁମାନଙ୍କୁ ନେଇ କାୟା ବିସ୍ତାର କରୁଛି । ବିହାରରେ ଓବିସିମାନେ ରାଜନୈତିକ ଭାବେ ଦୁଇଭାଗରେ ବିଭକ୍ତ । ଗୋଟିଏ ହେଉଛି କୁର୍ମି ନେତୃତ୍ୱାଧୀନ ଜନତା ଦଳ ଇଉନାଇଟେଡ୍ ଓ ଅନ୍ୟଟି ହେଉଛି ଯାଦବ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଜନତା ଦଳ । ସେଠାରେ ଏସସି ବର୍ଗକୁ ନେଇ ଲୋକଜନଶକ୍ତି ପାର୍ଟି ମଧ୍ୟ ରହିଛି । ସେହିପରି ତାମିଲନାଡୁରେ ଓବିସି ନେତୃତ୍ୱାଧୀନ ଡିଏମକେ ରାଜ୍ୟରେ ପ୍ରମୁଖ ରାଜନୈତିକ ପାର୍ଟି । ଝାଡ଼ଖଣ୍ଡ ରାଜ୍ୟରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ମୂଳ ଆଧାର ହେଉଛି ସାନ୍ତାଳ ଜନଜାତି । ଅନ୍ୟ ଜନଜାତିମାନେ ଅନେକାଂଶରେ ଏହି ଦଳକୁ ସମର୍ଥନ କରନ୍ତି । ତେବେ ଓଡିଶାରେ ଏପରି ରାଜନୀତି ନାହିଁ କହିଲେ ଚଳେ ।

ଉଭୟ ଭାରତବର୍ଷ ଓ ଓଡ଼ିଶାରେ ଦୁଇ ପ୍ରକାର ଜାତିସମୂହ ରହିଛି । ଗୋଟିଏ ହେଉଛି ଅଗ୍ରସର ଜାତିସମୂହ ଓ ଅନ୍ୟଟି ହେଉଛି ଅନଗ୍ରସର ଜାତିସମୂହ । ପ୍ରଥମଟିରେ ଅଳ୍ପ କେତୋଟି ଜାତି ଥିବାବେଳେ ଦ୍ୱିତୀୟଟିରେ ଅସଂଖ୍ୟ ଜାତି ରହିଛି । ବାସ୍ତବ ପକ୍ଷେ ଦେଖିବାକୁ ଗଲେ ଦେଶର ତଥା ରାଜ୍ୟର ଶାସନ କ୍ଷମତା ଏହି ଅଗ୍ରସର ଜାତି ସମୂହ ନିକଟରେ ରହି ଆସିଛି । ସମସ୍ତ ପ୍ରତିଷ୍ଠିତ ରାଜନୈତିକ ଦଳ ଏମାନଙ୍କ ଦ୍ୱାରା ପରିଚାଳିତ । ଅବଶ୍ୟ ବେଳେବେଳେ ଏମାନେ ଅନଗ୍ରସର ବର୍ଗରୁ ଜଣେ ଦୁଇଜଣଙ୍କୁ ଉଚ୍ଚ ପଦପଦବୀରେ ବସାନ୍ତି । ହେଲେ ପ୍ରକୃତ କ୍ଷମତା ଏମାନଙ୍କ ହାତରେ ଥାଏ । ଏମାନେ କେବେବି ଶାସନ କ୍ଷମତାକୁ ହାତଛଡ଼ା କରିବାକୁ ଦିଅନ୍ତି ନାହିଁ । ଫଳରେ ଦେଶରେ ତଥା ରାଜ୍ୟରେ ଅନଗ୍ରସର ଜାତିସମୂହ ସମାନ ଓ ସଂଖ୍ୟାନୁପାତିକ ରାଜନୈତିକ କ୍ଷମତା ହାସଲ କରିବାକୁ ସକ୍ଷମ ହୋଇ ନାହାଁନ୍ତି । ତେଣୁ ଅନଗ୍ରସର ଜାତି ସମୂହର ନେତାମାନେ ଏହାକୁ ନେଇ ପ୍ରତିବାଦ କରି ଆସିଛନ୍ତି । ଏମାନେ ସଂଖ୍ୟାନୁପାତିକ କ୍ଷମତା ହାସଲର ସପକ୍ଷରେ ଯୁକ୍ତିକରି ଆସିଛନ୍ତି । ସମାନ ଭାଗୀଦାରୀ କଥା କହି ଆସିଛନ୍ତି । ସମାନୁପାତିକ ଭାଗୀଦାରୀ କଥା ଉଠିଲେ ଏମାନେ ଜାତି ରାଜନୀତି କରୁଛନ୍ତି ବୋଲି ଅଭିଯୋଗ ଆସେ । ଏହା ଏକ ଅଦ୍ଭୁତ ଅଭିଯୋଗ ।

ଯେତେବେଳେ ପ୍ରଚଳିତ ରାଜନୈତିକ ବ୍ୟବସ୍ଥା ମଧ୍ୟରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଅନଗ୍ରସର ବର୍ଗ ସକ୍ଷମ ହୁଅନ୍ତି ନାହିଁ, ସେତେବେଳେ ନିଜ ଜାତି ସଂଗଠନକୁ ରାଜନୈତିକ କ୍ଷମତା ହାସଲ କରିବା ପାଇଁ ବ୍ୟବହାର କରନ୍ତି । ଏହା ଉତ୍ତରପ୍ରଦେଶ, ବିହାର, ତାମିଲନାଡୁ, ଝାଡ଼ଖଣ୍ଡ ପ୍ରଭୃତି ରାଜ୍ୟରେ ଦେଖିବାକୁ ମିଳୁଛି । ଏଦିଗରେ ଅନଗ୍ରସର ଜାତିଗୁଡିକ ଅନେକାଂଶରେ ସଫଳତା ମଧ୍ୟ ପାଇଛନ୍ତି । ଦେଶର ରାଜନୀତି କ୍ଷେତ୍ରରେ ଏହାକୁହିଁ ଜତିବାଦୀ ରାଜନୀତି ବୋଲି କୁହାଯାଇଛି । ଯେତେବେଳେବି ଏହିପ୍ରକାର ରାଜନୀତିର ପ୍ରବକ୍ତାମାନଙ୍କୁ ପ୍ରଶ୍ନ କରାଯାଇଛି ସେମାନେ ଏହାକୁ ସ୍ୱୀକାର କରିନାହାଁନ୍ତି । ସେମାନେ ନିଜକୁ ସାମାଜିକ ନ୍ୟାୟର ସମର୍ଥକ ଓ ଏହାକୁ ସାମାଜିକ ନ୍ୟାୟ ଆନ୍ଦୋଳନ ବୋଲି କହିଛନ୍ତି । ସମାନତା ସ୍ଥାପନ ପାଇଁ ଏହାର ଆବଶ୍ୟକତା ରହିଛି ବୋଲି ତାଙ୍କ ମତ ।

ଅନ୍ୟ ପକ୍ଷରେ ଯେଉଁମାନେ ସଂଖ୍ୟାଧିକ ଅନଗ୍ରସର ଜାତିସମୂହକୁ ସଂଖ୍ୟାନୁପାତିକ ଅଧିକାରରୁ ବଞ୍ଚିତ କରନ୍ତି ତାଙ୍କୁ ଜତିବାଦୀ କୁହଯାଏ ନାହିଁ । ବାସ୍ତବରେ ଏହାବି ଏକ ପ୍ରକାରର ଜାତିବାଦ । ଯାହା ସ୍ୱାଧୀନତା ପରଠାରୁ ଦେଶରେ ପରିଲକ୍ଷିତ ହୋଇଆସିଛି । ଅଜବ ବିରୋଧାଭାସ । ମୁଷ୍ଟିମେୟ ଜାତି ସମସ୍ତ କ୍ଷମତାକୁ ନିଜ ନିୟନ୍ତ୍ରଣରେ ରଖିଲେ ତାହା ଜାତିବାଦ ନୁହେଁ । କିନ୍ତୁ ସଂଖ୍ୟାବହୁଳ ଜାତିସମୂହ ନିଜର ସଂଖ୍ୟାନୁପାତିକ ଅଧିକାର ହାସଲ ପାଇଁ ପ୍ରୟାସ କଲେ ସେମାନେ ହୁଅନ୍ତି ଜାତିବାଦୀ । ତେଣୁକରି ଜାତିବାଦୀ ରାଜନୀତି ସେହି ରାଜ୍ୟରେ ଚାଲେ ଯେଉଁ ରାଜ୍ୟରେ ଅନଗ୍ରସର ଜାତିସମୂହ ନିଜ ସମାନ ଅଧିକାର ସମ୍ବନ୍ଧରେ ସଚେତନ । ଉଲ୍ଲେଖିତ ରାଜ୍ୟମାନଙ୍କରେ ଜାତି ରାଜନୀତି ଚାଲିଛି ଯେହେତୁ ସେଠାରେ ଅନଗ୍ରସର ଜାତିସମୂହ ସଚେତନ ଓ ସମାନ ଅଧିକାର ପାଇଁ ସଂଗ୍ରାମ ରତ ।

ଓଡ଼ିଶାରେ ଜାତି ରାଜନୀତି ନାହିଁ ଯେହେତୁ ଏଠାରେ ଅନଗ୍ରସର ଜାତିସମୂହ ନିଜର ସମାନ ଅଧିକାର ସମ୍ବନ୍ଧରେ ସଚେତନ ନୁହଁନ୍ତି । ଭାରତବର୍ଷର ଯେକୌଣସି ରାଜ୍ୟ ଅପେକ୍ଷା ଓଡ଼ିଶାରେ ଏମାନଙ୍କ ସଂଖ୍ୟା ସର୍ବାଧିକ । ଅନୁସୂଚୀତ ଜାତି ଓ ଜନଜାତିମାନଙ୍କ ସଂଖ୍ୟା ୪୦% ଓ ଓବିସିଙ୍କ ସଂଖ୍ୟା ପ୍ରାୟ ୫୪%, ମିଶାଇଲେ ଏହା ୯୦%କୁ ଅତିକ୍ରମ କରିଯାଉଛି । ଏମାନଙ୍କ ସହିତ ସଂଖ୍ୟାଲଘୁମାନଙ୍କୁ ମିଶାଇଲେ ଏ ସଂଖ୍ୟା ଆହୁରି ବଢ଼ିଯିବ । ତଥାପି ଓଡିଶା ରାଜନୀତିରେ ଏମାନେ ସଂଖ୍ୟାନୁପାତିକ ଅଧିକାରଠାରୁ ବହୁ ଦୂରରେ ଅଛନ୍ତି । ଅନୁସୂଚୀତ ଜାତି ଓ ଜନଜାତିମାନେ ଯଦିଓ ସଂଖ୍ୟାନୁପାତିକ ପ୍ରତିନିଧିତ୍ୱର ସୁବିଧା ପାଉଛନ୍ତି ତଥାପି ଏମାନେ ପ୍ରକୃତ କ୍ଷମତାର ଅଧିକାରୀ ନୁହଁନ୍ତି । ଏମାନେ କେବଳ ହାଁଜୀ ରାଜନୀତି କରିଥାନ୍ତି । ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସି ମାନେତ ଆହୁରି ତଳେ ଅଛନ୍ତି । ଏମାନେ ସମାନ ଅଧିକାର ସମ୍ବନ୍ଧରେ ଆଦୌ ସଚେତନ ନୁହଁନ୍ତି । ଏମାଙ୍କୁ ମାତ୍ର ୧୧-୨୫% ସଂରକ୍ଷଣ ଚାକିରୀ ଓ ସାଧାରଣ ଶିକ୍ଷାରେ ଦିଆଯାଉଛି ।

ତେଣୁ ଏହା ନିରାଟ ସତକଥା ଯେ ଓଡିଶାରେ ଜାତି ରାଜନୀତି ନାହିଁ । ଉତ୍ତରଭାରତର ଜାତି ରାଜନୀତିର ପ୍ରଭାବ ଓଡ଼ିଶାରେ ଏଯାଏଁ ପଡିନାହିଁ । ରାଜ୍ୟରେ ଯେଉଁଦିନ ଅନଗ୍ରସର ଜାତିସମୂହ ସଚେତନ ହେବେ ଓ ନିଜର ସଂଖ୍ୟାନୁପାତିକ ଅଧିକାର ପାଇଁ ଲଢ଼ିବା ଆରମ୍ଭ କରିବେ ସେହି ଦିନଠାରୁ ଓଡ଼ିଶାରେ ମଧ୍ୟ ଜାତି ରାଜନୀତି ଆରମ୍ଭ ହେବ । ସାମ୍ପ୍ରତିକ ଅବସ୍ଥାରେ ଏହା ଆଉ ବିଳମ୍ବ ନୁହେଁ ପରି ମନେହୁଏ । କାରଣ ରାଜ୍ୟର ସମସ୍ତ ରାଜନୈତିକ ଦଳ ଏବେ ସମସ୍ତ କ୍ଷେତ୍ରରେ ଏହି ବର୍ଗମାନଙ୍କ ସମାନୁପାତିକ ଅଧିକାର କଥା କହୁଛନ୍ତି । ବିଜେପି ଜଣେ ଆଦିବାସୀଙ୍କୁ ମୁଖ୍ୟମନ୍ତ୍ରୀ କରିଛି । କଂଗ୍ରେସ ଜଣେ ଅନୁସୂଚୀତ ବର୍ଗର ନେତାଙ୍କୁ ରାଜ୍ୟ ଅଧ୍ୟକ୍ଷ ଦାୟିତ୍ୱ ଦେଇଛି । ବିଜେଡ଼ି ଓବିସି ସମେତ ସମସ୍ତ ସଂରକ୍ଷିତ ବର୍ଗର ଆନୁପାତିକ ସଂରକ୍ଷଣ ସପକ୍ଷରେ କହିବାର ଶୁଣାଯାଉଛି । ସମସ୍ତ ପ୍ରତିଷ୍ଠିତ ରାଜନୈତିକ ଦଳ ଜାତି ଓ ଗୋଷ୍ଠୀ ଆଧାରରେ ଗୋଟି ଚାଳନା କରୁଛନ୍ତି । ଅନ୍ୟପକ୍ଷରେ ଉତ୍ତର ଭାରତର ଆଜାଦ୍ ସମାଜ ପାର୍ଟି(ଏଏସପି), ସମାଜବାଦୀ ପାର୍ଟି(ଏସପି), ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି), ବହୁଜନ ସମାଜ ପାର୍ଟି(ବିଏସପି) ପରି ରାଜନୈତିକ ଦଳମାନେ ଏହାରି ସୁଯୋଗରେ ନିଜର ସ୍ଥିତିକୁ ରାଜ୍ୟରେ ବଢ଼ାଇବାକୁ ଚାହୁଁଛନ୍ତି । ତେଣୁ ଖୁବଶୀଘ୍ର ଓଡିଶାରେ ମଧ୍ୟ ଜାତି ରାଜନୀତି ଆରମ୍ଭ ହେବାର ସମ୍ଭାବନା ରହିଛି ।

ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

# ସଂସ୍କୃତି ପୁରୁଷ କାଶୀନାଥ

ପଣ୍ଡିତ ଡଃ ପ୍ରବୋଧ କୁମାର ମିଶ୍ର

ଓଡ଼ିଶାରେ ସଂସ୍କୃତି, ସାମାଜିକ, ସୁସ୍ଥତା ଓ ପ୍ରଜ୍ଞାବୋଧର ପ୍ରଚାର କରିଥିବା ପଣ୍ଡିତ ରଘୁନାଥ ମିଶ୍ରଙ୍କ ପୁତ୍ରଙ୍କ ଆଡ଼ଭୋକେଟ୍ କାଶୀନାଥ ମିଶ୍ର ୯୭ ବର୍ଷ ବୟସରେ ଚିର ବିଦାୟ ନେଇଛନ୍ତି । ସେ ଆଇନଜୀବୀ ଭାବେ କାର୍ଯ୍ୟରତ ଥିଲେ ହେଁ ରଜ୍ୟରେ ସଂସ୍କୃତି ଓ ସାମାଜିକତା ରକ୍ଷା ଦିଗରେ ଯୁବକ ଅବସ୍ଥାରୁ ହିଁ କାର୍ଯ୍ୟ ଆରମ୍ଭ କରିଥିଲେ । ପିତା ରଘୁନାଥ ମିଶ୍ର ଏକାଧାରରେ ସମାଜ ସଂସ୍କାର ବୈଦିକ ଧର୍ମର ଲୋକପ୍ରିୟତା ସୃଷ୍ଟି ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ । ପୁରୀର ଷୋଳ ଶାସନ ବିଭିନ୍ନ ଗାଁ ବିଶ୍ୱନାଥପୁରରୁ ଆସି ଗୋପ ବାଲିମୁକୁନ୍ଦପୁରରେ ଅବସ୍ଥାନ କରୁଥିବା ରଘୁନାଥ ମିଶ୍ର ପରିବର ଉଭୟ ଗ୍ରାମରେ ବାସ କରୁଥିଲେ । ୧୯୨୫ ସାଲ୍ ନଭେମ୍ବର ୩୦ ତାରିଖରେ ପିତାଙ୍କ ଚତୁର୍ଥ ସନ୍ତାନ ଭାବେ ଜନ୍ମ ନେଇ ବିଭିନ୍ନ ସ୍କୁଲ କଲେଜରେ ପଢି ଜଣେ ସଂସ୍କୃତବିତ୍ ହୋଇଥିଲେ । ପୁରୀରେ ପାଠପଢ଼ା ସମୟରୁ ଗରିବ ଛାତ୍ରମାନଙ୍କୁ ମଠମାନଙ୍କରେ ଥଇଥାନ କରି ମଠ ବିଦ୍ୟାର୍ଥୀ ସଂଘର ସଭାପତି, ଓଡ଼ିଶାର ପ୍ରଥମ ଭାଗଚାଷୀ ଆନ୍ଦୋଳନ ମଙ୍ଗଳପୁରରୁ କାରାବରଣ ଓ ଜୟ ପ୍ରକାଶଙ୍କ ସହିତ ସମ୍ବର୍ଦ୍ଧିତ ହୋଇଥିଲେ । ପୁରୀରେ ଆଇନଜୀବୀ ଥିଲାବେଳେ ନିଶାନିବାରଣ, କଳିକାକୋଶଳ ସେବା, ଗୋପ-କୋଣାର୍କ ଗଣପରିଷଦ ଗଠନ କରି ସ୍ଥାନୀୟ ସମସ୍ୟା ସମାଧାନ କରିବାରେ ସମର୍ଥ ହୋଇଥିଲେ । ରାଷ୍ଟ୍ରୀୟ ଚେତନାର ଆହ୍ୱାନରେ ତାଙ୍କ ତିନି ପୁଅ ଜରୁରୀକାଳୀନ ପରିସ୍ଥିତିରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କାମରେ କାର୍ଯ୍ୟ ପରିଚାଳନା କରୁଥିଲେ । ଜନତା ଦଳ ଭାଙ୍ଗିଯିବାରୁ ଏହି ଦଳକୁ ଏକତ୍ରିତ ପାଇଁ ଅନେକ ଉଦ୍ୟମ କରିଥିଲେ । ସେ ଆରଏସଏସ ସଂଘର ଦାୟିତ୍ୱ ତୁଲାଇଥିଲେ । ଭାରତୀୟ ଶାସନତନ୍ତ୍ର ତଥା ବିଚାର ବିଭାଗୀୟ ସଂସ୍ଥାର ତଥା ଶ୍ରୀଜଗନ୍ନାଥ ମନ୍ଦିର ସଂସ୍ଥାର ସମୃଦ୍ଧିରେ ସହଯୋଗ କରୁଥିଲେ । ୧୯୪୨ ମସିହାରେ ବିଦେଶୀ ସରକାର ବିରୋଧରେ ସଂଗ୍ରାମ କରି କାରାବରଣ କରିଥିଲେ । ସେ ଜୀବଦ୍ଦଶାର ଆଠ ଦଶ ଖଣ୍ଡ ମୂଲ୍ୟବାନ ଗ୍ରନ୍ଥ ରଚନା କରିଯାଇଛନ୍ତି, ତାଙ୍କ ସହଧର୍ମିଣୀ ପ୍ରମିଳା ଦେବୀ ସର୍ବତ୍ର ଗୁରୁମା ଭାବରେ ସମ୍ମାନିତ ହୋଇଥିଲେ । ମିଶ୍ର ଦମ୍ପତି ସମାଜସେବା, ସଂସ୍କୃତି ଓ ପରମ୍ପରା ରକ୍ଷା ଦିଗରେ ଅଗ୍ରଗାମୀ ଥିଲେ । ବିଭିନ୍ନ ଗ୍ରନ୍ଥ, ଆଇନ ପୁସ୍ତକ ଓ ସାମାଜିକ ଧାରାକୁ ଅନୁଧ୍ୟାନ କରି ନୂତନ ଧାରାକୁ ଜନସାଧାରଣଙ୍କୁ



ପ୍ରେରଣା ଦେଇଥିଲେ । ଜଣେ ବାଗ୍ମୀ, ଲେଖକ, ସମାଜସେବୀ ଭାବରେ ଶ୍ରୀ ମିଶ୍ର ପୁରୀ ଜିଲ୍ଲା ଏବଂ ବାହାରେ ମଧ୍ୟ ସମ୍ମାନିତ ହୋଇଥିଲେ । ଆରଏସଏସ ସଂଘ ସହିତ ସେ ଓ ତାଙ୍କର ପରିବାରବର୍ଗ ଏହାର ଅନୁସରଣ କରିଥିଲେ । ଚନ୍ଦ୍ରଭାଗା ତୀର୍ଥ ସଂସ୍ଥାର କୋଣାର୍କ ମନ୍ଦିର ପାଇଁ "ସୂର୍ଯ୍ୟ ଶକ୍ତି କୋଣାର୍କ" ପୁରୀରେ ମନ୍ଦିର ପରିସର, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ପ୍ରଭୃତି ସ୍ଥାନରେ ତରୁଣମାନଙ୍କୁ ନେଇ କାର୍ଯ୍ୟକ୍ରମ କରି ସଫଳ ହୋଇଥିଲେ । ଜଣେ ରାଷ୍ଟ୍ରସେବୀ ଭାବରେ ଆରଏସଏସ ଏବଂ ବିଭିନ୍ନ ସଂଗଠନରେ ରହି ସଂସ୍କୃତି ଓ ସଂସ୍ଥାର ଦିଗରେ ସେ ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ କାର୍ଯ୍ୟ କରିଯାଇଛନ୍ତି । ଏଥିପାଇଁ ଓଡ଼ିଶାରେ ତାଙ୍କର ସତନ୍ତ୍ରତା ରହି ଆସିଅଛି । ଏହି ସଂସ୍କାରୀ ପୁରୁଷଙ୍କୁ ଓଡ଼ିଆ ଜାତି ଭୂଲିପାରିବ ନାହିଁ । ତାଙ୍କ ସୁପୁତ୍ର ପ୍ରଫେସର ପ୍ରଫୁଲ୍ଲ ମିଶ୍ର ସେହି ଧାର୍ମିକ ଧାରରେ ଅନୁପ୍ରାଣୀତ । ସେ ବିଭିନ୍ନ ବିଶ୍ୱବିଦ୍ୟାଳୟରେ କୁଳପତି ଓ ବିହାରରେ କୃଷି ବିଶ୍ୱବିଦ୍ୟାଳୟରେ କୁଳାଧିପତି ଭାବରେ କାର୍ଯ୍ୟ କରିଛନ୍ତି ।

ଉଲ୍ଲେଖନୀୟ ଯେ ଶେଷ ଜୀବନରେ ସେ ସସ୍ତ୍ରୀଙ୍କ ପୁରୀର ନୃସିଂହ ମନ୍ଦିର ସଂସ୍ଥାର, ଦୁର୍ଗାଦେବୀ ସଂଗୀତ ଶାଳା, ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପ୍ରଭୃତି ଅନୁଷ୍ଠାନ ଗଢି ଜୀବନ୍ତପୁରୁଷ ହୋଇଛନ୍ତି । ପିଲାମାନଙ୍କ ପାଇଁ କାଶୀନାଥ ପାଠାଗାର ପ୍ରତିଷ୍ଠା କରିଯାଇଛନ୍ତି । ନିଜ ପରେ ଶରଧାବାଲି ବିଦ୍ୟାଳୟ, ଦୁର୍ଗାଦେବୀ ସଂଗୀତ ବିଦ୍ୟାଳୟ ଓ ବରିଷ୍ଠ ନାଗରିକ ମଞ୍ଚ ଗଢି ନମସ୍ୟ ହୋଇଛନ୍ତି । ନିରଳସ ଭାବରେ ସମାଜ ସଂସ୍କାର ଓ ନୈତିକତାର ବିକାଶ ଶେଷ ନିଶ୍ୱାସ ପର୍ଯ୍ୟନ୍ତ କାର୍ଯ୍ୟରତ ଥିଲେ । ଦୀର୍ଘ ୯୭ ବର୍ଷର ଜୀବନରେ ସେ ସମାଜକୁ କେବଳ ଦେଇ ଚାଲିଥିଲେ । କୌଣସି ପଦପଦବୀ ସମ୍ମାନଠାରୁ ଦୂରରେ ରହି ନେବା ଅଭ୍ୟାସକୁ ଆଡ଼େଇ ଯାଇଥିଲେ । ସେହି ପ୍ରାଜ୍ଞ ପୁରୁଷଙ୍କୁ ପୂଜ୍ୟ ପ୍ରଣାମ ।

ସଂପାଦକ ନିତ୍ୟନୂତନ,
ପ୍ରଜ୍ଞାନ ବାଚସ୍ପତି, ଭୁବନେଶ୍ୱର

# ମୋଦୀଙ୍କ ହନୁମାନ ମୁହୂର୍ତ୍ତ: ବିଶ୍ୱ ମଞ୍ଚରେ ଭାରତର ସଫଳତା



ହରଦୀପ ଏସ୍ ପୁରୀ

ଯେତେବେଳେ ସାରା ଭାରତର ଆଲୋକରେ ଆଲୋକିତ ହେଉଛି, ରାମାୟଣର ଏକ ଶାଶ୍ୱତ ଦୃଶ୍ୟ ଆଜି ଆମର ବର୍ତ୍ତମାନକୁ ପ୍ରେରଣା ଦେଇଯାଉଛି । ସେତେବେଳେ ହନୁମାନ ସମୁଦ୍ର କୂଳରେ ଠିଆ ହୋଇ ନିଜ ସାମର୍ଥ୍ୟ ଉପରେ ସନ୍ଦେହ କରିଥିଲେ, କିନ୍ତୁ ଜାମ୍ବବାନ ତାଙ୍କୁ ସ୍ମରଣ କରାଇଥିଲେ ଯେ, "ତୁମ ଭିତରେ ଅସୀମ ଶକ୍ତି ନିହିତ ଅଛି, ତୁମେ ଯେକୌଣସି ଅସାଧ୍ୟକୁ ସାଧନ କରିପାରିବ ।" ସେହି ମୁହୂର୍ତ୍ତରେ ହନୁମାନ ନିଜ ସାମର୍ଥ୍ୟକୁ ଚିହ୍ନି ଅସମ୍ଭବ କାର୍ଯ୍ୟକୁ ସଫଳତାରେ ପରିଣତ କରିଥିଲେ । ଆଜି ଭାରତ ମଧ୍ୟ ସେହି ପର୍ଯ୍ୟାୟରେ ଅଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜାମ୍ବବାନଙ୍କ ଭଳି ଏହି ଜାତିର ଭିତରେ ନିହିତ ଶକ୍ତିକୁ ଜାଗୃତ କରିଛନ୍ତି । ସେ ଭାରତକୁ ଏମିତି ଏକ ଅର୍ଥନୀତି ରୂପେ ଗଢ଼ି ଉଠିବାକୁ ପ୍ରେରିତ କରିଛନ୍ତି, ଯାହା ଭବିଷ୍ୟତର ସମସ୍ତ ଆହ୍ୱାନକୁ ସାମ୍ନା କରିବାରେ ସକ୍ଷମ । ଭାରତ ବର୍ତ୍ତମାନ ନିଜ ଶକ୍ତି ଓ ସାମର୍ଥ୍ୟକୁ ଉପଲବ୍ଧି କରି ସମସ୍ତ ବୈଶ୍ୱିକ ଆହ୍ୱାନ - ଭିସା ପ୍ରତିବନ୍ଧକ, ଟାରିଫ ବା ବାଣିଜ୍ୟିକ ଅବରୋଧ ଯେପରି ହେଉ - ସେଗୁଡ଼ିକୁ ସାମ୍ନା କରିବାରେ ଭୟଭୀତ ନୁହେଁ । ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଏବଂ ଜନଶକ୍ତିର ସାମୂହିକ ବିଶ୍ୱାସ ଭାରତକୁ ଏମିତି ଏକ ଅବସ୍ଥାକୁ ନେଇଯାଇଛି, ଯେଉଁଠାରେ ସେ ସମସ୍ତ ବିପଦକୁ ପ୍ରଗତିର ବେଗରେ ପରିଣତ କରିପାରୁଛି ।

ବିଗତ କିଛି ମାସ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା ତାଙ୍କ ନୂତନ ନୀତି ଅନୁଯାୟୀ ଏଚ-୧ବି ଭିସା ଆବେଦନ ଉପରେ ୧,୦୦,୦୦୦ ଡଲାର ଫି ନିର୍ଧାରଣ କରିଛି ଏବଂ ବ୍ରାଣ୍ଡଯୁକ୍ତ ଓ ପେଟେଣ୍ଟ ଔଷଧ ଆମଦାନୀ ଉପରେ ୧୦୦ ପ୍ରତିଶତ ଟାରିଫ୍ ଲାଗୁ କରିଛି । ଏଭଳି ପଦକ୍ଷେପ କର୍ମନିଯୁକ୍ତି- ସୁରକ୍ଷା ଉପରେ ଆଧାରିତ, କିନ୍ତୁ ତାହାର ଏକ ବ୍ୟାପକ ପ୍ରଭାବ, ସେମାନଙ୍କ ସୀମାକୁ ଅତିକ୍ରମ କରି ବିଶ୍ୱବ୍ୟାପୀ ଅର୍ଥନୈତିକ ଅସ୍ଥିରତା ଏବଂ ସଂରକ୍ଷଣବାଦର ଏକ ନୂତନ ତରଙ୍ଗ ସୃଷ୍ଟି କରିଛି । ଏହା ବିକଶିତ ଦେଶମାନଙ୍କ ମଧ୍ୟରେ ଜନସାଂଖ୍ୟିକ ଉଦ୍‌ବେଗ ଏବଂ ଅସ୍ଥିରତାର ଭାବନାକୁ ଆହୁରି ଗଭୀର କରିଛି । କିନ୍ତୁ ଏହି ପରିସ୍ଥିତିରେ ଭାରତ ନିଜ ସ୍ଥିର ଓ ଦୃଢ଼ ଦୃଷ୍ଟିକୋଣ ସହିତ ନିଜର ଦିଗକୁ ଅଗ୍ରସର ହୋଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସେହି ନୀତିଗୁଡ଼ିକୁ ଏମିତି ଉତ୍ତର ଦେଇଛି, ଯାହା ଏହି ଦେଶର ଭିତ୍ତିକୁ ଆହୁରି ସୁଦୃଢ଼ କରିଛି । ସେହି ଭିତ୍ତି ତିନୋଟି ସ୍ତମ୍ଭ ଉପରେ ଦଣ୍ଡାୟମାନ - ମାତ୍ରା, ଦକ୍ଷତା ଏବଂ ଆତ୍ମନିର୍ଭରଶୀଳତା । ଏହି ତିନୋଟି ଶକ୍ତି ଏମିତି ଅବିଚଳ ସମ୍ପଦ, ଯାହାକୁ କୌଣସି ଟାରିଫ୍, କୌଣସି ନୀତି ବା କୌଣସି ଅବରୋଧ କେବେ ସ୍ପର୍ଶ କରିପାରିବ ନାହିଁ ।

ବିଶ୍ୱ ସହିତ ଏହାର ପ୍ରତିରୂପ ବେଶ୍ ଉଲ୍ଲେଖନୀୟ । ଚୀନର ଜନସଂଖ୍ୟା ଦ୍ରୁତ ଗତିରେ ବାର୍ଦ୍ଧକ୍ୟ ଆଡ଼କୁ ଧାବମାନ । ଏହାର ମଧ୍ୟମ ଆୟୁବର୍ଗ ବର୍ତ୍ତମାନ ଚାଳିଶ ବର୍ଷ ପାର ହୋଇସାରିଛନ୍ତି, ଯଦ୍ୟପି ଭାରତର ଏହି ଆୟୁବର୍ଗ ବର୍ତ୍ତମାନ ଅଣତିରିଶ ବର୍ଷ ତଳେ ରହିଛନ୍ତି । ଆମ ମୋଟ ଜନସଂଖ୍ୟାର ଦୁଇ- ତୃତୀୟାଂଶଙ୍କ ବୟସ ବର୍ତ୍ତମାନ ପଇଁତିରିଶ ବର୍ଷରୁ କମ୍ ରହିଛି । ସେହି ଯୁବ ଶକ୍ତି, ଯାହାକି କୌଶଳ, ଶିକ୍ଷା ଏବଂ ଉଦ୍ୟମିତା ଦ୍ୱାର ପୁଷ୍ଟ, ତାହା ଭାରତକୁ ବିଶ୍ୱ ଅର୍ଥନୀତିର ବିକାଶ ଇଞ୍ଜିନରେ ପରିଣତ କରିଛି । ଏହା କେବଳ ଗୋଟିଏ ସ୍ଲୋଗାନ ନୁହେଁ, ଯେତେବେଳେ ବୈଶ୍ୱିକ ଅନୁଷ୍ଠାନମାନେ ରିପୋର୍ଟ ପ୍ରଦାନ କରୁଛନ୍ତି ଯେ ଗତ ବର୍ଷ ଭାରତର ବୈଶ୍ୱିକ ବିକାଶରେ ଷୋହଳ ପ୍ରତିଶତ ଅବଦାନ ରହିଛି । ଏହା ହେଉଛି ଦୀର୍ଘ ଏକ ଦଶନ୍ଧିର ସଂସ୍କାର, ନିବେଶ ଏବଂ ଭିତ୍ତିଭୂମି ବିକାଶର ପରିଣାମ ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ହିଁ ସମ୍ଭବପର ହୋଇପାରିଛି ।

ସାମ୍ପ୍ରତିକ ତଥ୍ୟ ଭାରତର ଆର୍ଥିକ ଯାତ୍ରାରେ ହାସଲ ହୋଇଥିବା ବେଗ ଓ ସ୍ଥିରତା ଉପରେ ସ୍ପଷ୍ଟ ଆଲୋକ ପାତ କରୁଛି । ଭାରତୀୟ ରିଜର୍ଭ ବ୍ୟାଙ୍କ ନିକଟରେ ଭାରତର ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଡି.ପି.) ବୃଦ୍ଧି ହାରକୁ ୨୦୨୬ ଆର୍ଥିକ ବର୍ଷ ପାଇଁ ୬.୮ ପ୍ରତିଶତ ଭାବେ ସଂଶୋଧନ କରିଛି । ଏହି ସଫଳତାର ପଛରେ ଅଛି ସହନଶୀଳ ଘରୋଇ ଚାହିଦା, ନିରନ୍ତର ବୃଦ୍ଧିଶୀଳ ନିବେଶ ପ୍ରବାହ ଏବଂ ଉତ୍ତମ ମୌସୁମୀ ପରିସ୍ଥିତି । ଜିଏସଟି ସଂଗ୍ରହ ତଥ୍ୟ ମଧ୍ୟ ଏହି ଗତିକୁ ସ୍ପଷ୍ଟ ପ୍ରମାଣିତ କରୁଛି - ଗତ ସେପ୍ଟେମ୍ବର ମାସରେ ଜିଏସଟି ଆଦାୟ ୧.୮୯ ଲକ୍ଷ କୋଟି ଟଙ୍କାକୁ ଅତିକ୍ରମ କରିଛି ଏବଂ ଏହା କ୍ରମେ ନବମ ଥର ପାଇଁ ୧.୮ ଲକ୍ଷ କୋଟି ଟଙ୍କା ଉପରେ ରହିଛି । ଏହା ଦେଖାଉଛି ଯେ ଦେଶରେ ବ୍ୟବହାର ଏବଂ ଟିକସ ଆଧାର ଉଭୟ ଶକ୍ତିଶାଳୀ ହେଉଛି । ବୈଦେଶିକ ମୁଦ୍ରା ସଂଗ୍ରହ ମଧ୍ୟ ଏବେ ନୂତନ ଉଚ୍ଚତାକୁ ସ୍ପର୍ଶ କରିଛି । ଦେଶରେ ବର୍ତ୍ତମାନ ବୈଦେଶିକ ମୁଦ୍ରା ସଂଗ୍ରହ ପରିମାଣ ୭୦୦ ବିଲିୟନ ଡଲାର ଛୁଇଁଛି, ଯାହା ପ୍ରାୟ ଏଗାର ମାସର ଆମଦାନୀକୁ ତୁଲାଇବା ସକାଶେ ସକ୍ଷମ । ଏହି ପରିମାଣ ଗତ ବର୍ଷ ତୁଳନାରେ ବହୁଗୁଣା ବୃଦ୍ଧି ପାଇଛି ଏବଂ ଭାରତର ଆର୍ଥିକ ଭିତିକୁ ଅଧିକ ମଜବୁତ କରିଛି । ଏହି ସମସ୍ତ ପରିସ୍ଥିତି ସହିତ ଉତ୍ପାଦନ ପି.ଏମ.ଆଇ. ୫୭.୭ ଏବଂ ସେବା କ୍ଷେତ୍ର ପି.ଏମ.ଆଇ. ୬୦.୯ରେ ରହିଛି, ଯାହା ଭାରତକୁ ବିଶ୍ୱର ସବୁଠାରୁ ଦ୍ରୁତତମ ଅଭିବୃଦ୍ଧିଶୀଳ ବିଶାଳ ଅର୍ଥନୀତି ଭାବେ ସ୍ଥାପିତ କରିଛି । ଏହି ସଂଖ୍ୟାମାନେ କେବଳ ଅର୍ଥନୈତିକ ସୂଚକ ନୁହେଁ, ଏହା ଭାରତର ଯୁବ ଶକ୍ତି, ନିବେଶକ ବିଶ୍ୱାସ ଏବଂ ନୀତିଗତ ସ୍ଥିରତାର ପ୍ରତୀକ ରୂପେ ପ୍ରକାଶିତ ହେଉଛି ।

ବଜାର ଠାରୁ ଆରମ୍ଭ କରି ରାସ୍ତାକଡ଼ର ଦୋକାନ ବଜାରରେ ସୁଦ୍ଧା ପ୍ରତିବିମ୍ବିତ ହୋଇଛି । ଖୁଚୁରା ଏବଂ ଇ- କମର୍ସ ସେଲ୍ସ ଚଳିତ ବର୍ଷ ଦଶହରାରେ ହିଁ ସର୍ବୋଚ୍ଚ ସ୍ତର ଛୁଇଁଥିଲା ଏବଂ ତାହା ୩.୭ ଲକ୍ଷ କୋଟି ଟଙ୍କାକୁ ପାର କରିଛି ବୋଲି ସି.ଏ.ଆଇ.ଟି. ଏବଂ ଭାରତୀୟ ଖୁଚୁରା ବ୍ୟବସାୟୀ ସଂଘ ଭଳି ଶିଳ୍ପ ସଂସ୍ଥାମାନଙ୍କ ରିପୋର୍ଟରେ ପ୍ରତିଫଳିତ ହୋଇଛି । ଏହା ବିଗତ ବର୍ଷ ତୁଳନାରେ ପ୍ରାୟ ୧୫ ପ୍ରତିଶତ ଅଧିକ ବୋଲି ଜଣାପଡ଼ିଛି । ଅନଲାଇନ ପ୍ଲାଟଫର୍ମଗୁଡ଼ିକ କେବଳ ୯୦,୦୦୦ କୋଟି ଟଙ୍କାର ସାମଗ୍ରିକ ବ୍ୟବସାୟ ମୂଲ୍ୟର କାରବାର ଚଳିତ ବର୍ଷ ପାର୍ବଣ ଋତୁରେ କରିଛନ୍ତି ଏବଂ ତାହା ଅଟୋମୋବାଇଲ, ଇଲେକ୍ଟ୍ରୋନିକ୍ସ, ସୁନା ଓ ପରିଧାନ ଭଳି ସାମଗ୍ରୀର ଚାହିଦା ଦ୍ୱାରା ହିଁ ମୁଖ୍ୟତଃ ପରିଚାଳିତ ବୋଲି ଜଣାପଡ଼ିଛି । ଚଳିତ ବର୍ଷ ଦୀପାବଳି, ପୂର୍ବର ସମସ୍ତ ରେକର୍ଡକୁ ଭଙ୍ଗ କରିବ ବୋଲି ଆଶା କରାଯାଉଛି । ଏହା କେବଳ ଉପଭୋକ୍ତାମାନଙ୍କ ଆତ୍ମବିଶ୍ୱାସରୁ ସଂକେତ ମିଳିନାହିଁ ଅପରପକ୍ଷେ ଆନୁଷ୍ଠାନିକ ଋଣ, ଡିଜିଟାଲ ପେମେଣ୍ଟ ଏବଂ ଗ୍ରାମାଞ୍ଚଳ ଲୋକମାନଙ୍କ କ୍ରୟଶକ୍ତି ବୃଦ୍ଧି କରିବା ନିମନ୍ତେ ସରକାରଙ୍କ ନିରବଚ୍ଛିନ୍ନ ପ୍ରୋତ୍ସାହନ ପାଇଁ ସଫଳ ହୋଇପାରିଛି ବୋଲି ବିବେଚନା କରାଯାଏ ।

ଦେଶର ଆର୍ଥିକ ମୂଳଦୁଆ ବର୍ତ୍ତମାନ ବେଶ୍ ମଜଭୁତ ରହିଛି । ବିଗତ ଏକ ଦଶନ୍ଧି ଧରି, ଭାରତର ଜି.ଡି.ପି. ପ୍ରାୟ ଦ୍ୱିଗୁଣିତ ହୋଇ ଭାରତକୁ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥ ବ୍ୟବସ୍ଥାରେ ପରିଣତ କରିଛି ଏବଂ ତାହା ଖୁବ୍ ଶୀଘ୍ର ଜର୍ମାନୀ ଅର୍ଥବ୍ୟବସ୍ଥାକୁ ଟପିବାର ଆଶା ରଖାଯାଇଛି । ବିଦେଶୀ ମୁଦ୍ରା ଭଣ୍ଡାର ୬୦୦ ବିଲିୟନ ଆମେରିକୀୟ ଡଲାର ହେବାର ଆଶା କରାଯାଉଛି । ବର୍ତ୍ତମାନ ଦେଶରେ ମୁଦ୍ରାସ୍ଫୀତିର ମାତ୍ରା ଖୁବ୍ ସ୍ୱଳ୍ପ ରହିଛି ଏବଂ ଆର୍ଥିକ ସଙ୍କୋଚନ ଯୋଗୁଁ ରେକର୍ଡ ପରିମାଣର ସରକାରୀ ପୁଞ୍ଜି ବ୍ୟୟ କରାଯାଇପାରିଛି । ୨୦୨୪-୨୫ ମସିହାରେ, ଭାରତର ସାମଗ୍ରିକ ଦ୍ରବ୍ୟ ଓ ସେବା ରପ୍ତାନୀ ପରିମାଣ ସର୍ବକାଳୀନ ଶୀର୍ଷ ଛୁଇଁ ପ୍ରାୟ ୮୨୫ ବିଲିଅନ ଛୁଇଁଥିଲା, ଯଦ୍ୟପି କେବଳ ବ୍ୟବସାୟିକ ରପ୍ତାନୀ ପ୍ରାୟ ୪୩୭ ବିଲିୟନ ଡଲାର ହୋଇଛି । ଅକ୍ଷୟ ଶକ୍ତି କ୍ଷମତା ୨୨୦ ଗିଗାୱାଟକୁ ଅତିକ୍ରମ କରିଛି । ଏହିସବୁ ସଂଖ୍ୟା ଗୋଟିଏ ଦେଶ ସମ୍ପର୍କରେ କେବଳ ଗୋଟିଏ କଥା ହିଁ କହୁଛି ଯେ, ଏକ ଭଙ୍ଗୁର ସ୍ଥିତିରୁ ଏକ ମଜଭୁତ ସ୍ଥିତିରେ ପରିବର୍ତ୍ତିତ ହେବା ପଛରେ ଜଣେ ବ୍ୟକ୍ତିଙ୍କ ପରିକଳ୍ପନା ଏବଂ କାର୍ଯ୍ୟାନ୍ୱୟନର ଅପୂର୍ବ ସମନ୍ୱୟ ଓ ପ୍ରବର୍ତ୍ତନର ପରିଣାମ ହିଁ ରହିଛି ।

ଏହା ଏକ ଦୁଃଖଦ ବାସ୍ତବତା ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମ ନିର୍ଭର ଭାରତ ଆଭିମୁଖ୍ୟକୁ ରାଜନୈତିକ ସ୍ୱାର୍ଥ୍ୟ ନିମନ୍ତେ କେତେକ ନିନ୍ଦୁକ ଭୁଲ ଭାବରେ ବୁଝୁଛନ୍ତି ଏବଂ ସେମାନେ ଏହାକୁ ବିଂଶ ଶତାବ୍ଦୀର ଯବକାଚ ଦ୍ୱାରା ଦେଖିବା ଓ ପରଖିବାରେ ଲାଗିଛନ୍ତି । ଆତ୍ମ ନିର୍ଭରଶଳୀତା କେବଳ ଏକାକୀ ଆଭିମୁଖ୍ୟ ନୁହେଁ । ବାହାର ଦୁନିଆରୁ ଦେଖିଲେ ଆତ୍ମ ନିର୍ଭର ଭାରତ ଆମକୁ ବିରାଟ ସାମର୍ଥ୍ୟ ବୋଲି ବୁଝାପଡ଼ିବ । ଏହା ଏଭଳି ଏକ ସାମର୍ଥ୍ୟ ଯାହା ଆମକୁ ସମାନତା ସର୍ତ୍ତରେ ସମସ୍ତଙ୍କ ସହିତ କାର୍ଯ୍ୟ କରିବାର ସାମର୍ଥ୍ୟ ଯୋଗାଏ । ଏହା ସେହି କ୍ଷମତା ଯାହା ଭାରତକୁ ବିଶ୍ୱକୁ ସାମ୍ନା କରିବାର ସାମର୍ଥ୍ୟ ପ୍ରଦାନ କରେ, ସମସ୍ତ ସୁଯୋଗକୁ ବିକେନ୍ଦ୍ରୀକୃତ କରିଥାଏ । ଯଦ୍ୱାରା ଯେଉଁମାନେ ତାହାର ସ୍ରଷ୍ଟା ସେମାନଙ୍କ ନିକଟକୁ ହିଁ ତାହାର ମୂଲ୍ୟ ଫେରିଥାଏ ଏବଂ ବିଶ୍ୱ ବଜାରକୁ ସମାନତା ସର୍ତ୍ତରେ ହିଁ ମୁକାବିଲା କରିଥାଏ । ତାହା ମୋବାଇଲ ଫୋନ ଠାରୁ ଆରମ୍ଭ କରି ପ୍ରତିରକ୍ଷା ସରଞ୍ଜାମ, ମେଡିକାଲ ଯନ୍ତ୍ରପାତି ଏବଂ ସୌର ମଡେଲ ପର୍ଯ୍ୟନ୍ତ ବ୍ୟାପ୍ତ । ଉତ୍ପାଦନ ଆଧାରିତ ପ୍ରୋତ୍ସାହନ ଏ ଦିଗରେ ନିବେଶ, କର୍ମନିଯୁକ୍ତି ଏବଂ ରପ୍ତାନୀକୁ ପ୍ରୋତ୍ସାହନ ଯୋଗାଇ ଆସୁଛି ।

ଅନୁସନ୍ଧାନ ଜାତୀୟ ଗବେଷଣା ନ୍ୟାସ, ତା'ର ୫୦,୦୦୦ କୋଟି ଟଙ୍କାର ଯୋଜନାବଦ୍ଧ ଆବଣ୍ଟିତ ପୁଞ୍ଜି ବଳରେ, ଦେଶରେ ଗବେଷଣା ଓ ବିକାଶର ପରିବେଶକୁ ଅଧିକ ସୁଦୃଢ଼ କରିବ । ଷ୍ଟାର୍ଟଅପମାନଙ୍କ ନିମନ୍ତେ ଏହା ଏକ ଦ୍ୱିତୀୟ ପାଣ୍ଠି ଉପରେ ପାଣ୍ଠି ବ୍ୟବସ୍ଥା ଏବଂ ପି.ଏଲ.ଆଇ. ଯୋଜନାର ସମ୍ପ୍ରସାରଣକୁ ଅଧିକ ପ୍ରଯୁକ୍ତି ଆଧାରିତ କରିବାରେ ସହାୟକ ହେବ । ଏହା ହେଉଛି ଆମ ରଣନୀତିକ ସ୍ୱାୟତ୍ତତାର ଆତ୍ମନିର୍ଭର ଭାରତ, ଯାହା ମୂଳରେ ଆତ୍ମ ବିଶ୍ୱାସ ଭରି ରହିଛି ଏବଂ ତାହା ନୀତି ମାଧ୍ୟମରେ ବାସ୍ତବତାରେ ପରିଣତ ହେବା ସହିତ ଏଥିପାଇଁ ବୈଶ୍ୱିକ ସହଭାଗୀତାର ମାତ୍ରା ମଧ୍ୟ ପରିବ୍ୟାପ୍ତ ହୋଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ, ଭାରତ ବିଶ୍ୱର ସବୁଠାରୁ ସମାବେଶୀ ଡିଜିଟାଲ ଜନ ସଂସାଧନ ଗଠନ କରିଛି । ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ୍ ବର୍ତ୍ତମାନ ଭିସା ଅପେକ୍ଷା ଦୈନିକ ୬୫ କୋଟିରୁ ଅଧିକ କାରବାର ପରିଚାଳନା କରୁଛି । ଆଧାର, ଡିଜିଟାଲ ଲକର ଏବଂ ଓ.ଏନ.ଡି.ସି. ମିଳିତ ଭାବରେ ଏଭଳି ଏକ ବାତାବରଣ ସୃଷ୍ଟି କରିଛନ୍ତି, ଯାହା ନାଗରିକମାନଙ୍କୁ କ୍ଷୁଦ୍ର ବ୍ୟବସାୟୀ ଏବଂ ନବସୃଜକମାନଙ୍କୁ ଜନସାଙ୍ଖିକ ମାତ୍ରାରେ ସଂଯୋଗ କରିଛି । ୟୁ.ପି.ଆଇ.ର ବୈଶ୍ୱିକ ସହଭାଗୀତା ବର୍ତ୍ତମାନ ସିଂଗାପୁର, ୟୁ.ଏ.ଇ. ଏବଂ ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ସହିତ ହୋଇଛି ଯାହା ଦର୍ଶାଏ ଯେ, ଭାରତର ନବାଚାର ବୈଶ୍ୱିକ ବେଞ୍ଚମାର୍କ ହାସଲ କରିବାକୁ ପ୍ରସ୍ତୁତ । ଏହା ଶାସନ, ସଶକ୍ତିକରଣ ଏବଂ ରପ୍ତାନି ପାଇଁ ବ୍ୟବହୃତ ପ୍ରଯୁକ୍ତିବିଦ୍ୟା ।

ଏହି ସଫଳତାର କାହାଣୀର କେନ୍ଦ୍ରବିନ୍ଦୁରେ ରହିଛନ୍ତି ଜନସାଧାରଣ । ଆମର ଡାୟାସ୍ପୋରା, ଯେଉଁମାନଙ୍କ ସଂଖ୍ୟା ୩୨ କୋଟିରୁ ଅଧିକ, ସେମାନେ ବିଶ୍ୱର ସବୁଠାରୁ ସଫଳ ଏବଂ ସମ୍ମାନିତ । ଆଜି, ଏଗାରଟି ଫର୍ଚ୍ୟୁନ୍ ୫୦୦ କମ୍ପାନୀ ଭାରତୀୟ ବଂଶୋଦ୍ଭବ ସିଇଓଙ୍କ ଦ୍ୱାରା ପରିଚାଳିତ, ଯାହାର ମିଳିତ ବଜାର ପୁଞ୍ଜିକରଣ ଛଅ ଟ୍ରିଲିୟନ ଡଲାରରୁ ଅଧିକ । ଏହି ଯାତ୍ରା ନୂତନ ଭାରତର ଆକାଂକ୍ଷାକୁ ପ୍ରତିଫଳିତ କରେ: ଯାହା କୁଶଳୀ, ଆତ୍ମବିଶ୍ୱାସଭରା, ସମାଧାନ ଧର୍ମୀ । ୨୦୨୪ ମସିହାରେ ଦେଶରେ ହୋଇଥିବା ୧୩୫ ବିଲିୟନ ଡଲାର ମୂଲ୍ୟର କାରବାର କେବଳ ପୁଞ୍ଜି ଅନ୍ତଃପ୍ରବାହକୁ ସୂଚୀତ କରେନାହିଁ; ଭାରତ ଉପରେ ପୁନଃ ଆସ୍ଥାପ୍ରକଟକୁ ପ୍ରତିପାଦିତ କରେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କଥା ବାରମ୍ବାର କହିଥାଆନ୍ତି, ବିଦେଶରେ ବସବାସ କରୁଥିବା ଭାରତୀୟମାନେ କେବଳ ପ୍ରବାସୀ ନୁହଁନ୍ତି, ସେମାନେ ଭାରତର ମୂଲ୍ୟବୋଧ ଏବଂ ଉଦ୍ୟମିତାର ଜଣେ ଜଣେ ରାଷ୍ଟ୍ରଦୂତ ।

ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଏହି ବିକ୍ଷିପ୍ତ ବିଶ୍ୱ ଶକ୍ତିକୁ ଏକ ଘରୋଇ ଆଧାର ପ୍ରଦାନ କରିଛି । ମେକ୍ ଇନ୍ ଇଣ୍ଡିଆ, ଷ୍ଟାର୍ଟଅପ୍ ଇଣ୍ଡିଆ ଏବଂ ସ୍କିଲ୍ ଇଣ୍ଡିଆ ସମାନ୍ତରାଳ ଟ୍ରାକ୍ ନୁହେଁ, ବରଂ ଏକ ସଂଯୁକ୍ତ ମୂଲ୍ୟ ଶୃଙ୍ଖଳ: ସୁଯୋଗ ଚିହ୍ନଟ କରିବା, ଉଦ୍ୟୋଗୀତାକୁ ସକ୍ଷମ କରିବା ଏବଂ ପ୍ରତିଭାକୁ ସଜ୍ଜିତ କରିବା । ପରବର୍ତ୍ତୀ ପଦକ୍ଷେପ ହେଉଛି ଏକ ବ୍ୟାପକ ଗ୍ଲୋବାଲ୍ ସ୍କିଲ୍ସ ମିଶନ ଯାହା ଏହି ପଦକ୍ଷେପଗୁଡ଼ିକୁ ଏକ ଢାଞ୍ଚା ଅଧୀନରେ ସମନ୍ୱିତ କରିଥାଏ । ଅନ୍ତର୍ଜାତୀୟ ପ୍ରମାଣପତ୍ର ସହିତ ମାନକୀକରଣ ପାଠ୍ୟକ୍ରମ, ଶ୍ରମିକମାନଙ୍କ ପାଇଁ ପ୍ରସ୍ଥାନ ପୂର୍ବ ତାଲିମ, ଭାଷାଗତ ଏବଂ ସାଂସ୍କୃତିକ ଅଭିମୁଖତା, ଏବଂ ପୋର୍ଟେବଲ୍ ସାମାଜିକ-ସୁରକ୍ଷା ଚୁକ୍ତିନାମା ସମସ୍ତ ମହାଦେଶରେ ଭାରତୀୟ ଶ୍ରମିକମାନଙ୍କୁ ଆବଶ୍ୟକୀୟ ବୃତ୍ତିଗତ କରିବ । ଏହା ଏପରି ଏକ କାର୍ଯ୍ୟକ୍ରମ ଯାହା ଏବେ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୂଟନୈତିକ ବିଚାରଧାରାରେ ବିବିଧ ଜି୨ଜି ସହଭାଗୀତାରେ କାର୍ଯ୍ୟକାରୀ କରାଯାଇଛି ।

ତେଣୁ, ହନୁମାନଙ୍କ ଡେଇଁବାର ପ୍ରତୀକାତ୍ମକ ଅର୍ଥ ସଠିକ୍ । ଏହା କୌଣସି ପ୍ରତ୍ୟାଖ୍ୟାନର କାର୍ଯ୍ୟ ନୁହେଁ ବରଂ ଆତ୍ମ ନିର୍ଭରଶୀଳତା ମାଧ୍ୟମରେ ସଂପାଦନ କରାଯାଇଥିବା କର୍ତ୍ତବ୍ୟ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଶାସନ ଆଦର୍ଶ ସେହି ବିଶ୍ୱାସ ଉପରେ ଆଧାରିତ ଯେ, ଭାରତର ଭାଗ୍ୟ ଏହାର ଜନସାଧାରଣଙ୍କ ସାମର୍ଥ୍ୟକୁ ଉଜ୍ଜୀବିତ କରିବାରେ ନିହିତ । ଭିତ୍ତିଭୂମି, ଡିଜିଟାଲ ପରିବର୍ତ୍ତନ, ସବୁଜ ଶକ୍ତି ଏବଂ ବୈଶ୍ୱିକ ସହଭାଗୀତା ହେଉଛି ଏଭଳି ଚେତନା ଜାଗ୍ରତର ସାଧନ । ଯେତେବେଳେ ଅନ୍ୟମାନେ ବିଶାଳ ପ୍ରାଚୀରମାନ ନିର୍ମାଣ କରୁଛନ୍ତି, ଭାରତ ତା'ର ଦକ୍ଷତା ନିର୍ମାଣ କରିଚାଲିଛି । ଯେତେବେଳେ ଅନ୍ୟମାନେ ବାଣିଜ୍ୟକୁ ପ୍ରତିବନ୍ଧକ ଲଗାନ୍ତି, ଭାରତ ସୁଯୋଗକୁ ବିସ୍ତାର କରେ । ଯେତେବେଳେ ଅନ୍ୟମାନେ ଭବିଷ୍ୟତକୁ ଭୟ କରନ୍ତି, ଭାରତ ଏଥିପାଇଁ ପ୍ରସ୍ତୁତ ହୁଏ ।

ହନୁମାନଙ୍କ ଲମ୍ଫ ହେଉଛି ତାଙ୍କ ସ୍ମୃତିର ପୁନର୍ଜାଗରଣ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଚିନ୍ତାଧାରା ହେଉଛି, ଜାତୀୟ କ୍ଷମତାର ସ୍ମୃତିକୁ ପୁନରୁଦ୍ଧାର କରିବା । ଯେତେବେଳେ ଅନ୍ୟମାନେ ପ୍ରାଚୀର ନିର୍ମାଣ କରନ୍ତି, ଭାରତ କ୍ଷମତା ନିର୍ମାଣ କରେ । ଯେତେବେଳେ ଅନ୍ୟମାନେ ସୁଯୋଗର ଉପଯୋଗ କରନ୍ତି, ଭାରତ ସେମାନଙ୍କୁ ପରାସ୍ତ କରେ । ଏହିପରି, ସଭ୍ୟତାଗତ ଆତ୍ମବିଶ୍ୱାସ ଏକ ଆଧୁନିକ ପ୍ରତିଯୋଗିତାମୂଳକ ସୁବିଧାରେ ପରିଣତ ହୁଏ । ଆମେ ଯେତେବେଳେ ପବିତ୍ର ଦୀପାବଳୀର ନିକଟତର ହେଉଛୁ, ଏହା ସ୍ମରଣ କରିବା ଗୁରୁତ୍ୱପୂର୍ଣ୍ଣ ହେବ ଯେ, ହନୁମାନଙ୍କ ଲମ୍ଫ ସମୁଦ୍ରର ଦୈର୍ଘ୍ୟକୁ ସଙ୍କୁଚିତ କରିନଥିଲା; ଏହା ତାଙ୍କର ଆତ୍ମବିଶ୍ୱାସକକୁ ବୃଦ୍ଧି କରିଥିଲା । ଦୁନିଆ ଯେତେ ନୂଆ ନୂଆ ପ୍ରତିବନ୍ଧକ ସୃଷ୍ଟି କରୁ ନା କାହିଁକି, ଆଜିର ଭାରତ ନିକଟରେ କିନ୍ତୁ ନେତୃତ୍ୱ, ସହନଶୀଳତା ଏବଂ ଆଗକୁ ବଢ଼ିବାର ସାହସ ଭରପୂର ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚିନ୍ତାଧାରାରେ ପରିଚାଳିତ ହୋଇ ଏକ ରାଷ୍ଟ୍ର ଭାବରେ, ଭାରତ କୂଳରେ ଠିଆ ହୋଇ ସେହି ସମୁଦ୍ରକୁ କେବଳ ଚାହିଁ ରହିବନାହିଁ । ଏହା ତା'ର ବାସ୍ତବ ସାମର୍ଥ୍ୟକୁ ବୁଝି ସେହି ସମୁଦ୍ରକୁ ଲଙ୍ଘିବା ନିମନ୍ତେ ପ୍ରସ୍ତୁତ ।

*କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ*

# ଝଙ୍କଡ଼ ପ୍ରାଙ୍ଗଣର ପ୍ରାଚୀନ ଶାକ୍ତ ପ୍ରତିମା





କୋଷ୍ଟିମଲ୍ଲିକାପୁର ଗ୍ରାମ ର ଇଶାଣେଶ୍ୱର ମନ୍ଦିର ଏହି ମନ୍ଦିର ରେ ଅନେକ ପୁରାତନ ମୂର୍ତ୍ତି ଅଛି ଯାହା ଭିତରୁ ମନ୍ଦିର ର ଗାତ୍ର ରେ ଥିବା ଚତୁର୍ଭୁଜା ପାର୍ବତୀ ମୂର୍ତ୍ତି ଓ ମନ୍ଦିର ବାହାରେ ଚାମୁଣ୍ଡା ମୂର୍ତ୍ତି ହେଉଛନ୍ତି ଶାକ୍ତ ଉପାସନା ର ପ୍ରତୀକ। ଚତୁର୍ଭୁଜା ପାର୍ବତୀ ମୂର୍ତ୍ତି ଟି ଅଙ୍କୁଶ, ଶଙ୍ଖ, ପଦ୍ମ ଓ ମାଳ ଧାରଣ କରିଛନ୍ତି ଓ ଅଷ୍ଟଭୁଜା ଚାମୁଣ୍ଡା ମୂର୍ତ୍ତି ନିଜ କନିଷ୍ଠ ଆଙ୍ଗୁଠି କମୁଡ଼ିଛନ୍ତି ଏହି ଚାମୁଣ୍ଡା ମୂର୍ତ୍ତି ଟି ସ୍ଥାନୀୟ ଲୋକ ଙ୍କ ମୁଖ ରେ ଚର୍ଚ୍ଚିକାଇ ଙ୍କ ନାମ ରେ ପରିଚିତ । ଏହି ଦୁଇ ମୂର୍ତ୍ତି ଆନୁମାନିକ ୯ ମ ରୁ ୧୧ ଶ ଶତାବ୍ଦୀ ର । ଏହି କେନାଲ ବନ୍ଧ ରେ କିଛି ବାଟ ଗଲେ ଗରାମ ଗ୍ରାମ ରେ ଥିବା ଭଗବତୀ ମନ୍ଦିର ରେ ପହଞ୍ଚି ପରିବା ।ମା ଭଗବତୀ ହେଉଛନ୍ତି ଦଶଭୁଜା ମହିଷାସୁରମର୍ଦ୍ଦିନି ଓ ତାଙ୍କ ମନ୍ଦିର ଗାତ୍ର ରେ ଅନ୍ୟ ଏକ ଦେବୀ ଙ୍କ ମୂର୍ତ୍ତି ରହିଛି ଯିଏ କି ପଦ୍ମ ଉପରେ ବସିଛନ୍ତି ଓ ପାଦ କୁ ଓହଳାଇଛନ୍ତି, ପାଦ ପାଖରେ ଏକ ସିଂହ ବସିଛି ଦେବୀ ଙ୍କ ହାତ ରେ ତ୍ରିଶୂଳ, ଦୁଇଟି ଖଡ୍ଗ, ଧନୁ ଓ ଢାଲ ଦେଖା ଯାଏ।

**ଜଗତସିଂହପୁର ର ଅଧିଷ୍ଠାତ୍ରୀ ଦେବୀ ମା ଶାରଳା ଙ୍କୁ କେନ୍ଦ୍ର କରି ଆଖ ପାଖ ରେ ଗଢି ଉଠିଥିବା ଅଞ୍ଚଳ ଗୁଡିକ ମିଶି 'ଝଙ୍କଡ଼ ପ୍ରାଙ୍ଗଣ' ନାମ ବହନ କରନ୍ତି। ଅନେକ ଲୋକକଥା ଅବା ଗବେଷକ ଙ୍କ ମତ ରେ ଝଙ୍କେଶ୍ୱର ଶିବ ମନ୍ଦିର ରୁ କାପୋଲ ର କପିଳେଶ୍ୱର ମନ୍ଦିର ପର୍ଯ୍ୟନ୍ତ ବ୍ୟାପିଥିବା ଅଞ୍ଚଳକୁ 'ଝଙ୍କଡ଼ ପ୍ରାଙ୍ଗଣ' କୁହାଯାଏ। ତୃତୀୟ ରୁ ଚତୁର୍ଥ ଶତାବ୍ଦୀ ର ଠିକ୍ ପରେ ପରେ ଏହି ଝଙ୍କଡ଼ ପ୍ରଗଣାରେ ମା ଶାରଳା ଙ୍କ ଭଳି ଅନେକ ଶକ୍ତିପୀଠ ତନ୍ତ୍ର ଉପାସନା ପାଇଁ ସର୍ବଶ୍ରେଷ୍ଠ ସ୍ଥଳୀ ଥିଲା ବୋଲି ଅନୁମାନ କଲେ କୌଣସି ଭୁଲ ହେବନାହିଁ। ସେହି ପୀଠ ଗୁଡ଼ିକ ରେ ଆଜିବି ଉତ୍କଳୀୟ ଶୈଳୀ ର ଅନେକ ପ୍ରାଚୀନ ଶାକ୍ତ ପରମ୍ପରା ସହ ସମ୍ପୃକ୍ତ ମୂର୍ତ୍ତି ଗୁଡ଼ିକ ଦେଖିବାକୁ ମିଳେ ।**

ଭୌମକର ବଂଶୀୟ ତନ୍ତ୍ର ଓ ଶାକ୍ତ ସମ୍ବଧୀୟ ଅନେକ କୀର୍ତ୍ତିରାଜି ଜଗତସିଂହପୁର ରେ ଭର୍ତ୍ତି ହୋଇଅଛି।

ଜଗତସିଂହପୁର ର ଅଧିଷ୍ଠାତ୍ରୀ ଦେବୀ ମା ଶାରଳା ଙ୍କୁ କେନ୍ଦ୍ର କରି ଆଖ ପାଖ ରେ ଗଢି ଉଠିଥିବା ଅଞ୍ଚଳ ଗୁଡିକ ମିଶି 'ଝଙ୍କଡ଼ ପ୍ରାଙ୍ଗଣ' ନାମ ବହନ କରନ୍ତି। ଅନେକ ଲୋକକଥା ଅବା ଗବେଷକ ଙ୍କ ମତ ରେ ଝଙ୍କେଶ୍ୱର ଶିବ ମନ୍ଦିର ରୁ କାପୋଲ ର କପିଳେଶ୍ୱର ମନ୍ଦିର ପର୍ଯ୍ୟନ୍ତ ବ୍ୟାପିଥିବା ଅଞ୍ଚଳକୁ 'ଝଙ୍କଡ଼ ପ୍ରାଙ୍ଗଣ' କୁହାଯାଏ।

ତୃତୀୟ ରୁ ଚତୁର୍ଥ ଶତାବ୍ଦୀ ର ଠିକ୍ ପରେ ପରେ ଏହି ଝଙ୍କଡ଼ ପ୍ରଗଣାରେ ମା ଶାରଳା ଙ୍କ ଭଳି ଅନେକ ଶକ୍ତିପୀଠ ତନ୍ତ୍ର ଉପାସନା ପାଇଁ ସର୍ବଶ୍ରେଷ୍ଠ ସ୍ଥଳୀ ଥିଲା ବୋଲି ଅନୁମାନ କଲେ କୌଣସି ଭୁଲ ହେବନାହିଁ। ସେହି ପୀଠ ଗୁଡ଼ିକ ରେ ଆଜିବି ଉତ୍କଳୀୟ ଶୈଳୀ ର ଅନେକ ପ୍ରାଚୀନ ଶାକ୍ତ ପରମ୍ପରା ସହ ସମ୍ପୃକ୍ତ ମୂର୍ତ୍ତି ଗୁଡ଼ିକ ଦେଖିବାକୁ ମିଳେ ।

**ମଠ ଭିତରେ ମନ୍ଦିରରେ ଜଗୁଲେଇଙ୍କ ନାମ ରେ ଏକ ଦଶଭୁଜା ସିଂହବାହିନୀ ମହିଷାସୁରମର୍ଦ୍ଦିନି ଦୁର୍ଗା ମୂର୍ତ୍ତି ରହିଛି ଯାହାଙ୍କ ହସ୍ତ ରେ ଧନୁ, ସର, ତ୍ରିଶୂଳ, ଖଡ୍ଗ, ଢାଲ, ସର୍ପ ଆଦି ଅସ୍ତ୍ର ରହିଛି ପାଖ ପାଖ ସଂଗ୍ରହାଳୟ ରେ ମଧ୍ୟ ଠିକ୍ ଏହି ଭଳି ଏକ ପ୍ରତିମା ରହିଛି ଯାହାର ଆୟୁଧ ଗୁଡ଼ିକ କ୍ଷୟ ହେଇ ଯାଇଛି ଓ ତାଙ୍କ ତଳେ ଏକ ଯୋଗିନୀ ମହିଷାସୁର କୁ ପ୍ରହାର କରୁଛନ୍ତି।**

ପ୍ରଥମେ ଆରମ୍ଭ କରିବା ଝଙ୍କେଶ୍ୱର ଶିବ ମନ୍ଦିର ରୁ ଏହି ମନ୍ଦିର ର ଏକ ଗାତ୍ର ରେ ପ୍ରାୟତଃ ଏକ ଫୁଟ ର ଏକ ଦଶଭୁଜା ସିଂହବାହିନୀ ମହିଷାସୁରମର୍ଦ୍ଦିନି ମୂର୍ତ୍ତିଟି ଅଛି । ଆନୁମାନିକ ସମୟ ନବମ ରୁ ଦଶମ ଶତାବ୍ଦୀ ।

ଏହି ମନ୍ଦିର ରୁ କିଛି ଦୂର ରେ ଗଲେ ପଡ଼ିବ ତେନ୍ତୁଳିପଦା ଗ୍ରାମ ର ବିଲ ଶାରଳା ଙ୍କ ମନ୍ଦିର ଯାହାଙ୍କ ପାଖରେ ରେ ମୁନିଗିସେଇଁ ମଠ ରେ ଶାରଳା ଦାସ ମହାଭାରତ ରଚନା କରିଥିଲେ। ବିଲ ଶାରଳା ହେଉଛନ୍ତି ମା ଶାରଳା ଙ୍କ ଭଳି ଏକ ଫୁଟ ରୁ କମ୍ ଅଷ୍ଟଭୁଜା ମହିଷାସୁରମର୍ଦ୍ଦିନି ମୂର୍ତ୍ତି ଯାହାଙ୍କ ହାତ ରେ ଖଡ୍ଗ, ସର, ଚକ୍ର, ଶୂଳ, ଢାଲ, ପରଶୁ, ଧନୁ ଓ ପାସ ଆଦି ଆୟୁଧ ରହିଛି। ମୂର୍ତ୍ତି ଟି ଆନୁମାନିକ ୮ମ ରୁ ୧୦ମ ଶତାବ୍ଦୀ ର।

ଏହାପରେ ୧୨ ନମ୍ବର କେନାଲ ଦେଇ କିଛି ବାଟ ଗଲେ ପଡ଼ିବ କୋଷ୍ଟିମଲ୍ଲିକାପୁର ଗ୍ରାମ ର ଇଶାଣେଶ୍ୱର ମନ୍ଦିର ଏହି ମନ୍ଦିର ରେ ଅନେକ ପୁରାତନ ମୂର୍ତ୍ତି ଅଛି ଯାହା ଭିତରୁ ମନ୍ଦିର ର ଗାତ୍ର ରେ ଥିବା ଚତୁର୍ଭୁଜା ପାର୍ବତୀ ମୂର୍ତ୍ତି ଓ ମନ୍ଦିର ବାହାରେ ଚାମୁଣ୍ଡା ମୂର୍ତ୍ତି ହେଉଛନ୍ତି ଶାକ୍ତ ଉପାସନା ର ପ୍ରତୀକ।

ଚତୁର୍ଭୁଜା ପାର୍ବତୀ ମୂର୍ତ୍ତି ଟି ଅଙ୍କୁଶ, ଶଙ୍ଖ, ପଦ୍ମ ଓ ମାଳ ଧାରଣ କରିଛନ୍ତି ଓ ଅଷ୍ଟଭୁଜା ଚାମୁଣ୍ଡା ମୂର୍ତ୍ତି ନିଜ କନିଷ୍ଠ ଆଙ୍ଗୁଠି କମୁଡ଼ିଛନ୍ତି ଏହି ଚାମୁଣ୍ଡା ମୂର୍ତ୍ତି ଟି ସ୍ଥାନୀୟ ଲୋକ ଙ୍କ ମୁଖ ରେ ଚର୍ଚ୍ଚିକାଇ ଙ୍କ ନାମ ରେ ପରିଚିତ । ଏହି ଦୁଇ ମୂର୍ତ୍ତି ଆନୁମାନିକ ୯ ମ ରୁ ୧୧ ଶ ଶତାବ୍ଦୀ ର ।

ଏହି କେନାଲ ବନ୍ଧ ରେ କିଛି ବାଟ ଗଲେ ଗରାମ ଗ୍ରାମ ରେ ଥିବା ଭଗବତୀ ମନ୍ଦିର ରେ ପହଞ୍ଚି ପରିବା ।ମା ଭଗବତୀ ହେଉଛନ୍ତି ଦଶଭୁଜା ମହିଷାସୁରମର୍ଦ୍ଦିନି ଓ ତାଙ୍କ ମନ୍ଦିର ଗାତ୍ର ରେ ଅନ୍ୟ ଏକ ଦେବୀ ଙ୍କ ମୂର୍ତ୍ତି ରହିଛି ଯିଏ କି ପଦ୍ମ ଉପରେ ବସିଛନ୍ତି ଓ ପାଦ କୁ ଓହଳାଇଛନ୍ତି, ପାଦ ପାଖରେ ଏକ ସିଂହ ବସିଛି ଦେବୀ ଙ୍କ ହାତ ରେ ତ୍ରିଶୂଳ, ଦୁଇଟି ଖଡ୍ଗ, ଧନୁ ଓ ଢାଲ ଦେଖା ଯାଏ।

ଭଗବତୀ ଙ୍କ ମନ୍ଦିର ର ବାହାରେ ଏକ ଛୋଟ ମନ୍ଦିର ରେ ଏକ ଛୋଟ ମନ୍ଦିର ରେ ତିନି ଫୁଟ ର ଏକ ସିଂହବାହିନୀ ମହିଷାସୁରମର୍ଦ୍ଦିନି ଦୁର୍ଗା ମୂର୍ତ୍ତି ରହିଛି ଯାହାକୁ ଗ୍ରାମ ଲୋକ ବୁଢ଼ୀଜାଗୁଳାଇ ଭାବ ରେ ପୂଜା କରନ୍ତି ମୂର୍ତ୍ତିଟି ଏତେ ପ୍ରାଚୀନ ଯେ ମୁଖମଣ୍ଡଳ, ଆୟୁଧ ସବୁ କ୍ଷୀଣ ହେଇଗଲାଣି। ଏହି ମୂର୍ତ୍ତି ଗୁଡ଼ିକ ପ୍ରାୟତଃ ଅଷ୍ଟମ ରୁ ଦଶମ ଶତାବ୍ଦୀ ର ବୋଲି ଅନୁମାନ କରାଯାଇ ପରେ । ଏହା ଛଡା ଏହି ଭଗବତୀ ଙ୍କ ପରିସର ରେ ମନ୍ଦିର ରେ ଏକ ବିଶାଳ ବିଷ୍ଣୁ ଙ୍କ ମୂର୍ତ୍ତି ରହିଛି ଯାହାକି ଆଖପାଖ ଅଞ୍ଚଳ ରେ 'ନାଗା ବାବା' ନାମ ରେ ପ୍ରସିଦ୍ଧ।



ଭଗବତୀ ମନ୍ଦିର ରୁ ଚାରି କିଲୋମିଟର ଦୂର ରେ ଅଛି ପର୍ଶୁରାମ କ୍ଷେତ୍ର ତୀର୍ଥମଠ ଏହି ମଠ ହେଉଛି ଐତିହ୍ୟ ର ଗନ୍ତାଘର । ମଠ ପରିସର ରେ ଓ ସଂଗହଳୟ ରେ ଦୁଇଟି ଅତ୍ୟନ୍ତ ପୁରାତନ ଚାମୁଣ୍ଡା ମୂର୍ତ୍ତି ଅଛି ଯାହାକୁ ସ୍ଥାନୀୟ ଲୋକ ଭୈରବୀ କୁହନ୍ତି ଏହି ଚାମୁଣ୍ଡା ମୂର୍ତ୍ତି ଦ୍ୱୟ ସବରୁଢା, ଦଶଭୁଜା, ଅଧିକାଂଶ ଆୟୁଦ୍ଧ କ୍ଷୀଣ ହୋଇଯାଇଛି।



ମଠ ଭିତରେ ମନ୍ଦିରରେ ଜଗୁଲେଇଙ୍କ ନାମ ରେ ଏକ ଦଶଭୁଜା ସିଂହବାହିନୀ ମହିଷାସୁରମର୍ଦ୍ଦିନି ଦୁର୍ଗା ମୂର୍ତ୍ତି ରହିଛି ଯାହାଙ୍କ ହସ୍ତ ରେ ଧନୁ, ସର, ତ୍ରିଶୂଳ, ଖଡ୍ଗ, ଢାଲ, ସର୍ପ ଆଦି ଅସ୍ତ୍ର ରହିଛି ପାଖ ପାଖ ସଂଗ୍ରହାଳୟ ରେ ମଧ୍ୟ ଠିକ୍ ଏହି ଭଳି ଏକ ପ୍ରତିମା ରହିଛି ଯାହାର ଆୟୁଧ ଗୁଡ଼ିକ କ୍ଷୟ ହେଇ ଯାଇଛି ଓ ତାଙ୍କ ତଳେ ଏକ ଯୋଗିନୀ ମହିଷାସୁର କୁ ପ୍ରହାର କରୁଛନ୍ତି।

ଏହି ଦୁର୍ଗ ପ୍ରତିମା ସହ ଆଉ ଗୋଟିଏ ଭଗବତୀ ଙ୍କ ପ୍ରତିମା ଟିଏ ମଧ୍ୟ ରହିଛି ଯାହାକୁ ସ୍ଥାନୀୟ ଲୋକମାନେ ପର୍ଶୁରାମ ଙ୍କ ମାତା ରେଣୁକା କହି ପୂଜା କରୁଛନ୍ତି କିନ୍ତୁ ଏହା ଏକ ଅଷ୍ଟଭୁଜା ଭଗବତୀ ମୂର୍ତ୍ତି ଯାହାଙ୍କ ହାତ ରେ ଖଡ୍ଗ, ଢାଲ, ତ୍ରିଶୂଳ, ଶଙ୍ଖ ଇତ୍ୟାଦି ରହିଛି ଓ ପାଦତଳେ ଏକ ସିଂହ ବସି ରହିଛି। ଏହି ମୂର୍ତ୍ତି ଗୁଡ଼ିକ ପ୍ରାୟତଃ ଅଷ୍ଟମ ରୁ ଦଶମ ଶତାବ୍ଦୀ ର ହୋଇଥିବାର ସମ୍ଭାବନା ରହିଛି। ଏ ସମସ୍ତ ମୂର୍ତ୍ତିକୁ ଛାଡ଼ିଲେ ମଧ୍ୟ ତିର୍ଥମଠ ରେ ବିରଳ ପର୍ଶୁରାମ ଙ୍କ ଚତୁର୍ଭୁଜ ଥିବା ମୂର୍ତ୍ତି, ଅନେକ ବିଷ୍ଣୁ ମୂର୍ତ୍ତି ସହ ଗଣେଶ, ନୃସିଂହ, ତ୍ରିବିକ୍ରମ, ସୂର୍ଯ୍ୟ ଆଦି ମୂର୍ତ୍ତି ଓ ଏକ ବିରାଟ ଅନ୍ଧକସୁର ବଦ୍ଧ ମୂର୍ତ୍ତି ଟିଏ ରହିଛି।

ଏହାର ଅନତି ଦୂର ରେ କପିଳେଶ୍ୱର ମନ୍ଦିର ରହିଛି ଯେଉଁଠାରେ ବିଲ ଶାରଳା ଙ୍କ ଭଳି ଏକ ଦୁର୍ଗା ମୂର୍ତ୍ତି ଜୟଦୂର୍ଗା ନାମ ରେ ପୂଜିତ ମନ୍ଦିର ପରିସର ରେ ଅନେକ ପୁରାତନ ମୂର୍ତ୍ତି ସହ ପ୍ରାୟତଃ ତିନି ଫୁଟ ର ଏକ ଚାମୁଣ୍ଡା ଙ୍କ ମୂର୍ତ୍ତି ଟିଏ ରହିଛି ଯାହାକି ନବମ ଶତାବ୍ଦୀ ପୂର୍ବର ବୋଲି ଲାଗେ ଭୟଙ୍କର ମୁଖମଣ୍ଡଳ ସହ ଆଙ୍ଗୁଠି କାମୁଡି ଥିବାର ଦେଖାଯାଏ।

ଏହାସହ ଏଠାରେ ପୁରାତନ ତିନୋଟି ଗଣେଶ ମୂର୍ତ୍ତି, ଦୁଇଟି ଉମା ମହେଶ୍ୱର ଙ୍କ ମୂର୍ତ୍ତି ଗୁଡ଼ିକ ମଧ୍ୟ ରହିଛି।

ଏହି ମୂର୍ତ୍ତିଗୁଡିକ ସବୁ ଅଷ୍ଟମ ରୁ ନବମ ଶତାବ୍ଦୀ ସମୟ ର।

ଏହି ମୂର୍ତ୍ତି ଗୁଡ଼ିକ ଅତ୍ୟନ୍ତ ପୁରାତନ ଯୋଗୁ ବହୁ ଅଂଶ ଖୟ ହୋଇ ଆସିଲାଣି।

ଏହାଛଡା କେବଳ ଝଙ୍କଡ଼ ପ୍ରାଙ୍ଗଣ ରେ ନୁହଁ ସମ୍ପୂର୍ଣ ଜଗତସିଂହପୁର ରେ ବହୁ ପ୍ରାଚୀନ ଶାକ୍ତ ମୂର୍ତ୍ତି ସବୁ ଅଛି ଯାହାକୁ ଅନେ ପରବର୍ତ୍ତୀ ସମୟ ରେ ଆଲୋଚନା କରିବା।

*ସମ୍ବିତ ସିଂହ*
*ଜଗତସିଂହପୁର, ଜଇପୁର*
*ପିନ୍:- ୭୫୪୧୩୩*
*୯୭୭୮୫୮୨୯୭୩*







# ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର ବୈଠକ

**ଜୟପୁର:** ଜୟପୁର ଯାଦବ ଭବନ ଠାରେ କୋରାପୁଟ ଇପିଏଫ୍ ପେନସନର୍ସ ଆସୋସିଏସନ୍ ର ବୈଠକ ସଭାପତି ନଳିନୀକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆଜିର ସଭାରେ ଆଲୋଚନା ପାଇଁ ସଭାପତି ସଭ୍ୟ ସଂଗ୍ରହ ଓ ନବୀକରଣ, ସର୍ବନିମ୍ନ ପେନସନ୍ ମାସିକ ୯୦୦୦/ ଟଙ୍କା ସହ ସ୍ୱାସ୍ଥ୍ୟ ସେବା, ମହଙ୍ଗା ଭତା ଯୋଡ଼ିବା ପାଇଁ ଆନ୍ଦୋଳନ, ଉଚ୍ଚ ହାର ପେନସନ୍ ପାଇଁ ପ୍ରଚେଷ୍ଟା,ଅଷ୍ଟମ ରାଜ୍ୟ ସ୍ତରୀୟ ବାର୍ଷିକ ସମ୍ମିଳନୀ, ଅବିଭକ୍ତ କୋରାପୁଟ ଜିଲ୍ଲାର ମିଳିତ ସମ୍ମିଳନୀ ଆଦି ପ୍ରସ୍ତାବ ରଖିଥିଲେ। ସେବା କାଗଜ କଳ ଶ୍ରମିକ ସଂଘ ର ସଭାପତି ଶ୍ରୀ ପ୍ରମୋଦ କୁମାର ମହାନ୍ତି ଉଚ୍ଚ ହାର ପେନସନ୍ ସମ୍ବନ୍ଧରେ ସୂଚନା ଦେଇ କହିଥିଲେ ଯେ, କେସିସି ବ୍ୟାଙ୍କ ଏବଂ ଅନ୍ୟ କେତେକ ସଂସ୍ଥା ରେ ଅବସରପ୍ରାପ୍ତ ଶ୍ରମିକ କର୍ମଚାରୀ ମାନେ ଉଚ୍ଚ ହାର ପେନସନ୍ ପାଇଁ ଯୋଗ୍ୟ ବିବେଚିତ ହୋଇ ପାଉଛନ୍ତି କିନ୍ତୁ ଅଧିକାଂଶ ସ୍ଥଳରେ ଆବେଦନ କରିଥିବା କର୍ମଚାରୀ ମାନଙ୍କ ଆବେଦନ ଖାରଜ ହୋଇଛି । ଏହାର କାରଣ ଦର୍ଶାଇ ପୂନର୍ବାର ପଦକ୍ଷେପ ନେବାକୁ ରାଜ୍ୟ ଓ ଜାତୀୟ ସ୍ତରର ନେତୃତ୍ୱଙ୍କୁ ନିବେଦନ କରାଯାଇଛି। କିନ୍ତୁ, ସର୍ବନିମ୍ନ ପେନସନ ପାଇଁ ଆନ୍ଦୋଳନ ସଫଳ ହେବା ପର୍ଯ୍ୟନ୍ତ ଅନବରତ ଲାଗି ରହିବ । ସେଥିପାଇଁ ଆଗାମୀ ନଭେମ୍ବର ୧୬ ତାରିଖ ଦିନ ସମଗ୍ର ଦେଶରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯିବ । ଜିଲ୍ଲା ସଂଗଠନର ନେତା ଦୁର୍ଗା ପ୍ରସାଦ ଦାଶ ଆଗାମୀ ନଭେମ୍ବର ତିନି ତାରିଖ ପୂର୍ବରୁ ନୂତନ ସଭ୍ୟ ସଂଗ୍ରହ ଓ ନବୀକରଣ କାର୍ଯ୍ୟ ସାରି ସ୍ୱତନ୍ତ୍ର ପାଣ୍ଠି ସଂଗ୍ରହ ପାଇଁ ନିବେଦନ କରିଥିଲେ । ଅଷ୍ଟମ ରାଜ୍ୟ ସମ୍ମିଳନୀ ରେ ଯୋଗ ଦେବା ପାଇଁ ଅକ୍ଟୋବର ଶେଷ ସପ୍ତାହରେ ବୈଠକ ଅନୁଷ୍ଠିତ ହେବ। ତା' ସହ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାର ଇପିଏଫ୍ ପେନସନଭୋଗୀ ମାନଙ୍କର ବୈଠକକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଆଜିର ସଭାରେ ସର୍ବଶ୍ରୀ ପି ଗୈ ।ରୀ ଶଙ୍କର ରାଓ, ବସନ୍ତ ବେହେରା, ଜି.ପ୍ରସାଦ ରାଓ, କିଶୋର ଚନ୍ଦ୍ର ପଣ୍ଡା, ସୁଦର୍ଶନ ବିଷୋୟୀ, ଭାସ୍କର ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୨ ବର୍ଷରେ ଗଡ଼ିଲାଣି ୯୯୫ ନକ୍ସଲଙ୍କ ମୁଣ୍ଡ

**ମାଲକାନଗିରି:** ମାଲକାନଗିରି ଜିଲ୍ଲାରେ ମାଓ ସଂଗଠନ ମୂଳପୋଛ ହେବା ପରେ କ୍ୟାଡର ନକ୍ସଲ ଛତିଶଗଡ଼, ତେଲେଙ୍ଗାନା ଓ ଆନ୍ଧ୍ର ମୁହାଁ ହୋଇଥିଲେ। ଛତିଶଗଡ଼ ଘଞ୍ଚ ଜଙ୍ଗଲ ନକ୍ସଲଙ୍କ ପାଇଁ ସୁରକ୍ଷିତ ସ୍ଥାନ ହୋଇଥିବାରୁ ସମସ୍ତ କ୍ୟାଡର ଓ କେନ୍ଦ୍ରୀୟ କମିଟି ସଦସ୍ୟ ସେଠାରେ ଆଡ୍ଡା ଜମାଇଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ୨୦୨୬ ମାର୍ଚ୍ଚ ସୁଦ୍ଧା ଛତିଶଗଡ଼ ସମେତ ଦେଶରୁ ନକ୍ସଲଙ୍କୁ ମୂଳପୋଛ କରିବା ପାଇଁ ସୁରକ୍ଷା ବାହିନୀକୁ ନିର୍ଦ୍ଦେଶ ଦେବା ପରେ ଆରମ୍ଭ ହୋଇଥିଲା ଘନ ଘନ ଏନ୍‌କାଉଣ୍ଟର୍। ଯେଉଁଥିରେ ମୂଳପୋଛ ହୋଇଯିବାକୁ ଯାଉଛି ନକ୍ସଲ ସଂଗଠନ।

ପୁଲିସ ଓ ଯବାନଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ମାଓ ଦମନ ଅଭିଯାନରେ ଗତ ଦୁଇ ବର୍ଷରେ ଛତିଶଗଡ଼ରେ ୯୯୫ରୁ ଊର୍ଦ୍ଧ୍ୱ ନକ୍ସଲଙ୍କ ମୃତ୍ୟୁ ହୋଇଛି। ୧ ହଜାରରୁ ଊର୍ଦ୍ଧ୍ୱ ଗିରଫ ହୋଇଥିବା ବେଳେ ଓ ୧୩୦୦ରୁ ଅଧିକ ନକ୍ସଲ ଆତ୍ମସମର୍ପଣ କଲେଣି। ଗତ କିଛି ମାସ ଧରି ପୁଲିସ୍ ଏନ୍‌କାଉଣ୍ଟର୍‌ରେ କେନ୍ଦ୍ରୀୟ କମିଟି ମୁଖ୍ୟଙ୍କ ସମେତ ଟପ୍ କ୍ୟାଡର ମାଓବାଦୀ ନିହତ ହେବା ପରେ

**ହାତ ଗଣତି କ୍ୟାଡର୍‌ଙ୍କୁ ନେଇ ପ୍ରସ୍ତୁତ ହେଉଛି ରଣନୀତି**

**ସ୍ଥିତି ସୁଦୃଢ଼ ପାଇଁ ଟାର୍ଗେଟ୍‌ରେ ନାବାଳକ ଓ ଯୁବବର୍ଗ**

ନକ୍ସଲ ସଂଗଠନ ଦୁର୍ବଳ ହୋଇ ପଡ଼ିଛି। ଫଳରେ ଅନେକ କ୍ୟାଡର ନକ୍ସଲ ମାଓ ସଂଗଠନରୁ ମୁହଁ ଫେରାଇ ଆତ୍ମସର୍ମପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେଉଛନ୍ତି। ଅନ୍ୟପକ୍ଷରେ ମାଓ ନେତାଙ୍କ ଅସ୍ତ୍ର ବିରତିକୁ ପ୍ରସ୍ତାବକୁ ନେଇ ସଂଗଠନ



ଦୁଇ ଭାଗ ହୋଇଛି। ଛତିଶଗଡ଼ କ୍ୟାଡର ନକ୍ସଲ ସରକାରଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ ଥିବା ବେଳେ ତେଲେଙ୍ଗାନା ରାଜ୍ୟ କମିଟି କେ ?ଣସି ଆଲୋଚନାକୁ ସମର୍ଥନ କରିବେ ନାହିଁ ବୋଲି ମନା କରି ଦେଇଛି। ଏପରି ସ୍ଥିତିରେ ନକ୍ସଲ ସଂଗଠନରେ ହାତଗଣତି ନକ୍ସଲ ରହିଥିବାରୁ ପୁଣି ସଂଗଠନକୁ ସୁଦୃଢ଼ କରିବା ପାଇଁ ଟପ୍ କ୍ୟାଡର ନକ୍ସଲ ଯୋଜନା ପ୍ରସ୍ତୁତ କରୁଛନ୍ତି। ଟାର୍ଗେଟରେ ରହିଛନ୍ତି ନାବାଳକ ଓ କମ ବୟସର ଯୁବକ।

ସୂଚନାନୁଯାୟୀ, ନକ୍ସଲ ଗାଁ ମାନଙ୍କରେ ମିଲିସିଆଙ୍କୁ ସକ୍ରିୟ କରିବା ସହ କିପରି ନାବାଳକ ସଂଗଠନ ସହ ଯୋଡ଼ି ହେବେ ସେ ନେଇ ପ୍ରୟାସ ଆରମ୍ଭ କରିଛନ୍ତି। ଛତିଶଗଡ଼ର ଦୁର୍ଗମ ଅଞ୍ଚଳର ପିଲାମାନେ ଅଶିକ୍ଷିତ ହୋଇ ରହିଥିବାରୁ ସେମାନଙ୍କୁ ପ୍ରଲୋଭନ ଦେଖାଇ ସଂଗଠନରେ ସାମିଲ୍ ପାଇଁ ଉଦ୍ୟମ ଚାଲିଛି। ଏବେ ନକ୍ସଲ ସଂଗଠନରେ ୧ ହଜାରରୁ କମ୍ ନକ୍ସଲ ରହିଥିବା ବେଳେ ମାତ୍ର ୮ରୁ ୧୦ ଜଣ କେନ୍ଦ୍ରୀୟ କମିଟି ସଦସ୍ୟ ରହିଛନ୍ତି। ଏମାନଙ୍କୁ ଏକତ୍ରିତ ହେବାକୁ ପୁଲିସ ଦେଉନଥିବା ବେଳେ ସଂଗଠନକୁ ମଜଭୁତ କରିବା ପାଇଁ ଯୁବ ଏବଂ ନାବାଳକଙ୍କୁ ଟାର୍ଗେଟ କରିଛନ୍ତି ନକ୍ସଲ। ଗୁଇନ୍ଦା ସଜାଗ ରହିଥିବାରୁ ନକ୍ସଲଙ୍କ ସମସ୍ତ ଯୋଜନାକୁ ବିଫଳ କରିବା ପାଇଁ ରଣନୀତି ପ୍ରସ୍ତୁତ କରୁଛି ପୁଲିସ୍ ଓ ସୁରକ୍ଷା ବାହିନୀ। ନକ୍ସଲ ସଂଗଠନରେ କିପରି ନାବାଳକ ଓ ଯୁବବର୍ଗଙ୍କୁ ସାମିଲ କରାଯାଉଛି ତାହାର ଫଟୋ ମିଳିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଆସୁଛନ୍ତି ଅଲିଭ ରିଡ୍‌ଲେ

# ନଭେମ୍ବର ୧ରୁ ଧାମରା-ଗହୀରମଥାରେ ମାଛଧରା ବନ୍ଦ

*ବିରଳ ଅଲିଭ ରିଡଲେ କଇଁଛଙ୍କ ଏକ୍ତୁଡ଼ିଶାଳଭାବେ ସମଗ୍ର ବିଶ୍ୱରେ ପ୍ରସିଦ୍ଧିଲାଭ କରିଥିବା ୧୪୩୭ ବର୍ଗ କିଲୋମିଟର ପରିମିତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସମେତ ଧାମରା ମୁହାଁଣରୁ ଗହୀରମଥା ଯାଏ ୧୬୦ କିଲୋମିଟର ପର୍ଯ୍ୟନ୍ତ ଲାଗିବ କଟକଣା ।*



**ଧାମରା:** ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ବଙ୍ଗୋପସାଗର ଗହୀରମଥା ଅଞ୍ଚଳ ସାମୁଦ୍ରିକ କଇଁଛ ଅଲିଭ ରିଡଲେଙ୍କ ତୀର୍ଥସ୍ଥଳୀ । ଅଲିଭ ରିଡଲେ ଯୋଜନ ଯୋଜନ ସାମୁଦ୍ରିକ ପଥ ଅତିକ୍ରମ କରି ଗହୀରମଥାର ନିଷିଦ୍ଧ ଜଳରାଶିରେ ପାଦ ଥାପିବେ । ଆସୁଥିବା ଆଗନ୍ତୁକ ଅତିଥି ଅଲିଭ ରିଡଲେର ସୁରକ୍ଷା ଓ ନିରାପଦ ପ୍ରଜନନ ପ୍ରକ୍ରିୟାକୁ ଆଖି ଆଗରେ ରଖି ଧାମରା ଠାରୁ ଗହୀରମଥା ଯାଏ ବନବିଭାଗ ତରଫରୁ ବ୍ୟାପକ କଟକଣା ବ୍ୟବସ୍ଥା କରାଯାଉଛି । ବିରଳ ଅଲିଭ ରିଡଲେ କଇଁଛଙ୍କ ଏକ୍ତୁଡ଼ିଶାଳଭାବେ ସମଗ୍ର ବିଶ୍ୱରେ ପ୍ରସିଦ୍ଧିଲାଭ କରିଥିବା ୧୪୩୭ ବର୍ଗ କିଲୋମିଟର ପରିମିତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସମେତ ଧାମରା ମୁହାଁଣରୁ ଗହୀରମଥା ଯାଏ ୧୬୦ କିଲୋମିଟର ପର୍ଯ୍ୟନ୍ତ ଲାଗିବ କଟକଣା । ନଭେମ୍ବର ୧ ତାରିଖରୁ ମଇ ମାସ ୩୧ ତାରିଖ ଯାଏଁ ୭ ମାସ ଧରି ମାଛଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରାଯାଇଛି ।

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବର୍ଷ ତମାମ ଟ୍ରଲର ଚଳାଚଳ ଓ ମାଛଧରା ଉପରେ ସଂପୂର୍ଣ୍ଣ ନିଷେଧାଜ୍ଞା ଥିବାବେଳେ କଇଁଛ ଋତୁ ନିମନ୍ତେ ମତ୍ସ୍ୟବିଭାଗ ତରଫରୁ ଧାମରା ମୁହାଁଣ ସମୁଦ୍ରକୂଳ ଠାରୁ ୨୦ କିମି ଯାଏଁ ଯନ୍ତ୍ରଚାଳିତ ଟ୍ରଲର, ବୋଟ, ଭୁଟଭୁଟି ଚଳାଚଳ ବନ୍ଦ ସହିତ ମାଛ ଧରା ଉପରେ କଟକଣା ଜାରି କରାଯାଇଛି ବୋଲି ଡିଏଫଓ ସୂଚନା ଦେଇଛନ୍ତି । ଏଥି ସହିତ ଏହି ବିରଳ ଅଲିଭ ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ବାବୁବାଲି ଓ ଅଗରନାଶିରେ ଦୁଇଟି ଅଫିସର ଓ ୧୪ଟି ସ୍ଥାନରେ ଟ୍ରଲର ପ୍ରୋଟେକ୍ସନ କ୍ୟାମ୍ପ କରାଯିବ । ବିରଳ ଅଲିଭ ରିଡଲେ କଇଁଛଙ୍କୁ ସୁରକ୍ଷା ଦେବା ପାଇଁ ବନବିଭାଗ ସମେତ କୋଷ୍ଟଗାର୍ଡ, ମେରାଇନ ପୁଲିସ, ମତ୍ସ୍ୟ ବିଭାଗ ପକ୍ଷରୁ ମିଳିତ ପାଟ୍ରୋଲିଂ ହେବ

## ଶିଶୁ ବିକାଶ କେନ୍ଦ୍ର ବଲାଙ୍ଗିରର ୪୧ତମ ପ୍ରତିଷ୍ଠା ଦିବସ

**ବଲାଙ୍ଗିର:** ବଲାଙ୍ଗିର ପି ପି ଏକାଡେମୀ ଠାରେ ଶିଶୁ ବିକାଶ କେନ୍ଦ୍ର ବଲାଙ୍ଗିରର ୪୧ତମ ପ୍ରତିଷ୍ଠା ଦିବସ ମାଣିକ ଜୟନ୍ତୀ ଉଦଯାପନୀ ସମାରୋହ ଆଜି ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଯୋଗଦେଇ ଡିଜିଟାଲ ଯୁଗରେ ଆଜିର ଶିଶୁକୁ ସ୍ମାର୍ଟ ଦିଗରେ ସଦ୍ ମାର୍ଗରେ ଯିବାକୁ ଆମେ ପରାମର୍ଶ ଦେବା, ଯେମିତି ଶିଶୁ ମାନେ ଭବିଷ୍ୟତରେ ସମାଜ ପ୍ରତି କୃତଘ୍ନ ନହୋଇ କୃତଜ୍ଞ ହେବେ, ଯଶ ଅର୍ଜନ କରିବେ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବରେ ଅନୁଷ୍ଠାନର ଉପଦେଷ୍ଟା ଜଗଦାନନ୍ଦ ଛୁରିଆ, ଡଃ. ଜ୍ୟୋତ୍ସନା ମୟୀ ମହାପାତ୍ର, ସଂପାଦକ ମଧୁ ସାହୁ, ମୁଖ୍ୟବକ୍ତା ଭାବେ ଡଃ. ସଙ୍ଗୀତା ରଥ ଯୋଗଦେଇ ଆଜିର ଏ ଉତ୍ସବ, ଏ ପ୍ରେରଣା ଶିଶୁଙ୍କୁ ଜଣେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବରେ ଗଢି ତୋଳିବ ବୋଲି କହିଥିଲେ ।

# କାଞ୍ଜିଆ ହୋଦାରେ ଭର୍ତ୍ତି ପାଇଁ ଗାଈ ଗୋରୁଙ୍କ ଧରିବା ଅଭିଯାନ ଆରମ୍ଭ

**ସୁବର୍ଣ୍ଣପୁର:** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସୋନପୁର ସହରର ସମସ୍ତ ମୁଖ୍ୟ ରାସ୍ତା ତଥା ଗଳି ମାନଙ୍କରେ ବୁଲୁଥିବା ଗାଈ ଗୋରୁ ମାନଙ୍କୁ କାଞ୍ଜିଆ ହୋଦାରେ ଭର୍ତ୍ତି କରିବା ଅଭିଯାନ ଶୁଭାରମ୍ଭ କରାଗଲା । ସୁବର୍ଣ୍ଣପୁର ଏଡିଏମ ଗଜେନ୍ଦ୍ର ମାଝୀ ଓ ଅଭିଜିନ ପଧାନଙ୍କ ତତ୍ତ୍ୱାବଧାନରେ ଓ ପୌର ପରିଷଦ ନିର୍ବାହୀ ଅଧିକାରୀ ରଶ୍ମି ମାଝୀ, ଆର.ଟି. ଓ. ଅକ୍ଷୟ ଜେନାଙ୍କ ସଂଯୋଜନାରେ ଆଜି ଏ ଅଭିଯାନ ଆରମ୍ଭ ହୋଇଛି । ପୂର୍ବରୁ ବୁଲା ଗାଈ ଗୋରୁଙ୍କ ମାଲିକ ମାନଙ୍କ ପାଇଁ ଜିଲ୍ଲାପାଳ ଓ ଏସପିଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ସହରର ନଳିନୀ ଛକ ଠାରେ ଅନୁଷ୍ଠିତ ହୋଇଥିଲା । ଆଜି ଗାନ୍ଧୀ ପଡିଆ ଓ ନଳିନୀ ଛକରୁ ଏ ଅଭିଯାନ ଆରମ୍ଭ କରାଯାଇଥିଲା । ସୋନପୁର ସହରରେ ଗାଈଗୋରୁଙ୍କ ଦ୍ୱାରା ହେଉଥିବା ଟ୍ରାଫିକ ସମସ୍ୟା ଦୂର କରିବା, ଦୁର୍ଘଟଣା ରୋକିବା ପାଇଁ ପ୍ରଶାସନ ସହର ବାସୀଙ୍କୁ ନିବେଦନ କରିଛି କ୍ଷ ଜିଲ୍ଲା ପ୍ରଶାସନ, ସୋନପୁର ପୌର ପ୍ରଶାସନ ଓ ଜିଲ୍ଲା ପୋଲିସ ପ୍ରଶାସନ, ପ୍ରାଣୀ ସମ୍ପଦ ବିଭାଗ ଓ ଆଞ୍ଚଳିକ ପରିବହନ ବିଭାଗ ଓ ସହରର ବିଭିନ୍ନ ସାମାଜିକ ସଙ୍ଗଠନର ମିଳିତ ଉଦ୍ୟମରେ ଏହି ଅଭିଯାନ ଆରମ୍ଭ କରାଯାଇଥିବା ସୂଚନା ମିଳିଛି କ୍ଷ ଓ ସମୁଦାୟ ୨୮ ଗୋଟି ଗାଈ ଗୋରୁଙ୍କୁ ଆଜି ପୌର ପରିଷଦର କାଉ କେଜର ଗାଡ଼ିରେ ଧରାଯାଇ କାଞ୍ଜି ହାଉସରେ ଭର୍ତ୍ତି କରାଯାଇଛି । ଆଗକୁ ଲଗାତାର ଭାବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଗାଈ ଗୋରୁଙ୍କୁ କାଞ୍ଜିଆ ହୋଦାରେ ଭର୍ତ୍ତି କରାଯିବ ବୋଲି ଖବର ଅଛି । ନିୟମାନୁଯାୟୀ ସଂପୃକ୍ତ ଗାଈଗୋରୁ ମାନଙ୍କ ମାଲିକ ମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ନିଜ ଗାଈଗୋରୁ ମାନଙ୍କୁ ନ ମୁକୁଳାଇବେ ତେବେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୌର ପରିଷଦ ପକ୍ଷରୁ କୁହାଯାଇଛି ।

# ଖନ୍ତାପଡ଼ାରୁ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଜବତ

**ଖନ୍ତାପଡ଼ା:** ଖନ୍ତାପଡ଼ାରୁ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଜବତ। ଘଟଣାସ୍ଥଳରେ ଗାଡି ଛାଡ଼ି ଡ୍ରାଇଭର୍ ଚମ୍ପଟ୍। ଖବର ପାଇ ଖନ୍ତାପଡ଼ା ପୁଲିସ ପହଞ୍ଚି ଗାଡିକୁ ଜବତ କରିବା ସହ ଅଧିକ ତଦନ୍ତ ଚଳାଇଛି।

**ଗାଡି ଛାଡ଼ି ଡ୍ରାଇଭର୍ ଚମ୍ପଟ**



ରବିବାର ବିଳମ୍ବିତ ରାତିରେ ଓଡ଼ିଶାରୁ ପଶ୍ଚିମବଙ୍ଗକୁ ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ଖବର ପାଇ ଗୋ-ସୁରକ୍ଷା ବାହିନୀ ଖନ୍ତାପଡ଼ା ଥାନା ଅନତି ଦୂରରେ ଜଗି ରହିଥିଲା। ଏହି ସମୟରେ ଏକ ପିକଅପ୍ ଗାଡି ଯିବା ବେଳେ ଗୋ-ସୁରକ୍ଷା ବାହିନୀ ଅଟକାଇ ଯାଞ୍ଚ କରିଥିଲା। ଡ୍ରାଇଭର୍ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଗୋ ମାଫିଆମାନେ ପିକଅପ୍ ଭ୍ୟାନ୍ ଭିତରେ ଅତି ଅମାନୁଷିକ ଭାବରେ ଗୋରୁଙ୍କୁ ଚାଲାଣ କରୁଥିବା ଦେଖି ୧୧୨ ଯୋଗେ ପୁଲିସ କଣ୍ଟ୍ରୋଲ ରୁମ୍‌କୁ ଯୋଗାଯୋଗ କରିଥିଲେ। ନମ୍ବର ଉପଲବ୍ଧ ନଥିବାରୁ ପରେ ବାଲେଶ୍ୱର ଜିଲ୍ଲା ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକଙ୍କୁ ଗୋ ସୁରକ୍ଷା ବାହିନୀ ଅବଗତ କରାଇବା ପରେ ଘଟଣା ସ୍ଥଳରେ ଖନ୍ତାପଡ଼ା ପୁଲିସ ପହଞ୍ଚି ଗାଡିକୁ ଜବତ କରିଛି।

# କେନ୍ଦ୍ରାପଡା ପୌରସଂସ୍ଥା ତରଫରୁ ଜବରଦଖଲ ଉଚ୍ଛେଦ

**କେନ୍ଦ୍ରାପଡ଼ା:** କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜାରେ ପ୍ରବଳ ଭିଡ ହେବାରୁ ଯାତାୟତରେ ଜନ ସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ଜଣାପଡିବା ପରେ କେନ୍ଦ୍ରାପଡା ପୁରୁଣା ବସଷ୍ଟାଣ୍ଡ ଏବଂ ମାଛ ମାର୍କେଟ ମୁଖ୍ୟ ରାସ୍ତାରେ ପ୍ରାୟ ୫-୭ ଫୁଟ ଲେଖାଏଁ ରାସ୍ତାକୁ ମାଡି ଦୋକାନୀମାନେ ନିଜ ନିଜର ବ୍ୟବସାୟ ପସରା ବସାଇଛନ୍ତି । ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରିଙ୍କ ନିର୍ଦ୍ଦେଶରେ ପୌରସଂସ୍ଥା ତରଫରୁ ରବିବାର ଅପରାହ୍ନରେ ଜେସିବି ମେସିନ ମାଧ୍ୟମରେ ଏହି ଜବର ଦଖଲକୁ ଉଚ୍ଛେଦ କରିବା ସହ ବ୍ୟବସାୟୀମାନଙ୍କୁ ରାସ୍ତା ଅବରୋଧ କରି କୌଣସି ଜିନିଷପତ୍ର ରଖି ଅବରୋଧ କରିବା ପାଇଁ ମନା କରାଯାଇଛି । ଅନ୍ୟକେତେକ ଜବର ଦଖଲକାରୀ ବ୍ୟବସାୟୀ ଆସନ୍ତା ସପ୍ତାହକ ମଧ୍ୟରେ ସେମାନଙ୍କ ସାମଗ୍ରୀଗୁଡିକୁ ଉଠାଇନେବେ ବୋଲି ଲିଖିତ ଭାବେ ଜଣାଇଛନ୍ତି ।

# ବଲାଙ୍ଗିର ଜିଲ୍ଲା ପୋଲିସ, କର୍ତବ୍ୟ ଫାଉଣ୍ଡେସନ ଏବଂ ବିଜେପି ଯୁବ ମୋର୍ଚ୍ଚାଙ୍କ ମିଳିତ ଉଦ୍ୟମରେ ଗାଈମାନଙ୍କ ବେକରେ ରେଡିୟମ ବେଲ୍ଟ ବାନ୍ଧିବା କାର୍ଯ୍ୟ

**ବଲାଙ୍ଗିର:** ରାସ୍ତା ଉପରେ ବୁଲୁଥିବା ଗାଈମାନଙ୍କ ଯୋଗୁ ହେଉଥିବା ଦୁର୍ଘଟଣାକୁ ରୋକିବା ଏବଂ ଚାଳକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜିଠୁ ଗୋଟିଏ ନୂଆ ଶୁଭ ପ୍ରୟାସ ଆରମ୍ଭ କରାଯାଇଛି। ବଲାଙ୍ଗିର ଜିଲ୍ଲା ପୋଲିସ, କର୍ତବ୍ୟ ଫାଉଣ୍ଡେସନ ଏବଂ ବିଜେପି ଯୁବ ମୋର୍ଚ୍ଚାଙ୍କ ମିଳିତ ଉଦ୍ୟମରେ ଗାଈମାନଙ୍କ ବେକରେ ରେଡିୟମ ବେଲ୍ଟ ବାନ୍ଧିବା କାର୍ଯ୍ୟ ଆଜି ସର୍କିଟ୍ ହାଉସ ରାସ୍ତାର ବାବା ଟାଙ୍ଗେଶ୍ୱର୍ ମନ୍ଦିର ସମ୍ମୁଖରୁ ଆରମ୍ଭ ହୋଇଛି। ଏହି ରେଡିୟମ ବେଲ୍ଟ ରାତି ସମୟରେ ଗାଡିର ଆଲୋକରେ ଚମକି ଉଠିବ, ଯାହା ଚାଳକମାନଙ୍କୁ ଗାଈ ଥିବା ସ୍ଥାନ ଚିହ୍ନଟ କରିବାରେ ସହାୟକ ହେବ । ଏହାଦ୍ୱାରା ରାସ୍ତାରେ ଦୁର୍ଘଟଣା ହ୍ରାସ ପାଇବା ସହିତ ପଶୁ ସୁରକ୍ଷା ମଧ୍ୟ ସୁନିଶ୍ଚିତ ହେବ ବୋଲି ଆୟୋଜକମାନେ କହିଛନ୍ତି। ଏହି ପ୍ରୟାସରେ ବିଜେପି ଯୁବମୋର୍ଚ୍ଚା ସଦସ୍ୟମାନେ ଓ କର୍ତବ୍ୟ ଫାଉଣ୍ଡେସନର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ସେମାନେ ସହରର ବିଭିନ୍ନ ଅଂଚଳରେ ଘୁରି ବୁଲୁଥିବା ଗାଈମାନଙ୍କ ବେକରେ ରେଡିୟମ ବେଲ୍ଟ ବାନ୍ଧିଲେ। ଆୟୋଜକମାନଙ୍କ କହିବା ଅନୁସାରେ, ଏହି ଉଦ୍ୟମ ଏକ ଦିନର କାର୍ଯ୍ୟ ନୁହେଁ, ଆଗାମୀ ଦିନଗୁଡିକରେ ମଧ୍ୟ ଏହାକୁ ଜାରି ରଖାଯିବ ଯାହାଦ୍ୱାରା ସମସ୍ତ ବୁଲା ଗାଈମାନେ ଏହି ବେଲ୍ଟ ପିନ୍ଧିପାରିବେ। ସେମାନେ ସମସ୍ତ ସହରବାସୀଙ୍କୁ ଏହି ଉଦ୍ୟମରେ ସହଯୋଗ କରିବାକୁ ଆହ୍ୱାନ କରିଛନ୍ତି ଏବଂ କହିଛନ୍ତି ଯେ, "ଆପଣମାନଙ୍କ ସହଯୋଗ ଓ ସଚେତନତା ଦ୍ୱାରା ଏହି ପ୍ରୟାସ ସଫଳ ହେବ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ବଲାଙ୍ଗିର ଏସଡିପିଓ ସରୋଜ ଉପାଧ୍ୟାୟ, ଟାଉନ ଥାନା ଅଧିକାରୀ ଅବନୀ ସାହୁ, ବଲାଙ୍ଗିର ବିଜେପି ଯୁବମୋର୍ଚ୍ଚା ସଭାପତି ଅମରଜିତ୍ ପଟେଲ, କର୍ତବ୍ୟ ଫାଉଣ୍ଡେସନ ସଭାପତି କାହ୍ନା ଶତପଥି, ସୁନିଲ ମିଶ୍ର, ଚର୍ଚ୍ଚିତ ମିଶ୍ର, ସୁରେନ୍ଦ୍ର ପଣ୍ଡା, ନୂତନ ମିଶ୍ର, ନାରାୟଣ ରାଉତ, ରତୁରାଜ ପଧାନ, ବିନୋଦ ପଧାନ, ବାଳକୃଷ୍ଣ ସାହୁ, ହିମାଂଶୁ, ଜିତେନ୍ଦ୍ର ପ୍ରଧାନ ଓ ଅନେକ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ବିଏମସି ଅଞ୍ଚଳରେ ୪୭,୧୨୬ ବୁଲା କୁକୁର

## ସେପ୍ଟେମ୍ବର ୧୮ରୁ ୨୫ ଯାଏଁ ଦୁଇଟି ପର୍ଯ୍ୟାୟରେ ହୋଇଥିଲା ଗଣନା

**ଭୁବନେଶ୍ୱର:** ରାଜ୍ୟରେ ପ୍ରଥମ ଥର ପାଇଁ ରାଜଧାନୀ ଭୁବନେଶ୍ୱରରେ ବୁଲା କୁକୁର ଗଣନା କରାଯାଇଥିଲା । ଗତ ସେପ୍ଟେମ୍ବର ୧୮ରୁ ୨୫ ତାରିଖ ପର୍ଯ୍ୟନ୍ତ ବିଏମ୍ ସି

**୨୩,୦୪୭ ଅଣ୍ଡିରା, ୧୫,୫୫୨ ମାଈ କୁକୁର ସହ ୧୧୨୪ଟି ଛୁଆ କୁକୁର**

ପକ୍ଷରୁ ଦୁଇଟି ପର୍ଯ୍ୟାୟରେ କୁକୁର ଗଣନା କରାଯାଇଥିଲା । ବିଏମ୍ ସି ଅଂଚଳରେ ଥିବା ୬୭ଟି ୱାର୍ଡର ସମସ୍ତ ଗଳିକନ୍ଦିରେ ଏହି କୁକୁର ଗଣନା କାର୍ଯ୍ୟ ହୋଇଥିଲା । ବିଏମସି ଅଞ୍ଚଳରେ ୪୭,୧୨୬ ବୁଲା କୁକୁର ଥିବା ସୂଚନା ମିଳିଛି । ୨୩,୦୪୭ ଅଣ୍ଡିରା, ୧୫,୫୫୨ ମାଈ କୁକୁର ସହ ୧୧୨୪ଟି



ଛୁଆ କୁକୁର ରହିଛନ୍ତି । ୪୦୬୮ ଅଣ୍ଡିରା କୁକୁର ଓ ୩୩୩୫ ମାଈ କୁକୁରଙ୍କୁ ବନ୍ଧ୍ୟାକରଣ କରାଯାଇଛି । ଭୁବନେଶ୍ୱର ଜନସଂଖ୍ୟା ତୁଳନାରେ ବୁଲା କୁକୁରଙ୍କ ସଂଖ୍ୟା ୩.୬୨ ପ୍ରତିଶତ ରହିଛି ।

ସୂଚନାଯୋଗ୍ୟ, ବୁଲା କୁକୁର ଗଣନା ପାଇଁ ଭୁବନେଶ୍ୱରର ଜୋନ୍, ୱାର୍ଡ ଓ ୱାର୍ଡରେ ଥିବା ପ୍ରତ୍ୟେକ ଗଳି ପାଇଁ ଟିମ୍ ଗଠନ କରାଯାଇଥିଲା । ଦକ୍ଷ ପଶୁ ଡାକ୍ତରଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ସାନିଟାରୀ ଇନ୍‌ସପେକ୍ଟର, ଏସ୍ଏମଟିଏ, ଡିଇଓ, ସିଓ, ୱାର୍ଡ ଅଫିସର ପ୍ରମୁଖଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ କରାଯାଇଥିଲା । ବୁଲା କୁକୁର ଗଣନା ଦ୍ୱାରା କେଉଁ ୱାର୍ଡରେ କେତେ କୁକୁର ଅଛନ୍ତି ଜଣାପଡ଼ିବା ସହିତ ସହଜରେ ଖାଦ୍ୟ, ଭେକସିନ ଯୋଗେଇ ଦିଆଯାଇପାରିବ । ପ୍ରତିବର୍ଷ କେତେ କୁକୁର ଜନ୍ମ ନେଉଛନ୍ତି ଓ କେତେ କୁକୁରଙ୍କର ମୃତ୍ୟୁ ହେଉଛି ସବୁର ତଥ୍ୟ ବିଏମସି ରଖିପାରିବ । ରାଜଧାନୀ ବାସୀଙ୍କ ସୁରକ୍ଷା, ଦୁର୍ଘଟଣା ଏବଂ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାରୁ ରକ୍ଷା କରିବା ପାଇଁ ବିଏମ୍ ସି ପକ୍ଷରୁ ରାଜ୍ୟରେ ପ୍ରଥମ କରି ଏହି ପଦକ୍ଷେପ ନିଆଯାଇଛି।

# ଶାନ୍ତି କମିଟି ବୈଠକ ଭଣ୍ଡୁର, ମେଲଣ ସୁପରିଚାଳନାକୁ ନେଇ ସନ୍ଦେହ

**କେନ୍ଦ୍ରାପଡ଼ା:** ଗଣପର୍ବ ଗଜଲକ୍ଷ୍ମୀ ପୂଜାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମେଲଣ ଓ ଭସାଣୀ ଉତ୍ସବ ପରିଚାଳନା କରିବାକୁ ନେଇ ଆଜି ବସିଥିବା ଶାନ୍ତି କମିଟି ବୈଠକ ଭଣ୍ଡୁର ହୋଇଥିବା ଜଣାପଡିଛି । ଜନୈକ ପଦସ୍ଥ ଅଧିକାରୀଙ୍କ ଅଶାଳୀନ ବ୍ୟବହାର ଯୋଗୁଁ ବୈଠକ ଅଧାରୁ ହୋହାଲ୍ଲା, ପାଟିତୁଣ୍ଡ ଘଟିବା ସହ ଉପସ୍ଥିତ ଥିବା ସଦସ୍ୟମାନେ ସଭାସ୍ଥଳ ଛାଡି ପଳାଇ ଯାଇଥିବା ଦେଖିବାକୁ ମିଳିଥିଲା। ଗଣପର୍ବ ଗଜଲକ୍ଷ୍ମୀ ପୂଜାର ଆଜି ବିସର୍ଜନ ପୂଜା ଅନୁଷ୍ଠିତ ହେବା ସହ ଆସନ୍ତା ୨ ଦିନ ଧରି ଭସାଣୀ ଉତ୍ସବ ଅନୁଷ୍ଠିତ ହେବ । ଏଥିପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରାକ୍ ପ୍ରସ୍ତୁତି କରାଯାଇ ଭସାଣୀ ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପରଚାଳନା ପାଇଁ ବ୍ୟବସ୍ଥା କରାଯାଇଛି। ତେବେ ଆଜି ଶାନ୍ତି କମିଟିର ଅନ୍ତିମ ପର୍ଯ୍ୟାୟ ବୈଠକ କେନ୍ଦ୍ରାପଡା ପୌରସଂସ୍ଥା ଟଉନ ହଲ୍ ଠାରେ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପାଳ ରଘୁରାମ ଆର ଆୟାର ଅଧ୍ୟକ୍ଷତା କରିଥିବା ବେଳେ ଏସପି ସିଦ୍ଧାର୍ଥ କଟାରିଆଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଓ ପ୍ରଶାସନିକ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ଜନୈକ ପଦସ୍ଥ ଅଧିକାରୀ ମୁଦ୍ରିତ ଗଣ ମାଧ୍ୟମର ଜଣେ ଜିଲ୍ଲାସ୍ତରୀୟ ପ୍ରତିନିଧିଙ୍କୁ ଅଶାଳୀନ ବ୍ୟବହାର ଦେଖାଇବାକୁ ନେଇ ବୈଠକରେ ତୀବ୍ର ପ୍ରତିବାଦ ଉଠିଥିଲା। ଫଳରେ ବୈଠକରେ ଉପସ୍ଥିତ ଥିବା ପୂଜା କମିଟିର ସଦସ୍ୟ ଓ ଶାନ୍ତି କମିଟିର ସଦସ୍ୟ ମାନେ ଘୋର ଆପତି ଉଠାଇବା ସହ ପାଟିତୁଣ୍ଡ ହୋହାଲ୍ଲା କରି ସଭାସ୍ଥଳ ଛାଡି ପଳାଇ ଯାଇଥିଲେ । ଘଟଣାଟି ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ବୈଠକ ଅଧାରୁ ଭଣ୍ଡୁର ହୋଇ କୌଣସି ନିଷ୍ପତି ନିଆଯାଇ ପାରିନାହିଁ। ଆସନ୍ତା ୨ ଦିନ ଧରି ହେବାକୁ ଥିବା ଭସାଣୀ ଉତ୍ସବ ଉପରେ ଏହାର କି ପ୍ରକାର ପ୍ରଭାବ ପଡୁଛି ଏହାକୁ ନେଇ ସର୍ବତ୍ର ଆଲୋଚନା ଦେଖାଦେଇଛି ।

## ଶ୍ରୀ ବଳଦେବଜୀଉ ସାଉଣ୍ଡ ଓ ଲାଇଟ ସଂଘର ବୈଠକ

**କେନ୍ଦ୍ରାପଡ଼ା:** କେନ୍ଦ୍ରାପଡା ର ଶ୍ରୀ ବଳଦେବଜୀଉ ସାଉଣ୍ଡ ଓ ଲାଇଟ ସଂଘର ଏକ ବୈଠକ ସ୍ଥାନୀୟ ଜଇପୁରା ସ୍ଥିତ ଦିବ୍ୟ ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ସରୋଜ ମେକାପଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସଂପାଦକ କିଶୋର କୁମାର ସାହୁଙ୍କ ସମେତ ରାମପ୍ରସାଦ ଚକ୍ରବର୍ତ୍ତୀ, ଜନ୍ମେଜୟ ସାହୁ, ସନ୍ତୋଷ କୁମାର ପଣ୍ଡା, ରଶ୍ମିରଂଜନ ସୂତାର ପ୍ରମୁଖ ଉପସ୍ଥିତ ରହି ସଂଘର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ବିଭାଗର ପର୍ବପର୍ବାଣି ଏବଂ ଶୋଭାଯାତ୍ରାର ଅନୁମତି ନେଲାପରେ ମଧ୍ୟ ଜିଲ୍ଲାର ବିଭିନ୍ନ ଅଂଚଳରେ ଥିବା ଥାନା ଅଧିକାରୀ ମାନେ ଏମାନଙ୍କୁ ହଇରାଣ ହରକତ କରିବା ସହିତ ଗାଡି ଜବତ କରୁଛନ୍ତି । ସଂଘର ପଞ୍ଜିକରଣ କରିବା, ଜିଲ୍ଲାରେ ଥିବା ସମସ୍ତ ସାଉଣ୍ଡ ଓ ଲାଇଟ ସଂଘର ମାଲିକ ମାନେ ଧାର୍ଯ୍ୟ କରା ଯାଇଥିବା ସରକାରୀ ନିୟମକୁ ମାନି ବଜାଇବା, ଅନ୍ୟକୌଣସି ଜିଲ୍ଲାକୁ କାର୍ଯ୍ୟକ୍ରମ ରେ ଗଲେ ସେଠାକାର ସଂଘ ସହିତ ପରାମର୍ଶ କରିବା ଆଦି ସମସ୍ୟା ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରା ଯାଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ପ୍ରଶାନ୍ତ ମଲିକ, ମନୋଜ କୁମାର ସାହୁ, ପ୍ରକାଶ ସାହୁ, ବିଶ୍ୱନାଥ ମଲିକ, ବିବେକାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

## ରାଜ୍ୟସ୍ତରୀୟ ସଂସ୍କୃତ ସଂସ୍କୃତି ମହୋତ୍ସବ ଉଦ୍‌ଯାପିତ

**ଭଦ୍ରକ:** ଭଦ୍ରକସ୍ଥିତ ଗୀତା ଭବନ ପରିସରରେ ଦ୍ୱିଦିବସୀୟ କର୍ମଶାଳା, ଗୀତାପାଠ ଭଦ୍ରକ କାଳୀ ପର୍ଯ୍ୟନ୍ତ ବିଶ୍ୱବନ୍ଧୁତ୍ୱ ପଦଯାତ୍ରା ମହାସମ୍ମେଳନର ଆବାହକ ପଣ୍ଡିତ ଦୟାନିଧି ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରାତଃ ସମୟରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ସଂସ୍କୃତ ବିଦ୍ୱାନ, ପଣ୍ଡିତ, ସଂସ୍କୃତି ପ୍ରିୟ ବ୍ୟକ୍ତିତ୍ୱ ଓ ସମାଜସେବୀମାନେ ଗୀତା ଭବନରୁ ଭଦ୍ରକ କାଳୀ ପର୍ଯ୍ୟନ୍ତ ବିଶ୍ୱ ବନ୍ଧୁତ୍ୱ ପଦଯାତ୍ରାକୁ ଆନୁଷ୍ଠାନିକ ଭାବେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ପଣ୍ଡା ମହୋତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ପ୍ରଫେସର ମଧୁସୂଦନ ମିଶ୍ର, ମୁଖ୍ୟ ବକ୍ତା ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଅଧ୍ୟାପକ ନିରଞ୍ଜନ ବେହେରା, ସଞ୍ଜୟ କୁମାର ପଣ୍ଡା, ଗୋପାଳକୃଷ୍ଣ ପାଢ଼ୀ ପ୍ରମୁଖ ଯୋଗଦାନ କରି ସଂସ୍କୃତ ବିଶ୍ୱ ବନ୍ଧୁତ୍ୱର ପ୍ରତୀକ ଓ ସଂସ୍କୃତ ସଂସ୍କୃତି ସୁରକ୍ଷା ସଂପର୍କରେ ଆଲୋକପାତ କରିଥିଲେ । ପ୍ରାଚୀନ ଅନୁଷ୍ଠାନ ଦାମୋଦର ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଗୁରୁ ପୂଜନ କାର୍ଯ୍ୟକ୍ରମରେ ଭାବଗ୍ରାହୀ ମିଶ୍ର ଓ ପଣ୍ଡିତ ପଦ୍ମନାଭ ପଣ୍ଡାଙ୍କୁ ଗୁରୁ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ମହାସମ୍ମେଳନର ସଂପାଦକ ଡ଼. ନିତ୍ୟାନନ୍ଦ ମିଶ୍ର ସଂପାଦକୀୟ ଉପସ୍ଥାପନ କରିବା ସଂଗେ ସଂଗେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଉକ୍ତ ମହୋତ୍ସବରେ ବିଶିଷ୍ଟ ବିଦ୍ୱାନ ପଣ୍ଡିତ, ଗବେଷକ ଓ ସମାଜସେବୀଙ୍କୁ ସମ୍ମାନିତ କରାଯାଇଥିଲା ।

# ଚାଷୀଙ୍କ ସମସ୍ୟା ଶୁଣିଲେ ସମବାୟ ସମିତି ସହ ନିବନ୍ଧକ

**କେନ୍ଦ୍ରାପଡ଼ା:** କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ଆଳି କଟକ ସେଂଟ୍ରାଲ କୋ ଅପରେଟିଭ ବ୍ୟାଙ୍କର ଚାଷୀମାନଙ୍କ ପାଇଁ ଥିବା ସମବାୟ ସମିତି ମଧ୍ୟରୁ ନୂତନ ଭାବେ ଗଢି ଉଠିଥିବା ଜୁଆଣିଆ ଓ ପେତପଡା ସମବାୟ ସମିତି ଅନ୍ୟତମ। ଦୀର୍ଘଦିନର ବାଦ ବିବାଦ ପରେ ଜୁଆଣିଆ ଓ ପେତପଡା ସମବାୟ ସମିତିର ସମ୍ପାଦକ ଭାବେ ଗୋବିନ୍ଦପୁର ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ବିରଜା ପ୍ରସାଦ ଦାସ ଦାୟିତ୍ୱ ନେଇଛନ୍ତି କ୍ଷ ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦୁଇଟି ଜୁଆଣିଆ ଓ ପେତପଡା ସମବାୟ ସମିତିର ପୂର୍ବକାର୍ଯ୍ୟରତ ସମ୍ପାଦକ ଦ୍ୱୟଙ୍କ ନାମରେ କୋଟି କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ହୋଇଥିଲା। ଏନେଇ ଉଭୟ ପ୍ରାଥମିକ ସମବାୟ ସମିତିର ଚାଷୀମାନେ ମୁଖ୍ୟମନ୍ତ୍ରୀ, ମୁଖ୍ୟସଚିବ, ସମବାୟ ମନ୍ତ୍ରୀ, ରେଜିଷ୍ଟର ସମବାୟ ସମିତି,କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିଲା। ବାରମ୍ବାର ଚାଷୀମାନେ ଅଭିଯୋଗ ଆଣିବା ପରେ ଓଡିଶା ଷ୍ଟେଟ କୋ ଅପରେଟିଭ ବ୍ୟାଙ୍କ ର ଚିଫ ଜେନେରାଲ ମ୍ୟାନେଜରଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଦୁଇ ସମବାୟ ରେ ସ୍ୱତନ୍ତ୍ର ଅଡିଟ ହେବା ସହ ଦୁର୍ନୀତିର ପ୍ରମାଣ ମିଳିବା ପରେ ଦାୟିତ୍ୱରେ ଥିବା ଦୁଇ ସମ୍ପାଦକଙ୍କୁ ନିଲମ୍ବିତ କରାଯାଇଥିଲା ଓ ଦୀର୍ଘଦିନ ଧରି ଏହି ସମବାୟ ସମିତିରେ କାହାକୁ ଦାୟିତ୍ୱ ଦିଆନଯିବା ଫଳରେ ଚାଷୀମାନେ ସରକାରୀ ଯୋଜନାରେ ଚାଷ ପାଇଁ ଋଣ, ସାର, ବିହନ, ଫସଲବୀମା ଆଦି ପାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ।

ଶେଷରେ ସେମାନେ ବାଧ ହୋଇ ଓଡିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କ ସ୍ଥାନରେ ଅନ୍ୟ ସମ୍ପାଦକଙ୍କୁ ସମବାୟ ସମିତି ଦୁଇଟିର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ସମ୍ପାଦକ ନିଯୁକ୍ତି ହୋଇପାରିନଥିଲା। ପୁନଃ ଏ ସମ୍ପର୍କରେ ଚାଷୀ ମାନେ ଏଆରସିଏସ, ଡିଆରସିଏସ ଓ ଜିଲ୍ଲାପାଳଙ୍କୁ ଭେଟି ତାଙ୍କ ଦୁଃଖ ଜଣାଇଥିଲେ। ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ସମାଧାନ ର ବାଟ ଫିଟିଥିଲା କ୍ଷ ଆଜି କେନ୍ଦ୍ରାପଡ଼ା ସମବାୟ ସହନିବନ୍ଧକ ଉଭୟ ପେତପଡା ଓ ଜୁଆଣିଆ ସମବାୟ ସମିତିର ସମ୍ପାଦକ ଭାବେ ଗୋବିନ୍ଦପୁର ସମବାୟ ସମିତି ର ସମ୍ପାଦକ ବିରଜା ପ୍ରସାଦ ଦାସଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି ଓ ତତ ସହିତ ଉଭୟ ପେତପଡା ଓ ଜୁଆଣିଆ ସମବାୟ ସମିତିର ପୂର୍ବ ନିଲମ୍ବିତ ସମ୍ପାଦକମାନଙ୍କୁ ଆଗାମୀ ୧୪. ୧୦.୨୦୨୫ ତାରିଖ ଦିବା ସାଢ଼େ ୧୨ଟା ସୁଦ୍ଧା ସମବାୟ ସହ ନିବନ୍ଧକ କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟରେ ସମସ୍ତ ଦସ୍ତାବିଜ ସହ ଦାୟିତ୍ୱ ହସ୍ତାନ୍ତର କାଗଜପତ୍ର ଦାଖଲ କରିବାକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ନେଇ ଉଭୟ ସମବାୟ ସମିତିର ଚାଷୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି।

# କ୍ଷେତ୍ରସ୍ତରୀୟ ଗଣିତ ମେଳାରେ ପ୍ରଥମ ସ୍ଥାନ ଅଧିକାର କଲେ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ବିଜ୍ଞାନ ସଫଳ ମହାନ୍ତି



**ବାଲେଶ୍ୱର(ମାନିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରାମଚନ୍ଦ୍ର ବିହାର ପାଖରସାଉଁ , ଗେଙ୍ଗୁଟି, ବାଲେଶ୍ୱର, ର ଅଷ୍ଟମ ଶ୍ରେଣୀ ର ଅଧ୍ୟୟନରତ ଛାତ୍ର ଶ୍ରୀମାନ ବିଜ୍ଞାନ ସଫଳ ମହାନ୍ତି ଗଣିତ ପ୍ରକଳ୍ପରେ ବିଦ୍ୟାଳୟ ସ୍ତରରୁ ସଙ୍କୁଳ ସ୍ତର, ସଙ୍କୁଳ ସ୍ତର ରୁ ସମ୍ଭାଗ ସ୍ତର,ସମ୍ଭାଗ ସ୍ତର ରୁ ବିଭାଗ ସ୍ତର, ବିଭାଗ ସ୍ତର ରୁ ପ୍ରାନ୍ତ ସ୍ତର, ପ୍ରାନ୍ତ ସ୍ତର ରୁ କ୍ଷେତ୍ର ସ୍ତରୀୟ ଗଣିତ ମେଳା ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ନଭେମ୍ବର ମାସ ୬ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ପଞ୍ଜାବ ର ଜଳନ୍ଧର ଠାରେ ଅନୁଷ୍ଠିତ ହେବାକୁ ଥିବା ସର୍ବ ଭାରତୀୟ ସ୍ତର (ଅଖିଳ ଭାରତୀୟ ସ୍ତର) ରେ ଗଣିତ ମେଳା କୁ ନିଜର ଦକ୍ଷତା ପ୍ରଦର୍ଶନ ନିମନ୍ତେ ଯୋଗ୍ୟତା ହାସଲ କରିଛନ୍ତି। ଏଥିପାଇଁ ବିଦ୍ୟାଳୟ ର ପରିଚାଳନା ସମିତିର ସମସ୍ତ ସଦସ୍ୟ ସଦସ୍ୟା , ବିଦ୍ୟାଳୟ ର ଗୁରୁଜୀ ଗରୁମା ମାନେ ବିଜ୍ଞାନ ସଫଳ ଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରି ଆଗାମୀ ପ୍ରତିଯୋଗୀତାରେ କୃତକାର୍ଯ୍ୟ ହେବା ପାଇଁ ଶୁଭମନାସୀ ଥିଲେ।

# ସହାୟତା ଅପେକ୍ଷାରେ ଲଗାଣ ବର୍ଷାରେ ଘର ଭାଙ୍ଗି ଥିବା ଅସହାୟ ଗରିବ ପରିବାର

**ବଲାଣି(ମାନସି):** ଘର ଟିଏ ପାଇଁ ସହାୟତା ଅପେକ୍ଷାରେ ଖଣି ତଳ ଗାଁ ର ଗରିବ ପରିବାର । ସରକାର ଙ୍କ ଗରିବ ଲୋକଙ୍କ ପାଇଁ ମାଳ ମାଳ ଯୋଜନା ମାନ ପ୍ରସ୍ତୁତ କରିଥିଲେ ହେଁ ତାହା ସଠିକ୍ ଲୋକଙ୍କ ପାଖକୁ ପହଞ୍ଚି ପାରୁନାହିଁ । କିଛି ଦିନ ପୂର୍ବେ ହୋଇଥିବା ଲଗାଣ ବର୍ଷା ଯୋଗୁଁ ଭାଙ୍ଗିଯାଇଛି ଅସହାୟ ପରିବାର ର କୁଡ଼ିଆ ତେବେ



ବର୍ତ୍ତମାନ ବାର ଦାଣ୍ଡ ବାରଣ୍ଡାରେ ରହି ବହୁ କଷ୍ଟରେ ଜୀବନ ଅତିବାହିତ କରୁଥିବା ଦେଖିବାକୁ ମିଳିଛି। ଅସହାୟ ପରିବାର ରେ ରହିଛନ୍ତି ୩ ଜଣ ପ୍ରାଣୀ । ତିନି ଜଣଙ୍କ ମଧ୍ୟରୁ ଜଣେ ବାହାରେ ରହୁଥିବା ବେଳେ ଭଙ୍ଗା କୁଡ଼ିଆରେ ଦିନ କାଟୁଛନ୍ତି ୨ ଜଣ ମା, ପୁଅ । ଖଣି ତଳ ଗାଁ ହୋଇଥିଲେ ସୁଦ୍ଧା ଖଣ୍ଡିଏ ଘର ପାଇଁ ନାହିଁ ନଥିବା ପରିସ୍ଥିତି ରେ ରହିଛନ୍ତି ଦୁହେଁ, ତେବେ ପୁଅ ଙ୍କ ନାମ ବିନୋଦ ପାତ୍ର ହୋଇଥିବା ବେଳେ ଏଠି ସେଠି ଦିନ ମଜୁରିଆ ଭାବେ ଦିନେ ଅଧେ କାମ କରି ପେଟ ଗୁଜୁରାଣ ମେଣ୍ଟାଇ ଥାନ୍ତି, ଯେତିକି ଦିନ ମଜୁରୀ କରି କି ପଇସା ଆଣେ ତାହା ପରିବାର ଚଳିବା ପାଇଁ ହିଁ ହୋଇଥାଏ ନିହଣ୍ଟ ।ବିନୋଦ ଙ୍କ ମା ଏବେ ବୟସ ଯିବା ସହ କାମ ଧନ୍ଦା କିଛି କରି ପାରୁ ନାହାନ୍ତି । ଏଣୁ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ପ୍ରଶାସନକୁ ଅନୁରୋଧ କରିଛନ୍ତି ସ୍ଥାନୀୟ ବାସିନ୍ଦା। ତେବେ ଏଭଳି ଘଟଣା ମାନ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବାଲାଗୋଡ଼ା ଗ୍ରାମ ପଞ୍ଚାୟତ ର ଡବ୍ଲୁ ହାଟିଂ ଠାରେ ।ତେବେ ଅସହାୟ ଗରିବ ପରିବାର ପ୍ରଶାସନର କେବେ ଦୃଷ୍ଟ ପଡୁଛି ତାହା ଦେଖିବା କୁ ବାକି ରହିଲା।

# ଚୌଦ୍ୱାର କାରାଗାରରୁ କଏଦୀ ଫେରାର ଘଟଣା, ବଦଳିଲେ ଜେଲର

**ଚୌଦ୍ୱାର:** ଚୌଦ୍ୱାର କାରାଗାରରୁ କଏଦୀ ଫେରାର ଘଟଣା ପରେ ଚୌଦ୍ୱାର ଜେଲର ସନ୍ତୋଷିନୀ ଦାସଙ୍କୁ ବଦଳି କରାଯାଇଛି। ସୋମବାର ଏନେଇ ଜେଲ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ ସନ୍ତୋଷିନୀ ଦାସଙ୍କୁ କଣ୍ଟାବାଞ୍ଜି ଜେଲକୁ ବଦଳି କରାଯାଇଛି। ଆଉ ତାଙ୍କ ବଦଳରେ ରଘୁରାଜ ମାଝୀଙ୍କୁ ଚୌଦ୍ୱାର ଜେଲର ଦାୟିତ୍ୱ ଦିଆଯାଇଛି।

ସୂଚନାଥାଉକି, ଅକ୍ଟୋବର ୧ ତାରିଖ ଦିନ ରାଜ୍ୟର ସବୁଠାରୁ ସୁରକ୍ଷିତ ଜେଲରୁ ଫେରାର ଦୁଇ ଦୁର୍ଦ୍ଦାନ୍ତ ଅପରାଧି ଫେରାର ହୋଇଯାଇଥିଲେ। ଏହି ଦୁଇ ଅପରାଧୀ ହେଉଛନ୍ତି ୨ ବିହାରୀ କୁଖ୍ୟାତ ଡକାୟତ ମଧୁକାନ୍ତ ଓ ରାଜା ସାହାଣୀ। ଏମାନଙ୍କୁ ଜାନୁଆରୀ ୪ରେ ଯାଜପୁର ଜିଲ୍ଲା ପାଣିକୋଇଲି ପଣ୍ଡା ଅଳଙ୍କାର ଲୁଟ ଉଦ୍ୟମ ସହ ଦୁଇ ଜଣଙ୍କୁ ହତ୍ୟା କରି ଫେରାର ହେଉଥିବାବେଳେ ସ୍ଥାନୀୟ ଲୋକେ କାବୁ କରି ପୋଲିସରେ ଜିମା ଦେଇଥିଲେ । ଜାନୁଆରୀ ମାସରେ ଘଟିଥିବା ଘଟଣା ଏବେବି ରହସ୍ୟ ଘେରରେ ଥିବାବେଳେ ମାତ୍ର ୯ ମାସ ପରେ ଦୁଇ ଅପରାଧୀ ଜେଲ ପାଚେରୀ ଡେଇଁ ଫେରାର ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । କଡ଼ା ପହରା ସତ୍ତ୍ୱେ ଲୁହା ରଡ କାଟି କମ୍ବଳ ଜରିଆରେ ପାଚେରୀ ଡେଇଁ ଦୁଇ ବିହାରୀ ଅପରାଧି ଫେରାର ମାରିଥିଲେ। ତେବେ ଏହି ଘଟଣାକୁ ନେଇ ରାଜନୀତି ମଧ ଜୋର ଧରିଥିଲା। ବିରୋଧୀ, ବିଜେପିକୁ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଟାର୍ଗେଟ କରିଥିଲେ।

# ସରକାରୀ ଡାକ୍ତରଖାନାରେ ରୋଗୀଙ୍କ ଖାଦ୍ୟ ଖର୍ଚ୍ଚ ବୃଦ୍ଧି, ଶଯ୍ୟା ପିଛା ମିଳିବ ୧୨୭ ଟଙ୍କା

**ଭୁବନେଶ୍ୱର:** ପ୍ରତ୍ୟେକ ଜିନିଷରେ ଦରଦାମ ବୃଦ୍ଧି ହୋଇଛି। ଖାଇବା ଜିନିଷ ମଧ ଏଥିରୁ ବାଦ୍ ପଡ଼ିନାହିଁ। ରୋଗୀଙ୍କୁ ପୁଷ୍ଟିକର ଓ ସ୍ୱାସ୍ଥ୍ୟଯୁକ୍ତ ଖାଦ୍ୟ ଦେବା ଲକ୍ଷ୍ୟରେ ସରକାରୀ ଡାକ୍ତରଖାନାରେ ରୋଗୀଙ୍କ ଖାଦ୍ୟ ଖର୍ଚ୍ଚ ବୃଦ୍ଧି କରାଯାଇଛି। ଏନେଇ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି କ୍ରମରେ ଇନ୍‌ଡୋର ୱାର୍ଡରେ ରୋଗୀଙ୍କ ଖର୍ଚ୍ଚ ବୃଦ୍ଧି କରାଯାଇଛି। ପୂର୍ବରୁ ଶଯ୍ୟା ପିଛା ୧୧୦ ଟଙ୍କା ଥିଲା ବେଳେ ଏବେ ସରକାର ଏହାକୁ ୧୨୭ ଟଙ୍କା ନିର୍ଦ୍ଧାରଣ କରିଛନ୍ତି।

ସେହିପରି ଉଚ୍ଚ ପୁଷ୍ଟିସାରଯୁକ୍ତ ଖାଦ୍ୟ ପାଇଁ ଯାହା ପୂର୍ବରୁ ୧୨୦ ଟଙ୍କା ଥିଲା, ତାହା ଏବେ ୧୩୮ ଟଙ୍କାକୁ ବୃଦ୍ଧି କରାଯାଇଛି। ଶୁଖିଲା ଖାଦ୍ୟ ପାଇଁ ୯୫ ଟଙ୍କା ସ୍ଥାନରେ ୧୧୦ ଟଙ୍କା କରାଯାଇଥିବା ବେଳେ ତରଳ ଖାଦ୍ୟ ପାଇଁ ୧୧୦ ଟଙ୍କା ପରିବର୍ତ୍ତେ ୧୨୭ ଟଙ୍କା କରାଯାଇଛି।

## ଦେଶବ୍ୟାପୀ ‘ବିକଶିତ ଭାରତ ବିଲ୍ଡାଥନ୍ -୨୦୨୫’ ଉଦଘାଟିତ

# ‘ବିକଶିତ ଭାରତ ବିଲ୍ଡାଥନ୍’ ନୂତନ ବିଶ୍ୱ ମଡେଲ୍ ତିଆରି କରିବ:ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର:** ‘ବିକଶିତ ଭାରତ ବିଲ୍ଡାଥନ୍’ ହେଉଛି ଉଦ୍ଭାବନ, ସୃଜନଶୀଳତା ଏବଂ ଯୁବ ଶକ୍ତିର ଏକ ଦେଶବ୍ୟାପୀ ଉତ୍ସବ । ଏହି ବିଲ୍ଡାଥନରୁ ତିଆରି ହେଉଥିବା ଅଭିନବ ବିଚାର ଗୁଡ଼ିକ ନୂତନ ବିଶ୍ୱ ମଡେଲ୍ ସୃଷ୍ଟି କରିବ ଏବଂ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଜରୁରୀ ଆହ୍ୱାନଗୁଡ଼ିକର ସମାଧାନ ପାଇଁ ମାର୍ଗ ପ୍ରଶସ୍ତ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ‘ବିକଶିତ ଭାରତ’ ଦୃଷ୍ଟିକୋଣକୁ ଆଗକୁ ନେଇ ଏହି ବିଲ୍ଡାଥନ୍ ୨୦୨୫କୁ ଉଦଘାଟନ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମରେ ସାରା ଦେଶର ୩ ଲକ୍ଷରୁ ଅଧିକ ସ୍କୁଲ ଏବଂ ୨୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଏହା ଭାରତର ବୃହତ୍ତମ ସ୍କୁଲ୍ ହାକାଥନ୍ । ଏହି ମେଗା ସ୍କୁଲ୍ ଇନୋଭେସନ୍ ପଦକ୍ଷେପରେ ଅଂଶଗ୍ରହଣ କରିଥିବାରୁ ସମସ୍ତ ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଶ୍ରୀ ପ୍ରଧାନ । ସେ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି ଯେ ଏଠାରୁ ସୃଷ୍ଟି ହୋଇଥିବା ଅଭିନବ ବିଚାର ଗୁଡ଼ିକ ନୂତନ ବିଶ୍ୱ ମଡେଲ୍ ସୃଷ୍ଟି କରିବ ଏବଂ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଜରୁରୀ ଆହ୍ୱାନଗୁଡ଼ିକର ସମାଧାନ ପାଇଁ ମାର୍ଗ ପ୍ରଶସ୍ତ କରିବ । ଏକ ବିକଶିତ ଏବଂ ସମୃଦ୍ଧ ଭାରତ ଆମର ପ୍ରତିଭାବାନ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ମିଳିତ ସହଯୋଗରେ ଗଠନ ହେବ। ଆମର ଛାତ୍ରଛାତ୍ରୀମାନେ ସେମାନଙ୍କର ଚିନ୍ତାଧାରା, କଳ୍ପନା ଏବଂ ନବସୃଜନ ସହିତ ଭାରତ ତଥା



ବିଶ୍ୱ ପାଇଁ ଇତିହାସ ଲେଖିବେ ।

ଏହି ଅବସରରେ ଶ୍ରୀ ପ୍ରଧାନ ମଥୁରା ରୋଡ୍ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ସେ ଛାତ୍ରଛାତ୍ରୀଙ୍କ ଉତ୍ସାହ ଓ ପାଠପଢ଼ାର ମନୋଭାବକୁ ପ୍ରଶଂସା କରିଥିଲେ । ସେହିପରି ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର – ୨ର ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସେମାନଙ୍କ ମଧ୍ୟରେ ଥିବା ନବସୃଜନର ଚିନ୍ତାଧାରାକୁ ପ୍ରଶଂସା କରିଥିଲେ । ଏହି ଯୁବ ଉଦ୍ଭାବକମାନଙ୍କୁ ଶୁଭେଚ୍ଛା ଜଣାଇ ଶିକ୍ଷା ମନ୍ତ୍ରୀ କହିଥିଲେ, ଛାତ୍ରଛାତ୍ରୀମାନଙ୍କର କୌତୁହଳ, ସୃଜନଶୀଳତା ଏବଂ ଉଦ୍ଭାବନ ଭାରତକୁ ଆଗକୁ ନେବ । ବିକଶିତ ଭାରତ ବିଲ୍ଡାଥନ୍ ୨୦୨୫ ମାଧ୍ୟମରେ ଶିକ୍ଷା ମନ୍ତ୍ରଣାଳୟ ଦେଶର ଯୁବବର୍ଗଙ୍କୁ ଜାତୀୟ ବିକାଶର ଏକ ସକ୍ରିୟ ଅଂଶୀଦାର ହେବା ପାଇଁ ପ୍ରେରଣା ଦେବାର ଲକ୍ଷ୍ୟ ରଖିଛି ।

ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀଙ୍କ କରକମଳରେ ଲୋକାର୍ପିତ ହୋଇଥିବା ‘ବିକଶିତ ଭାରତ ବିଲ୍ଡାଥନ୍ - ୨୦୨୫’ ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ ଦ୍ୱାରା ଅଟଳ ଇନୋଭେସନ ମିଶନ, ନୀତି ଆୟୋଗ ଏବଂ ଏଆଇସିଟିଇ ସହଯୋଗରେ ଆୟୋଜନ କରାଯାଉଛି । ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂତନ ଚିନ୍ତାଧାରା ଏବଂ ଉତ୍ପାଦ ବିକାଶ କରିବାର କ୍ଷମତାକୁ ବଢ଼ାଇବା । ଏଥିରେ ଛାତ୍ରଛାତ୍ରୀମାନେ ’ଭୋକାଲ୍ ଫର୍ ଲୋକାଲ’, ’ଆତ୍ମନିର୍ଭର ଭାରତ’, ’ସ୍ୱଦେଶୀ’, ଏବଂ ’ସମୃଦ୍ଧି’ ପରି ଚାରୋଟି ବିଷୟବସ୍ତୁ ଉପରେ କାମ କରିବେ । ଏହି କାର୍ଯ୍ୟକ୍ରମ ଦେଶରେ ନୂଆ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବ ଏବଂ ଯୁବପିଢ଼ିଙ୍କୁ ଏକ ଉନ୍ନତ, ବିକଶିତ, ଓ ଆତ୍ମନିର୍ଭର ଭାରତ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବା ପାଇଁ ପ୍ରସ୍ତୁତ କରିବ । ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନେ ବିକଶିତ ଭାରତ ବିଲ୍ଡାଥନ୍ ପୋର୍ଟାଲ୍ (https://vbb.mic.gov.in/) ରେ ପଞ୍ଜିକରଣ କରିଥିଲେ । ଏହାର ଶେଷ ପର୍ଯ୍ୟାୟ ୨୦୨୬ ଜାନୁଆରୀରେ ଆୟୋଜନ ହୋଇ ଫଳାଫଳ ଘୋଷଣା ହେବ ଏବଂ ଶ୍ରେଷ୍ଠ ୧୦୦୦ରୁ ଅଧିକ ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି ।

# ରୋଗୀ କଲ୍ୟାଣ ସମିତିର ବୈଠକ, ରୋଗୀ ସେବା ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ବହୁ ଅବହେଳାକୁ ଉଦବେଗ ପ୍ରକାଶ କଲେ: ସୂର୍ଯ୍ୟବଂଶୀ

**ଧାମନଗର(ମାନିସ):** ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏନ୍.ଏଚ.ଏମ ଆନୁକୂଲ୍ୟରେ ରୋଗୀ କଲ୍ୟାଣ ସମିତିର ବୈଠକ ଏବଂ କାୟାକଳ୍ପ ପୁରସ୍କାର ବିତରଣ ଉତ୍ସବ ସୋମବାର ପୂର୍ବାହ୍ନରେ ୧୧.୩୦ ରେ ଡାକ୍ତରଖାନା ପରିସରରେ ଥିବା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଡାକ୍ତରଖାନା ଅଧିକ୍ଷକ ଡ଼ା ମନମୟ ସାମନ୍ତ ସିଂହାର ସଞ୍ଚାଳନ କରିଥିବା ବେଳେ ମୁଖ୍ୟ ଅତିଥି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇଥିଲେ। ଧାମନଗର ଅଞ୍ଚଳରେ ସ୍ୱାସ୍ଥ୍ୟସେବା, ରୋଗ ନିରାକରଣ, ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ସଂପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ସରକାରୀ ସ୍ତରରେ ଏକ ଡାକ୍ତରଖାନା ପାଇଁ କୋଠା ଘର ପୂର୍ବରୁ ଅନୁମୋଦିତ ରହିଥିଲା, ଯାହାକି ପ୍ରସସ୍ତ ସ୍ଥାନ ଅଭାବରୁ ନିର୍ମାଣ କାର୍ଯ୍ୟ




ହୋଇପାରୁନାହିଁ । ଏହାକୁ ମନ୍ତ୍ରୀ ଗୁରୁତ୍ୱ ଦେବା ସହ ଏକ ୩ ଜଣିଆ କମିଟି ଗଠନ କରାଯାଇ ସ୍ଥାନ ନିରୂପଣ କରି ୩ ଦିନ ଭିତରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମେଡିକାଲ ରେ ରୋଗୀସେବା ସମୟରେ ବାରମ୍ବାର ବିଦ୍ୟୁତ ସେବା ବାଧାପ୍ରାପ୍ତ ହେଉଥିବା ନେଇ ମନ୍ତ୍ରୀ ଉଦବେଗ ପ୍ରକାଶ କରିବା ସହ ମେଡିକାଲ କର୍ତ୍ତୃପକ୍ଷଙ୍କ ବିରକ୍ତି ମନୋଭାବ ପ୍ରକାଶ କରିଥିଲେ। ଏଥିପ୍ରତି ସଚେତନ ହେବା ସହ ମେଡିକାଲ ପରିସରରେ ଉଚ୍ଚ କ୍ଷମତା ସମ୍ପନ୍ନ ଇଲେକ୍ଟ୍ରି ଟ୍ରାନସଫରମର ଏବଂ ଡିଜି ସେଟ୍ ସ୍ଥାପନ,ରାତ୍ର ଜଗୁଆଳି,ସେକ୍ୟୁରିଟୀ କ୍ୟାମେରା, ପାର୍କିଂ ବ୍ୟବସ୍ଥା,ପ୍ରତ୍ୟେକ ଦିନ ଆନୁମାନିକ ୫ ଶହରୁ ଉର୍ଦ୍ଧ ରୋଗୀ ଆସୁଥିବାରୁ ସେମାନଙ୍କ ପାଇଁ ଗୋଟେ ବଦଳରେ ଦୁଇଟି ଟିକେଟ କାଉଣ୍ଟର ଖୋଲିବା ଯଥା ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ସେହିଭଳି ମେଡିକାଲ ପରିସରରେ ତମାଖୁ, ପାନ, ଗୁଟଖା ସେବନ ଆଦି ପରିସରକୁ ନିଶିଦ୍ଧ ଅଞ୍ଚଳ ଘୋଷଣା କରିବା ସହ ମେଡ଼ିକାଲ କର୍ତ୍ତୃପକ୍ଷ ମଧ ଏଥିପ୍ରତି ସଚେତନ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଡାକ୍ତରଖାନାରେ ବିଗତ ୨୦ ବର୍ଷ ହେଲା ରୋଗୀ ସେବା ପାଇଁ ଏକ ଏକ୍ସ ରେ ମେସିନ ଥିବା ବେଳେ ଏବେ କିଛି ମାସ ହେବା ତାହା ଅଚଳ ଅବସ୍ଥାରେ ଥିବା ଶୁଣି ମନ୍ତ୍ରୀ କ୍ଷୁବ୍ଧ ହୋଇଥିଲେ। ତେଣୁ ତୁରନ୍ତ ଆନୁମାନିକ ୨୦ ଲକ୍ଷ୍ୟ ଟଙ୍କାର ଏକ ନୂତନ ଡିଜିଟାଲ ଏକ୍ସ ରେ ମେସିନ ତୁରନ୍ତ କିଣିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଡାକ୍ତରଖାନାରୁ ବାହାରୁଥିବା ବର୍ଜ୍ୟବସ୍ତୁ ପରିଚାଳନା ସହ ରୋଗୀମାନଙ୍କୁ ସଚ୍ଛନ୍ଦରେ ସେବା ଯୋଗାଇଦେବାକୁ ଗୁରୁତ୍ୱାରୋପ କରାଯାଇଛି । ରୋଗୀଙ୍କୁ ଅତ୍ୟାବଶ୍ୟକ ଔଷଧ ଯୋଗାଇଦେବା ଲାଗି ପଦକ୍ଷେପ ନେବାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା । ଏହି ଅବସରରେ କାୟାକଳ୍ପ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ପରିମଳ ବ୍ୟବସ୍ଥାରେ ସକ୍ରିୟ କର୍ମଚାରୀଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍.ଏ.ସି ଅଧ୍ୟକ୍ଷା ନିବେଦିତା ଜେନା, ବିଡିଓ ବନବିହାରୀ ଦୀଣ୍ଡା, ମନ୍ତ୍ରୀଙ୍କ ପ୍ରତିନିଧି କୈଳାଶ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ସରୋଜ କୁମାର ମହାପାତ୍ର, ବିଦ୍ୟୁତ ବିଭାଗର ଏସ ଡି ଓ ଶିବ ପ୍ରସାଦ ସାହୁ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ଜଗନ୍ନାଥ ଦାସ, ଆର.କେ.ଏସ ସଭ୍ୟ ବିଜୟ ରାମ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବହୁ ଉପସ୍ଥିତ ଥିଲେ । ସେହିପରି ମନ୍ତ୍ରୀଙ୍କ ଦ୍ୱାରା ପି.ଏମ.ଶ୍ରୀ ଧାମନଗର ଉଚ୍ଚ ବିଦ୍ୟାଳୟ ପରିସରରେ ଭାଷା ପରୀକ୍ଷାଗାର ନିର୍ମାଣ ନେଇ ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ।

# ୮ ଜଣ ମାଓବାଦୀ ଗିରଫ

**ମାଲକାନଗିରି:** ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ସର୍ଚ୍ଚ ଅପରେସନ ବେଳେ ସିଆରପିଏଫ ଯବାନ ୮ ଜଣ ନକ୍ସଲଙ୍କୁ ଗିରଫ କରିଛନ୍ତି। ଯବାନମାନଙ୍କୁ ଦେଖି ଏହି ମାଓବାଦୀ ଦଳ ଖସିଯିବାକୁ ଉଦ୍ୟମ କରିଥିଲେ। ସେମାନେ ଦୌଡ଼ି ପଳାୟନ କରୁଥିବା ବେଳେ ଯବାନମାନେ ଦୌଡ଼ିଦୌଡ଼ି ଧରିଥିଲେ। ଗିରଫ ମାଓବାଦୀମାନେ ହେଲେ ୨ ଲକ୍ଷ ପୁରସ୍କାର ଘୋଷିତ ସିଏନ୍‌ଏମ୍ ସଦସ୍ୟ କୋସା ସୋଡ଼ି(୨୮), ୫୦ ହଜାର ପୁରସ୍କାର ଘୋଷିତ ସିଏନ୍‌ଏମ୍ ସଦସ୍ୟ ଜୟ ସିଂ ମାଣ୍ଡବୀ(୨୫), ୫୦ ହଜାର ଘୋଷିତ ମାଡକମ ନନ୍ଦା(୨୮), ମିଲିସିଆ ସୋଡ଼ି ହିଡମା(୨୨), ମୁଚାକୀ ବୁଦ୍ଧୁରା(୩୩), ମାଡବୀ ରାଜୁ(୨୩), ମାଡ଼ବୀ ହିଡମା(୨୪) ଏବଂ ଦେବା ମାଡବି(୨୯)। ଏମାନଙ୍କ ଠାରୁ ଯବାନ ଟିଫିନ ବୋମା, ବିସ୍ଫୋରକ, ଜିଲୋଟିନ, ବିଦ୍ୟୁତ ତାର ସମେତ ପ୍ରଚାର ପ୍ରସାର କାଗଜ ପତ୍ର ଇତ୍ୟାଦି ଜବତ କରାଯାଇଛି। ତୁରନ୍ତ ଯବାନ ଏହି ୮ ଜଣ ନକ୍ସଲଙ୍କୁ ପୁଲିସର ଜିମା ଦେଇଥିଲେ।

# ୫୦ ହଜାରରେ ଶିଶୁପୁତ୍ରକୁ ବିକିଦେଲା ମାଆ

**କୋଇଡ଼ା:** ଜନ୍ମ ଦେବା ପରେ ନିଜ ଶିଶୁ ପୁତ୍ରକୁ ବିକ୍ରି କରିଦେଲା ମା। ଏପରି ଅଭିଯୋଗ ଆସିଛି ସୁନ୍ଦରଗଡ଼ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ କୋଇଡା ବ୍ଲକରୁ। କୋଇଡା ବ୍ଲକର ପାଟମୁଣ୍ଡା ହାଟିଙ୍ଗର ଜଣେ ମହିଳା ପିଲା ଜନ୍ମ ଦେବାର ଦିନେ ଦୁଇଦିନ ପରେ ଶିଶୁପୁତ୍ରକୁ ବିକ୍ରି କରି ଦେଇଥିବା କହିଛନ୍ତି ଆଶା ଦିଦି। ପିଲା ବିକ୍ରି ପାଇଁ ୫୦ ହଜାର ଡିଲ୍ ହୋଇଥିବା ବେଳେ ୨୫ ହଜାର ଅର୍ଥାତ୍ ଅଧା ଟଙ୍କା ମିଳିଥିବା କୁହାଯାଉଛି। ଅନ୍ୟପଟେ ମାଆ ଗୃହର ରେଜିଷ୍ଟର ତଥ୍ୟ ଲାଗିଛି ଓଟିଭି ହାତରେ। ପିଲା ବିକ୍ରି ପରେ ସମ୍ପୃକ୍ତ ମାଆ କେଉଁ ଆଡେ ଚାଲି ଯାଇଥିବା ବେଳେ ତାଙ୍କର ଫୋନ୍ ଅଫ୍ ରହିଛି। ଶିଶୁପୁତ୍ରକୁ କେଉଁ କାରଣ ପାଇଁ ଜନ୍ମକଲା ମାଆ ବିକ୍ରି କରିଦେଲା ତାହା ଅସ୍ପଷ୍ଟ ରହିଛି । ଅନ୍ୟପଟେ ତାଙ୍କର ପୂର୍ବରୁ ଥିବା ସନ୍ତାନ ମାନେ ଏବେ ପାଟମୁଣ୍ଡା ସ୍ଥିତ ଘରେ ଥିବା ବେଳେ ମାଆ ଘରକୁ ନ ଫେରିବା ଅନେକ ପ୍ରଶ୍ନ ଠିଆ କରିଛି। ଏନେଇ ପ୍ରତିକ୍ରିୟା ପାଇଁ ସଂପୃକ୍ତ ମାଆଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ସୁଦ୍ଧା ତାଙ୍କର ପତ୍ତା ମିଳୁନି ।

# ବିଜେପି ଉପସଭାପତିଙ୍କ ଚୌଦ୍ୱାର ଜେଲ୍ ପରିଦର୍ଶନ



**ଟାଙ୍ଗୀ(ମାନିସ):** କଟକ ଦଶହରା ଭସାଣି ଗଣ୍ଡଗୋଳ ଘଟଣା ପରେ ରାଲିରେ ଆସି ଗଣ୍ଡଗୋଳ କରି ଗିରଫ ହୋଇ ଚୌଦ୍ୱାର ଜେଲରେ ଥିବା ଯୁବକ ମାନଙ୍କୁ ଭେଟିଛନ୍ତି ବିଜେପି ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ର । ଏଥି ସହିତ ତାଙ୍କ ସାଥିରେ କଟକ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଓ ବିଜେପିର ଏକ ଟିମ୍ ଜେଲକୁ ଆସି ଯୁବକ ମାନଙ୍କୁ ଭେଟିଛନ୍ତି । ଭସାଣି ଗଣ୍ଡଗୋଳ ଘଟଣାରେ ପୋଲିସ ୨୨ ଜଣଙ୍କୁ ଗିରଫ କରିବା ପରେ ତାଙ୍କୁ ଚୌଦ୍ୱାର ଜେଲରେ ରଖାଯାଇଛି । ସେମାନେ କେମିତି ଅଛନ୍ତି ଓ ସେମାନଙ୍କ ଜାମିନ ପାଇଁ କିଭଳି ବ୍ୟବସ୍ଥା କରାଯାଉଛି ତାକୁ ନେଇ ସେମାନେ ଆଲୋଚନା କରିଛନ୍ତି । କଟକ ଏବେ ଶାନ୍ତ ପଡିଥିବା ବେଳେ ଆଗକୁ କାଳୀ ପୂଜା ଆସୁଥିବାରୁ ଏନେଇ ସମସ୍ତେ ଚିନ୍ତିତ ଅଛନ୍ତି । ମାତ୍ର ଏହି ଯୁବକ ମାନେ ଦେଶ ଭକ୍ତି କରନ୍ତି ଏହି ଘଟଣାରେ ତାଙ୍କର କିଛି ଭୁଲ ନାହିଁ । ସେମାନେ ଜେଲରେ ରହିବା ପରେ ତାଙ୍କ ପରିବାର ଲୋକେ ମଧ ଚିନ୍ତାରେ ଅଛନ୍ତି । ଏମାନଙ୍କୁ ଭେଟିବା ଦ୍ୱାରା ସେମାନଙ୍କ ମନବଳ ବୃଦ୍ଧି ପାଇବା ସହିତ ସେମାନଙ୍କୁ ଖୁବ୍ ଶୀଘ୍ର ଜେଲରୁ ବାହାର କରାଯିବା ବିଜେପି ମହିଳା ମୋର୍ଚ୍ଚା ନେତ୍ରୀ କହିଛନ୍ତି ।

# ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ଓ ଲୋକାର୍ପଣ କଲେ ଉଚ୍ଚ ଶିକ୍ଷା ମନ୍ତ୍ରୀ

**ଧାମନଗର(ମାନିସ):** ଉଚ୍ଚ ଶିକ୍ଷା କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋମବାର ତାଙ୍କ ବିଧାନସଭା କ୍ଷେତ୍ର ଧାମନଗରରେ ଏକାଧିକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିଛନ୍ତି। ବରିଷ୍ଠ ନେତା ତଥା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ କୁମାର ପୁହାଣଙ୍କ ପୌ ?ରହିତ୍ୟରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପଧାନି ଠାରେ ଏକ ଲାଇବ୍ରେରୀ ଗୃହ, ମୁକ୍ତେଶ୍ୱର ହାଇସ୍କୁଲ ଗୃହ, ରାମରାକୂଳ ହନୁମାନ ମନ୍ଦିର ପାଇଁ ଶିଳାନ୍ୟାସ କରିଥିଲେ ।ଏଥି ସହ ପଧାନି ଉପ ସ୍ୱାସ୍ଥ୍ୟ କେନ୍ଦ୍ର ନୂତନ ଗୃହ ଉଦଘାଟନ କରିଥିଲେ। ସେହିପରି ସୋହଡା ପଞ୍ଚାୟତର ବେଦପୁର ଠାରେ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ ଏବଂ ବେଦପୁର ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଗୃହ ଉଦଘାଟନ



କରିଥିଲେ। ଦେହୁଡି ଆନନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଉଡେଇପୁର ଠାରେ ଶ୍ରୀଜଗନ୍ନାଥ ମଠରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୂରଜ ଧାମନଗର ଅଞ୍ଚଳର ସବୁ କ୍ଷେତ୍ରରେ ବିକାଶକୁ ପ୍ରାଥମିକତା ଦିଆଯାଉଛି ବୋଲି ମତଦେଇ ସବୁ ବର୍ଗର ଜନସାଧାରଣ ଉନ୍ନୟନ କାର୍ଯ୍ୟରେ ସହଭାଗିତା ରଖିବା ଆବଶ୍ୟକ ବୋଲି କହିଥିଲେ ।ଧାମନଗର ବିଡ଼ିଓ ବନ ବିହାରୀ ଦିହା, ସାଂସଦ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ମହାପାତ୍ର, ବରିଷ୍ଠ ବିଜେପି ନେତା ଚତୃଭୂଜ ନାୟକ, ବୈକୁଣ୍ଠ ନାଥ ସାହୁ, ଅଜୟ ବଳ, ଶ୍ରୀକାନ୍ତ ନାୟକ, ପ୍ରମୋଦ ସୂତାର, ରାଜେନ୍ଦ୍ର ସାହୁ, ଅରବିନ୍ଦ ପତି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମନ୍ତ୍ରୀଙ୍କୁ ବିଭିନ୍ନ ପଂଚାୟତରେ ଶତାଧିକ ପୁରୁଷ ଓ ମହିଳା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ

**ବାଲେଶ୍ୱର(ମାନିସ):** ଭୋଗରାଇ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୭୦ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୫୨ ଗୋଟି ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୧୪ ଗୋଟି ସାମୁହିକ ଏବଂ ୪ ଗୋଟି ରେଡକ୍ରସ ସହାୟତା ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ



ଏବଂ ୧୧ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଡ. ମଧୁସ୍ମିତା ସାମନ୍ତରାୟ, ଉପ ଜିଲ୍ଲାପାଳ ବାଲେଶ୍ୱର ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ପ୍ରଭାତ କୁମାର ବେହେରାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# ବାପା ଓ ମାଆଙ୍କ କଥାକୁ ମନେ ପକାଇ ଦୁଃଖ କରନ୍ତି ଅଶୋକ

**ଟାଙ୍ଗୀ(ମାନିସ):** ଟାଙ୍ଗୀ ବ୍ଲକ ଅନ୍ତର୍ଗତ ମାଳିକା ବର୍ଣ୍ଣିତ ଗ୍ରାମରେ ଜନ୍ମ ଗ୍ରହଣ କରିଥଲେ ସ୍ୱର୍ଗତ ଗୌରାଙ୍ଗ ତ୍ରିପାଠୀ । ସେ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ ବି ଗାଁ ର ସବୁବର୍ଗ ର ଲୋକଙ୍କୁ ବହୁତ ଭଲ ପାଉଥିଲେ। ନିଜେ ସରକାରୀ ଚାକିରି କରି ଗ୍ରାମର ସମୟସାମୟିକ ଯୁବକଙ୍କୁ ଚାକିରି କରାଇଦେଇଥିଲେ। କିନ୍ତୁ ବଡ ଦୁଃଖର କଥା ତାଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ମା ଛଅ ଜଣ ପିଲାଙ୍କୁ ନେଇ ସମସ୍ତଙ୍କୁ ପାଠ ପଢ଼ାଇ ମଣିଷ କରିବାରେ କେବେ ହାରିଯାଇ ନ ଥିଲେ। ବଡ ପୁଅ ଅଶୋକ ତ୍ରିପାଠୀ ବାପାଙ୍କ ସ୍ମୃତିକୁ ମନେରଖି ଜୀବନର ଚଲା ପଥରେ ପରକୁ ସାହାଯ୍ୟ କରିବା ଆଜି ବି ଭୁଲି ନାହାଁନ୍ତି।

# ଧୁଷୁରୀ ୟୁକୋ ବ୍ୟାଙ୍କ ଚୋରି ଉଦ୍ୟମ ବିଫଳ

**ଧାମନଗର(ମାନିସ):** ଧାମନଗର ବ୍ଲକ ଧୁଷୁରୀ ବଜାରରେ ଥିବା ୟୁକୋ ବ୍ୟାଙ୍କରେ ରବିବାର ରାତିରେ କେହି ଦୃବୃତ୍ତ ବ୍ୟାଙ୍କର ପଛପଟ ଝରକା ରଡ଼ ତାଡି ଚୋରି ଉଦେଶ୍ୟରେ ବ୍ୟାଙ୍କ ଭିତରକୁ ପଶିଥିଲା। ଆଜି ସକାଳେ ବ୍ୟାଙ୍କ ଖୋଲାଯିବା ପରେ ଜାଣିବାକୁ ପାଇଥିଲେ ଝରକା ଭଙ୍ଗା ଯାଇଛି ସେଥିପାଇଁ କେହି କର୍ମଚାରୀ କିମ୍ବା ଗ୍ରାହକ ବ୍ୟାଙ୍କ ଭିତରକୁ ଯାଇ ନଥିଲେ। ଧୁଷୁରୀ ଥାନାରେ ଅଭିଯୋଗ ପରେ ଧାମନଗର ଏସ.ଡି.ପି.ଓ, ବ୍ୟାଙ୍କ୍ କର୍ମଚାରୀ ଓ ଧୁସୁରୀ ପୋଲିସ ପହଞ୍ଚି ସାଇଣ୍ଟିଫିକ ଦଳ ସହ ସନ୍ଧାନୀ କୁକୁର ମାଧ୍ୟମରେ ତଦନ୍ତ ହୋଇଥିଲା। ଶେଷରେ ବ୍ୟାଙ୍କରୁ କୌଣସି ଜିନିଷ ପତ୍ର କିମ୍ବା ଟଙ୍କା ଇତ୍ୟାଦି ଚୋରି ହୋଇ ନଥିବା ଜଣାପଡିଛି । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ଶୀଘ୍ର ଅଭିଯୁକ୍ତଙ୍କୁ ଚିହ୍ନଟ ଓ ଗିରପ କରିବା ପାଇଁ ଉଦ୍ୟମ ଜାରି ରଖିଛି। ତେବେ ଧୁସୁରୀ ଥାନା ଠାରୁ ମାତ୍ର ଦୁଇ ଶହ ମିଟର ବ୍ୟାଙ୍କ ହୋଇ ଥିବା ବେଳେ ଦୃର୍ବୃତ୍ତ ମାନେ ଚୋରି ଉଦ୍ୟମ କଲେ କିପରି ତାହା ଏବେ ଧୁସୁରୀ ଅଞ୍ଚଳର ଜନସାଧାରଣ ମାନଙ୍କ ମଧ୍ୟରେ ପ୍ରଶ୍ନ ସୃଷ୍ଟି ହୋଇଛି । ଦୁର୍ବୃତ ମାନଙ୍କ ଦ୍ୱାରା ଚୋରି ଉଦ୍ୟମ ବିଫଳ ହୋଇ ଥିବା ବେଳେ ବ୍ୟାଙ୍କରେ ଘଟିଥିବା ଅଭାବନୀୟ ଘଟଣା ପାଇଁ ସୋମବାର ବ୍ୟାଙ୍କ୍ ସମ୍ପୂର୍ଣ୍ଣ ବନ୍ଦ୍ ରଖାଯାଇ ଥିଲା ।

No.: O-930

**‘e’ PROCUREMENT NOTICE NO.07/ 2025-26**

| | | | |
|---|---|---|---|
| 1 | Name of work. | : | Road Works |
| 2. | Total No. of Work. | : | 61(Sixty one) works. |
| 3. | Estimated Cost. | : | Rs.5.05 to 25.22 lakhs. |
| 4. | Period of Completion. | : | 01(One) Calendar Month. |
| 5. | Class of contractors. | : | 'C' & 'D' Class only. |

**Other details as follows:**

a) Procurement officer. : Superintending Engineer, Rural Works Division,Cuttack.
b) Availability of tender online for bidding :From dt.15.10.2025 at 11.00 A.M. to dt.30.10.2025 up to 5.00 P.M.
c) Last date & time of seeking of tender clarification. : dt.29.10.2025 up to 5.00 P.M..
d) Date & Time of Opening Technical Bid : dt.31.10.2025 at 11.00 A.M.
Further details can be seen from the Govt. website www.tendersorissa.gov.in

Sd/-
Superintending Engineer
Rural Works Division
Cuttack

.OIPR- 25053/11/0043/2526

MBA/25-26/0401

# ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଦ୍ୱାରା ଗୃହପାଳିତ ପଶୁ ଦୁର୍ଘଟଣା ଏଡାଇବା ପାଇଁ ସଚେତନତା ଅଭିଯାନ ଜୋରଦାର

**ଖୋର୍ଦ୍ଧା ରୋଡ:** ପୂର୍ବତଟ ରେଳୱେର ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପକ୍ଷରୁ ରେଳ ଧାରଣା ନିକଟବର୍ତ୍ତୀ ଗାଁଗୁଡିକରେ ଗାଇ ଓ ଅନ୍ୟ ପଶୁ ରେଳ ମାର୍ଗରେ ଚଳପ୍ରଚଳ ଫଳରେ ଘଟୁଥିବା ଦୁର୍ଘଟଣା ଏଡାଇବା ପାଇଁ ସଚେତନତା ଅଭିଯାନ ଜୋରଦାର କରାଯାଇଛି । ଏହିପରି ଘଟଣା ରେଳ ଚଳାଚଳ ସମୟାନୁବର୍ତ୍ତିତା ରେ ବିଳମ୍ବ, ଯାତ୍ରୀଙ୍କ ଅସୁବିଧା ଏବଂ ରେଳ ନିରାପତ୍ତା କ୍ଷେତ୍ରରେ ବିପଦ ସୃଷ୍ଟି କରୁଛି । ଗତ ପାଞ୍ଚ ବର୍ଷରେ ମୋଟ ୫୦୧ଟି ଗୃହପାଳିତ ପଶୁ ଦୁର୍ଘଟଣା ର ଘଟଣା ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳରେ ଘଟିଅଛି । ଏହି ଘଟଣାଗୁଡିକରେ ଶେଷ କିଛି ବର୍ଷରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ଦେଖାଯାଇଛି ।

୨୦୨୫ (ସେପ୍ଟେମ୍ବର ପର୍ଯ୍ୟନ୍ତ) – ୨୫୨ ଘଟଣା ଘଟିଥିବା ବେଳେ ଗତ ୨୦୨୪ ରେ ୮୨ ଘଟଣା, ୨୦୨୩ ରେ ୬୭ ଘଟଣା, ୨୦୨୨ ରେ ୭୨ ଘଟଣା ଏବଂ ୨୦୨୧ ରେ ୨୮ ଘଟଣା ପରିଲକ୍ଷିତ କରାଯାଇଅଛି । ପ୍ରତ୍ୟକ୍ଷ ଭାବେ ଏବଂ ଗଣମାଧ୍ୟମ ଜରିଆରେ ସଚେତନତା ଅଭିଯାନ, ଗାଁ ସଭା ଓ ଘୋଷଣା ମାଧ୍ୟମରେ ରେଳମଣ୍ଡଳ ପକ୍ଷରୁ ଜନସଚେତନତା ସୃଷ୍ଟି କରାଯାଇଥିଲେ ସୁଦ୍ଧା କେତେକ ସ୍ଥାନରେ ଗ୍ରାମବାସୀ ମାନେ ସମ୍ବେଦନ ପ୍ରତି ଭ୍ରୁକ୍ଷେପ ନକରି ରେଳ ଧାରଣା ନିକଟରେ ପଶୁ ଚରାଇବା ଜାରି ରଖୁଛନ୍ତି । ଏହା ଫଳରେ ରେଳ ଚଳାଚଳ ବିଳମ୍ବ ହେବା ସହ ଲୋକୋମୋଟିଭର କ୍ଷତିଗ୍ରସ୍ତ ହେଉଛି ଓ ଯାତ୍ରୀଙ୍କ ଅସୁବିଧା ସୃଷ୍ଟି ହେଉଛି ।

ଏହି ସମସ୍ୟା ଏଡାଇବା ପାଇଁ ରେଳମଣ୍ଡଳ ପକ୍ଷରୁ ରେଳ ଧାରଣା ସମୀପ ସଂବେଦନଶୀଳ ସ୍ଥାନଗୁଡିକରେ ବାଡ଼ଦେବା (ଲରଭମସଭଶ) କାମ, ସ୍ଥାନୀୟ ପଞ୍ଚାୟତ ଓ ଗ୍ରାମ ସମିତି ସହ ମିଶି ସଚେତନତା ଶିବିର ଆୟୋଜନ କରାଯାଉଅଛି।

ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପୁଣି ଥରେ ଗ୍ରାମବାସୀ ଓ ସ୍ଥାନୀୟ ନିବାସୀଙ୍କୁ ଅନୁରୋଧ କରୁଛି ଯେ, ରେଳ ଧାରଣା ନିକଟରେ ଗୃହପାଳିତ ପଶୁ ଚରାଇବେ ନାହିଁ ଓ ଗାଇଗୋରୁ, ଛେଳି ମେଣ୍ଢା, ମଇଁଷି ଇତ୍ୟାଦିକୁ ଖୋଲା ଛାଡ଼ନ୍ତୁ ନାହିଁ । ଏହା ରେଳ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ । ଜନସାଧାରଣଙ୍କ ସହଯୋଗ ବିନା ସୁରକ୍ଷିତ ଓ ସମୟୋଚିତ ରେଳ ଚଳାଚଳ ସମ୍ଭବ ନୁହେଁ । ଯାତ୍ରୀ ଓ ପଶୁ ଉଭୟଙ୍କ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ। ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ସମସ୍ତଙ୍କୁ ପୁନର୍ବାର ଅନୁରୋଧ କରୁଛି ଯେ, ରେଳ ପଥ ଅଞ୍ଚଳକୁ ସୁରକ୍ଷିତ ଓ ବାଧାମୁକ୍ତ ରଖନ୍ତୁ।

# ବିଜୟଠାରୁ ୫୮ ରନ୍ ଦୂରରେ ଟିମ୍ ଇଣ୍ଡିଆ







| ଭାରତ ପ୍ରଥମ ଇନିଂସ: ୫୧୮/୫ (୧୩୪.୨ ଓଭର) | | | | |
|---|---|---|---|---|
| ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୨୪୮/୧୦ (୮୧.୪ ଓଭର) | | | | |
| ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ: ୩୯୦/୧୦ (୧୧୮.୫ ଓଭର) | | | | |
| ଭାରତ ଦ୍ୱିତୀୟ ଇନିଂସ: ୬୩/୧ (୧୮ ଓଭର) | | | | |
| ଯଶସ୍ୱୀ ଜୟସ୍ୱାଲ | କ୍ୟା ଫିଲିପ୍ ବୋ ୱାରିକାନ | | ୦୮ | ୦୭ |
| କେଏଲ୍ ରାହୁଲ | ଅପରାଜିତ | | ୨୫ | ୫୪ |
| ସାଇ ସୁଦର୍ଶନ | ଅପରାଜିତ | | ୩୦ | ୪୭ |
| ବୋଲିଂ | ଓଭର | ମେଡେନ୍ | ରନ୍ | ୱିକେଟ୍ |
| ଜେଡେନ ସିଲ୍ସ | ୩ | ୦ | ୧୪ | ୦ |
| ଜୋମେଲ ୱାରିକାନ | ୭ | ୧ | ୧୫ | ୧ |
| ଖାରି ପିରେ | ୬ | ୦ | ୨୪ | ୦ |
| ରୋଷ୍ଟନ ଚେସ | ୨ | ୦ | ୧୦ | ୦ |

## ■ କୁଳଦୀପ ଓ ବୁମରାଙ୍କୁ ୩ଟି ଲେଖାଏଁ ୱିକେଟ୍

## ■ କ୍ୟାମ୍ପବେଲ୍ ଓ ହୋପ୍ଙ୍କ ଶତକ, ଇନିଂସ ପରାଜୟ ଏଡ଼ାଇଲା ୱେଷ୍ଟଇଣ୍ଡିଜ୍

**ନୂଆଦିଲ୍ଲୀ, ୧୩।୧୦:** ଶେଷ ଦିନକୁ ଯାଇଛି ଭାରତ-ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଟେଷ୍ଟ। ଶେଷ ଦିନରେ ଭାରତକୁ ବିଜୟ ପାଇଁ ଦରକାର ମାତ୍ର ୫୮ ରନ। ଦଳ ପାଖରେ ଏବେ ବି ୯ ୱିକେଟ ବାକି ରହିଛି। ତେଣୁ ଭାରତ ମ୍ୟାଚ୍ ସହ ସିରିଜକୁ ୨-୦ରେ କ୍ଲିନ ସୁଇପ କରିବା ଏକଦମ ପକ୍କା।

କିନ୍ତୁ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଟେଷ୍ଟରେ ଭାରତକୁ କଡ଼ା ଟକ୍କର ଦେଇଛି। ଦଳ ଫଲୋଅନ ଖାଇବା ପରେ ମଧ ଇନିଂସ ପରାଜୟକୁ ଏଡ଼ାଇ ଦେଇଛି। ଭାରତକୁ ନିଜ ମାଟିରେ ୱେଷ୍ଟଇଣ୍ଡିଜ ୨୦୦ ଓଭର ବୋଲିଂ କରିବାକୁ ବାଧ କରାଇଛି। ଦଳର ଦୁଇ ଜଣ ବ୍ୟାଟର ସାଇ ହୋପ ଓ ଜନ କ୍ୟାମ୍ପବେଲ ଶତକ ମଧ ମାରିଛନ୍ତି। ଦୁଇ ଶତକଧାରୀଙ୍କ ପାଇଁ ଇଣ୍ଡିଜ ଟିମ ଇନିଂସ ପରାଜୟକୁ ଏଡ଼ାଇ ପାରିଛି। ହେଲେ ଭାରତ ଠାରୁ ମ୍ୟାଚ୍ ଛଡ଼ାଇ ନେବାକୁ ସକ୍ଷମ ହୋଇନାହିଁ। ଅବଶ୍ୟ ମ୍ୟାଚକୁ ଦଳ ୫ମ ଦିନକୁ ଟାଣିବାକୁ ସକ୍ଷମ ହୋଇଛି।

ପ୍ରଥମ ଇନିଂସରେ ୱେଷ୍ଟଇଣ୍ଡିଜ ମାତ୍ର ୨୪୮ ରନ କରିଥିଲା। ଭାରତର ପ୍ରଥମ ଇନିଂସ ସ୍କୋର ୫୧୮ ଠାରୁ ଦଳ ୨୭୦ ରନ ପଛରେ ରହିଥିଲା। ତେଣୁ ଶୁବମନ ଗିଲ ଫଲୋଅନ ଡାକିଥିଲେ। ଅର୍ଥାତ ଇଣ୍ଡିଜକୁ ପୁଣି ବ୍ୟାଟିଂ କରିବାକୁ ପଡ଼ିଥିଲା। ଲାଗୁଥିଲା ୪ ଦିନ ଭିତରେ ଟେଷ୍ଟ ମ୍ୟାଚ୍ ଶେଷ ହୋଇଯିବ। କିନ୍ତୁ ୱେଷ୍ଟଇଣ୍ଡିଜ ଟିମ କଡ଼ା ଟକ୍କର ଦେବା ସହ ମ୍ୟାଚ୍କୁ ୫ମ ଦିନକୁ ନେଇ ଯାଇଛି। ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜ ୩୯୦ ରନ କରିବାରୁ ଭାରତକୁ ମ୍ୟାଚ୍ ଜିତିବା ପାଇଁ ୧୨୧ ରନର ଟାର୍ଗେଟ ମିଳିଛି।

୪ର୍ଥ ଦିନରେ ଭାରତ ତା'ର ଦ୍ୱିତୀୟ ଇନିଂସରେ ୧୮ ଓଭର ବ୍ୟାଟିଂ କରି ଗୋଟିଏ ୱିକେଟ ହରାଇ ୬୩ ରନ କରି ନେଇଛି। ଦଳ ବିଜୟ ଠାରୁ ୫୮ ରନ ଦୂରରେ ରହିଛି। ଆଜି ଷ୍ଟମ୍ପ ଅପସାରଣ ବେଳକୁ କେଏଲ ରାହୁଲ ୨୫ ଓ ସାଇ ସୁଦର୍ଶନ ୩୦ ରନ କରି ଅପରାଜିତ ରହିଛନ୍ତି। ପ୍ରଥମ ଇନିଂସରେ ୧୭୫ ରନ କରିଥିବା ଯଶସ୍ୱୀ ଜୈସ୍ୱାଲ ୮ ରନ କରି ଆଜି ଏକମାତ୍ର ବ୍ୟାଟର ଭାବେ ଆଉଟ ହୋଇଛନ୍ତି। ତାଙ୍କ ୱିକେଟ ୱାରିକାନଙ୍କ ଖାତାକୁ ଯାଇଛି।

ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଫଲୋଅନ ଖାଇଥିବା ୱେଷ୍ଟଇଣ୍ଡିଜ ୨ ୱିକେଟ ହରାଇ ୧୭୩ ରନ୍ ସଂଗ୍ରହ କରି ନେଇଥିଲା। ତଥାପି ଦଳ ଭାରତଠାରୁ ୯୭ ରନ୍ ପଛରେ ରହିଥିଲା। ପ୍ରଥମ ଇନିଂସରେ ଇଣ୍ଡିଜ ଟିମ ୨୪୮ ରନ୍‌ରେ ଅଲ୍ ?ଆଉଟ୍ ହୋଇଥିବାରୁ ଭାରତକୁ ୨୭୦ ରନ୍‌ର ଅଗ୍ରଣୀ ମିଳିଥିଲା।

ଫଲୋଅନ ଖାଇବା ପରେ ପ୍ରଥମ ଇନିଂସର ଭୁଲ୍‌କୁ ପୁଣି ଦୋହରାଇ ଥିଲା ଇଣ୍ଡିଜ। ଆରମ୍ଭରୁ ଦଳ ଚନ୍ଦ୍ରପଲ(୧୭) ଓ ଅଲିକ ଅଥାଞ୍ଜେ(୧୦)ଙ୍କୁ ହରାଇଥିଲା। ୩୫ ରନରେ ଦୁଇ ୱିକେଟ ହରାଇ ଇନିଂସ ପରାଜୟ ଅଭିମୁଖେ ଯାଇଥିଲା ଦଳ। ହେଲେ କ୍ୟାମ୍ପବେଲ ଓ ଅଭିଜ୍ଞ ସାଇ ହୋପ ଦମଦାର ବ୍ୟାଟିଂ କରି ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଆଉ କୌଣସି କ୍ଷତିରେ ଦଳୀୟ ସ୍କୋରକୁ ୧୭୩ରେ ପହଞ୍ଚାଇ ଦେଇଥିଲେ।

ଆଜି ୪ର୍ଥ ଦିନରେ ଏହି ସ୍କୋରକୁ ଉଭୟ ଆଗକୁ ନେଇଥିଲେ। କ୍ୟାମ୍ପବେଲ ତାଙ୍କ ଟେଷ୍ଟ କ୍ୟାରିୟରର ପ୍ରଥମ ଶତକ ମଧ ହାସଲ କରିଥିଲେ। ତେବେ ଦଳୀୟ ସ୍କୋର ୨୧୨ ଥିବା ବେଳେ ରବୀନ୍ଦ୍ର ଜାଡେଜାଙ୍କ ବଲରେ ୧୧୫ ରନ ଆଉଟ ହୋଇଥିଲେ କ୍ୟାମ୍ପବେଲ। ସେ ଏହି ଇନିଂସରେ ୧୨ଟି ଚୌକା ଓ ୩ଟି ଛକା ମାରିଛନ୍ତି।

କ୍ୟାମ୍ପବେଲ ଆଉଟ ହୋଇଥିଲେ ହେଁ ସାଇ ହୋପ ହାର ମାନି ନଥିଲେ। ସେ ଅଧିନାୟକ ରୋଷ୍ଟନ ଚେଜଙ୍କୁ ସାଥୀ କରି ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ। ନିଜର ଶତକ ହାସଲ କରିବା ସହ ପ୍ରଥମେ ଇଣ୍ଡିଜକୁ ଇଂନିସ ପରାଜୟ ଲଜ୍ଜାରୁ ରକ୍ଷା କରିଥିଲେ। ଇଣ୍ଡିଜ ଦ୍ୱିତୀୟ ଇନିଂସରେ ପ୍ରଥମେ ଭାରତର ୨୭୦ ରନ ସୁଝିଥିଲା। କିନ୍ତୁ ଦଳୀୟ ସ୍କୋର ୨୭୧ ଅର୍ଥାତ ଇଣ୍ଡିଜର ଲିଡ ମାତ୍ର ୧ ରନ ଥିବା ବେଳେ ମହମ୍ମଦ ସିରାଜଙ୍କ ବଲରେ କ୍ଲିନବୋଲ୍ଡ ହୋଇଯାଇଥିଲେ ହୋପ। ୨୧୪ ବଲରେ ୧୦୩ ରନର ଇନିଂସ ଖେଳିଥିବା ହୋପ ୧୨ଟି ଚୌକା ଓ ୨ଟି ଛକା ମାରିଛନ୍ତି।

ହୋପଙ୍କ ପରେ ଇଣ୍ଡିଜ ନିୟମିତ ୱିକେଟ ହରାଇବା ଆରମ୍ଭ କରିଥିଲା। କୁଳଦୀପ ଯାଦବ ଓ ଯଶପ୍ରୀତ ବୁମ୍ରା ଆଉ ବେଶୀ ବିପର୍ଯ୍ୟୟ ଘଟାଇବାକୁ ଇଣ୍ଡିଜ ଟିମକୁ କୌଣସି ସୁଯୋଗ ଦେଇ ନଥିଲେ। ଚେଜ(୪୦), ତେଭିନ ଇମଲାଚ(୧୨) ଓ ଖାରୟ ପେର(୦)ଙ୍କ ୱିକେଟ କୁଳଦୀପଙ୍କ ଖାତାକୁ ଯାଇଥିଲା।

## ଆମ୍ଲାଙ୍କ ଶ୍ରେଷ୍ଠ ଟେଷ୍ଟ ଏକାଦଶ



**ନୂଆଦିଲ୍ଲୀ, ୧୩।୧୦:** ପୂର୍ବତନ ଦକ୍ଷିଣ ଆଫ୍ରିକା କ୍ରିକେଟର ହାସିମ ଆମଲା ଟେଷ୍ଟ କ୍ରିକେଟରେ ତାଙ୍କର ସର୍ବକାଳୀନ ଶ୍ରେଷ୍ଠ ଖେଳାଳି ୧୧ ଚୟନ କରିଛନ୍ତି। ସେ ଭାରତର ସବୁଠାରୁ ସଫଳ ଟେଷ୍ଟ ଅଧିନାୟକ ବିରାଟ କୋହଲିଙ୍କୁ ତାଙ୍କର ସର୍ବୋତ୍ତମ ଖେଳାଳି ୧୧ ମଧ୍ୟରୁ ବାଦ୍ ଦେଇଛନ୍ତି। କେବଳ ବିରାଟ ନୁହେଁ, ସେ ସମସ୍ତ ଚାରି ଫ୍ୟାବ-୪ ବ୍ୟାଟ୍ସମ୍ୟାନ: ଷ୍ଟିଭ ସ୍ମିଥ, ଜୋ ରୁଟ ଏବଂ କେନ ୱିଲିୟମ୍ସନଙ୍କୁ ମଧ୍ୟ ଅଣଦେଖା କରିଛନ୍ତି। ଆମଲା ଓପନର୍ ଭାବରେ ଗ୍ରାଏମ ସ୍ମିଥ ଏବଂ ମାଥ୍ୟୁ ହେଡେନ୍‌ଙ୍କୁ ଚୟନ କରିଛନ୍ତି।

ହାସିମ ଆମଲା ଟେଷ୍ଟରେ ସର୍ବୋତ୍ତମ ଖେଳାଳି ୧୧ ଚୟନ କରିଛନ୍ତି । ହାସିମ ଆମଲା ତାଙ୍କ ସର୍ବୋତ୍ତମ ଖେଳାଳି ୧୧ରେ ମାଥ୍ୟୁ ହେଡେନ ଏବଂ ଗ୍ରାଏମ ସ୍ମିଥ୍‌ଙ୍କୁ ଓପନର୍ ଭାବରେ ସାମିଲ କରିଛନ୍ତି। ସ୍ମିଥ ଦକ୍ଷିଣ ଆଫ୍ରିକାର ସବୁଠାରୁ ସଫଳ ଟେଷ୍ଟ ବ୍ୟାଟ୍ସମ୍ୟାନ ଏବଂ ଏହାର ସବୁଠାରୁ ସଫଳ ଟେଷ୍ଟ ଅଧିନାୟକମାନଙ୍କ ମଧ୍ୟରୁ ଜଣେ। ଆମଲା "ଦି ୱାଲ" ଭାବରେ ଜଣାଶୁଣା ରାହୁଲ ଦ୍ରାବିଡଙ୍କୁ ଏବଂ ଚତୁର୍ଥ ସ୍ଥାନରେ ରିକି ପଣ୍ଟିଂଙ୍କୁ ନମ୍ବର ୩ ସ୍ଥାନ ଦେଇଛନ୍ତି। ପଣ୍ଟିଂ ଏବଂ ଦ୍ରାବିଡ ସେମାନଙ୍କ ଟେଷ୍ଟ କ୍ୟାରିୟରରେ ଯଥାକ୍ରମେ ୧୩,୩୭୮ ଏବଂ ୧୩,୨୮୮ ରନ କରିଛନ୍ତି। ଆମଲା ଟେଷ୍ଟରେ ୧୩,୨୮୯ ରନ ଏବଂ ୨୯୨ ଉଇକେଟ୍ ନେଇଥିବା ଜ୍ୟାକ କାଲିସଙ୍କୁ ପଞ୍ଚମ ସ୍ଥାନରେ ରଖିଛନ୍ତି। ଶ୍ରେଷ୍ଠ ଟେଷ୍ଟ ବ୍ୟାଟସମ୍ୟାନଙ୍କ ମଧ୍ୟରୁ ଜଣେ ବ୍ରାଏନ ଲାରା ମଧ ଦଳରେ ନାହାନ୍ତି, କିନ୍ତୁ ହାସିମ ଆମଲା ଟେଷ୍ଟରେ ସର୍ବାଧିକ ରନ ସ୍କୋରର ସଚିନ ତେନ୍ଦୁଲକରଙ୍କୁ

### ଲାରା, ବିରାଟ, ରୁଟ୍, ସ୍ମିଥ୍, ୱିଲିୟମସନଙ୍କୁ ମିଳିଲାନି ସ୍ଥାନ

ସାମିଲ କରିଛନ୍ତି। ସଚିନ ତାଙ୍କ ଟେଷ୍ଟ କ୍ୟାରିୟରରେ ୧୫,୯୨୧ ରନ ଏବଂ ୫୧ ଶତକ ହାସଲ କରିଛନ୍ତି।

ଏବି ଡିଭିଲିୟର୍ସ ହାସିମ ଆମଲାଙ୍କ ଶ୍ରେଷ୍ଠ ଟେଷ୍ଟ ପ୍ଲେଇଂ ଇଲେଭେନରେ ଉଇକେଟ୍‌କିପର ହେବେ। ମୁଥିଆ ମୁରଲୀଧରନ ଏବଂ ସେନ ୱାର୍ଣ୍ଣ ସ୍ପିନ ବୋଲିଂ ଦାୟିତ୍ୱ ତୁଲାଇବେ। ସେ ଦ୍ରୁତ ବୋଲରଙ୍କ ତାଲିକାରେ ଡେଲ ଷ୍ଟେନ ଏବଂ ଗ୍ଲେନ ମ୍ୟାକଗ୍ରାଙ୍କୁ ସାମିଲ କରିଛନ୍ତି। ମୁରଲୀଧରନ ଟେଷ୍ଟରେ ୮୦୦ ଉଇକେଟ୍ ନେଇଥିଲେ, ଯାହା ଏପର୍ଯ୍ୟନ୍ତ ସର୍ବାଧିକ। ଅନ୍ୟପକ୍ଷରେ ୱାର୍ନ ୭୦୮ ଉଇକେଟ୍‌ନେଇଥିଲେ।

# ହଂକଂଠୁ କ୍ୱାର୍ଟର୍‌ରେ ହାରିଲା ଭାରତ

### ପୁରୁଷଙ୍କ ପଦକ ଆଶା ମଉଳିଲା ■ ପଞ୍ଚମରୁ ଅଷ୍ଟମ ସ୍ଥାନ ଲାଗି ଖେଳିବ



**ଭୁବନେଶ୍ୱର, ୧୩।୧୦:** ଚଳିତ ଏସୀୟ ଟେବୁଲ୍ ଟେନିସ୍ (ଟିଟି) ଦଳଗତ ପ୍ରତିଯୋଗିତାରେ ଗତ ସଂସ୍କରଣର କାଂସ୍ୟ ବିଜେତା ତଥା ବିଶ୍ୱର ୪ ନମ୍ବର ଭାରତୀୟ ପୁରୁଷ ଦଳର ପଦକ ଆଶା ମଉଳି ଯାଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଦୌଡ଼କୁଦ କେନ୍ଦ୍ରଠାରେ ଚାଲିଥିବା ଏହି ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ୍‌ରେ ଭାରତ ରବିବାର ନିଜଠୁ କମ୍ ମାନ୍ୟାପ୍ରାପ୍ତ ହଂକଂ (ଷଷ୍ଠ)ଠୁ ହାରିଯାଇଛି। ସିଧାସଳଖ କ୍ୱାର୍ଟରଫାଇନାଲ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ ଦଳ ୦-୩ରେ ଏହି ମ୍ୟାଚ୍ ହାତଛଡ଼ା କରିଛି। ରବିବାର ପ୍ରଥମ ମ୍ୟାଚ୍‌ରେ ମନୁଷ ଶାହ ୫-୧୧, ୯-୧୧, ୧୧-୧୩ (୦-୩)ରେ ୱଙ୍ଗ ଚୁନ୍ ଟିଙ୍ଗଙ୍କଠୁ ହାରିଯିବାରୁ ଭାରତ ଆରମ୍ଭରୁ ପଛରେ ପଡ଼ିଥିଲା। ତେବେ ଭାରତର ଏକ ନମ୍ବର ଖେଳାଳି ମାନବ ଠକ୍କରଙ୍କ ଉପରେ ସମସ୍ତଙ୍କ ନଜର ରହିଥିଲା। ଚାନ୍ ବାଲ୍‌ଡ୍ୱିନ୍‌ଙ୍କ ବିପକ୍ଷ ମ୍ୟାଚ୍‌ରେ ମାନବ ପ୍ରଥମ ଦୁଇ ଗେମ୍ ୮-୧୧, ୮-୧୧ରେ ପଛରେ ପଡ଼ି ଯାଇଥିଲେ। ହେଲେ ପରବର୍ତ୍ତୀ ଦୁଇ ଗେମ୍ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୧୨-୧୦, ୧୧-୯ରେ ଜିତି ନେଇଥିଲେ। ତେବେ ଶେଷ ଗେମ୍ ୮-୧୧ରେ ହାରିଯିବାରୁ ଭାରତ ୦-୨ରେ ପଛରେ ରହିଥିଲା। ତୃତୀୟ ମ୍ୟାଚ୍‌ରେ ଲାମ୍ ସିଉ ହାଙ୍ଗଙ୍କ ବିପକ୍ଷରେ ଅଙ୍କୁର ଭଟ୍ଟାଚାର୍ଯ୍ୟ କଡ଼ା ସଂଘର୍ଷ କରିଥିଲେ ମଧ ୧୧-୭, ୯-୧୧, ୧୪-୧୨, ୬-୧୧, ୭-୧୧ରେ ହାରି ଯିବାରୁ ଭାରତର ପଦକ ଆଶା ମଉଳି ଯାଇଥିଲା। କ୍ୱାର୍ଟରରେ ହାରିବା ପରେ ଭାରତ ଏବେ ପଞ୍ଚମରୁ ଅଷ୍ଟମସ୍ଥାନ ଲାଗି ଖେଳିବ। ଅନ୍ୟଏକ କ୍ୱାର୍ଟରଫାଇନାଲ୍‌ରେ ଜାପାନ ୩-୧ରେ ଜାପାନକୁ ହରାଇ ସେମିଫାଇନାଲ୍‌ରେ ପହଞ୍ଚିଛି।

# ଧର୍ମଶାଳା ପ୍ରିମିୟର ଲିଗ ଉଦଯାପିତ

**ଧର୍ମଶାଳା, ୧୩।୧୦:** ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚୋରମୁହାଁ ଗ୍ରାମର ମଜାର ପଡିଆରେ ଚାଲିଥିବା ଧର୍ମଶାଳା ପ୍ରିମିୟର ଲିଗ ଆଜି ଉଦଯାପିତ ହୋଇଯାଇଛି। ଧର୍ମଶାଳା ଇଲେଭେନ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଂଟରେ ୧୬ ଗୋଟି ଦଳ ଭାଗ ନେଇଥିବା ବେଳେ ଆଜି ଫାଇନାଲ ମ୍ୟାଚରେ କେସିସି ସୁଙ୍ଗୁଡା ଓ ଚୋରମୁହାଁ ୟୁଥ କ୍ଲବ ପରସ୍ପରକୁ ଭେଟିଥିଲେ। ଚୋରମୁହାଁ ୟୁଥ କ୍ଲବ ଟସ ଜିତି ଫିଲଡିଂଗ କରିବାକୁ ନିଷ୍ପତି ନେଇଥିଲା । କେସିସି ସୁଙ୍ଗୁଡା ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ବିକୁ ସର୍ବାଧିକ ୫୬ ରନ ସଂଗ୍ରହ କରିଥିଲେ । ବୋଲିଂରେ ବିପକ୍ଷ ଚୋରମୁହାଁ ଟିମର ବିଜୟ ଦାସ ୩ଟି କୁବେଲ ୨ ଟି ଉଇକେଟ ଅକ୍ତିଆର କରିଥିଲେ । ଏହାର ଜବାବରେ ଚୋରମୁହାଁ ୟୁଥ କ୍ଲବ ବ୍ୟାଟିଂ କରି ୧୧ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ଦଳ ପକ୍ଷରୁ ବିପିନ ନାୟକ ସର୍ବାଧିକ ୪୪ ରନ ଓ ଶେଖର ଦାସ ୩୬ ରନ ସଂଗ୍ରହ କରିଥିଲେ। ଆଜିର ମ୍ୟାଚକୁ ଦୀପକ ମହାନ୍ତି ଓ ପ୍ରଦୀପ ଜେନା ପରିଚାଳନା କରିଥିଲେ।

### ୟୁଥ କ୍ଲବ ଚମ୍ପିଆନ

## ଜାତୀୟ ଉପ କନିଷ୍ଠ ଟେନିସବଲ୍ କ୍ରିକେଟ ପାଇଁ ଭଦ୍ରକରୁ ୩ ଖେଳାଳି

**ଭଦ୍ରକ, ୧୩।୧୦:** ରାଜସ୍ଥାନର ଦଉସା ରେ ଆରମ୍ଭ ହେବାକୁ ଯାଉଥିବା ଜାତୀୟ ଉପ କନିଷ୍ଠ (୧୭ ବର୍ଷରୁ କମ୍) ଟେନିସବଲ କ୍ରିକେଟପ୍ରତିଯୋଗିତା ଟି ୧୪ ଅକ୍ଟୋବର ରୁ ଆରମ୍ଭ ହୋଇ ୧୯ ଅକ୍ଟୋବର, ୨୦୨୫ ରେ ସମାପ୍ତ ହେବ । ଏହି ପ୍ରତିଯୋଗିତା ନିମନ୍ତେ ଓଡିଶା ତାର ୧୬ ଜଣ ବାଳକ ଖେଳାଳୀ ଙ୍କ ନାମ ଘୋଷଣା କରିଛି , ବାଳକ ଦଳରେ ଭଦ୍ରକ ଜିଲ୍ଲାରୁ ୩ ଜଣ ପ୍ରମୁଖ ସ୍ଥାନ ପାଇଛନ୍ତି । ସେମାନେ ହେଲେ ରୁଦ୍ର ଚନ୍ଦନ ଦାସ୍, ଅରୋଶିଷ୍ ବେହେରା ଓ ସାଇ ଶ୍ରବଣ କୁମାର ଧଳ । ଶ୍ରବଣ ଓ ରୁଦ୍ର ଏସବିଡ଼ି ଇଂଟରନେସନାଲ୍ ସ୍କୁଲ ରେ ଅଷ୍ଟମ ଶ୍ରେଣୀ ରେ ଅଧ୍ୟୟନ କରୁଥିବା ବେଳେ ଅରୋ ଡିଏଭି ସ୍କୁଲରେ ନବମ ଶ୍ରେଣୀ ରେ ଅଧ୍ୟୟନ କରୁଛନ୍ତି ଏହି ସଫଳତା ନିମନ୍ତେ ଭଦ୍ରକ ଜିଲ୍ଲା ଟେନିସ ବଲ କ୍ରିକେଟ ସଂଘର ସଂପାଦକ ମନୋଜ କୁମାର ସାହୁ, ସଭାପତି ଦେବବ୍ରତ ଜେନା, କାର୍ଯ୍ୟକାରୀ ସଭାପତି ତନ୍ମୟ ମହାନ୍ତି, ଉପ ସଭାପତି ଗୌରହରି ମଣ୍ଡଳ ମନୋଜ ଦାସ, ପବିତ୍ର ମୋହନ ଖିଲାର, ସହିଦ୍ ଖାନ୍, ସହ ସଂପାଦକ ପ୍ରହଲ୍ଲାଦ ପଣ୍ଡା କୋଷାଧକ୍ଷ ସ୍ୱୟଂଭୁ ପ୍ରସାଦ ଦାଶ, ମୁଖ୍ୟ ଉପଦେଷ୍ଟା ତପନ କୁମାର ମିଶ୍ର ଓ କ୍ରିକେଟ କୋଚ୍ ଅସିତ୍ ଦାସ୍ ଶୁଭେଚ୍ଛା ଜଣାଇବା ସହିତ ସେ କିପରି ଜାତୀୟ ସ୍ତରରେ ଭଲ ଖେଳ ପ୍ରଦର୍ଶନ କରନ୍ତୁ ତାଙ୍କର ଶୁଭକାମନା ମନାସିଛନ୍ତି।

### ୨୦୨୬ ଫିଫା ୱାର୍ଲ୍ଡକପ୍

# ପଞ୍ଚମ ଆଫ୍ରିକୀୟ ଦେଶ ଭାବେ ଘାନାର ଯୋଗ୍ୟତା ଅର୍ଜନ



**ଆକ୍ରା, ୧୩।୧୦:** ଘାନା ପଞ୍ଚମ ଆଫ୍ରିକୀୟ ଦେଶ ଭାବେ ୨୦୨୬ ବିଶ୍ୱକପ୍ ଯୋଗ୍ୟତା ହାସଲ କରିଛି। ଘାନା ହେଉଛି ୨୦୧୦ କ୍ୱାର୍ଟରଫାଇନାଲିଷ୍ଟ। ଆସନ୍ତା ବର୍ଷ ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଓ ମେକ୍ସିକୋରେ

### କମୋରସକୁ ୧-୦ରେ ପରାସ୍ତ କଲା

ହେବାକୁଥିବା ଟୁର୍ନାମେଣ୍ଟ ଲାଗି ପୂର୍ବରୁ ଯୋଗ୍ୟତା ହାସଲ କରିଥିବା ଅନ୍ୟ ଅଫ୍ରିକୀୟ ଦେଶଗୁଡ଼ିକ ହେଲେ ଆଲଜେରିଆ, ଇଜିପ୍ଟ, ମରକ୍କୋ ଓ ଟ୍ୟୁନିସିଆ।

ଯୋଗ୍ୟତା ହାସଲ କରିବା ଲାଗି ଘାନା କମୋରସ ବିପକ୍ଷ ଏହାର ଶେଷ ଗ୍ରୁପ୍-୧ ମ୍ୟାଚରେ ଗୋଟିଏ ପଏଣ୍ଟ ଆବଶ୍ୟକ କରୁଥିଲା। ଦଳ ଆକ୍ରା ସ୍ପୋର୍ଟସ ଷ୍ଟାଡିୟମରେ ଏହି ମ୍ୟାଚ ୧-୦ ଗୋଲ୍‌ରେ ବିଜୟ ଲାଭ କରିଥିଲା। ଫଳରେ ଦଳ ପଛକୁ ପଛ କ୍ରମାଗତ ଦୁଇଥର ବିଶ୍ୱକପ୍ ଯୋଗ୍ୟତା ହାସଲ କରିପାରଛି।

ମାତ୍ର ମାଲିଠାରେ ଦ୍ୱିତୀୟ ସ୍ଥାନରେ ଥିବା ମାଡାଗାସ୍କର ମାଡାଗାସ୍କାର ପରବର୍ତ୍ତୀ ସମୟରେ ମାଲିଠାରୁ ୪-୧ରେ ହାରିଯାଇଥିଲା। ଟୋଟେନହାମ୍ ଫରୱାର୍ଡ ମହମ୍ମଦ କୁଡୁସ ୪୭ତମ ମିନିଟରେ ନିର୍ଣ୍ଣାୟକ ଗୋଲ୍‌ରେ ଘାନା ଯୋଗ୍ୟତା ଅର୍ଜନ କରିଥିଲା। ମ୍ୟାଚରେ ପରାଜିତ ହୋଇଥିଲେ ମଧ ମାଡାଗାସ୍କଦ୍ୱିତୀୟ ସ୍ଥାନରେ ରହିଛି।

# ୬୯ତମ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ଭଦ୍ରକରେ ଉଦଘାଟିତ

**ଭଦ୍ରକ, ୧୩।୧୦:** ୨୦୨୫-୨୬ ବର୍ଷ ପାଇଁ ୧୪ ରୁ ୧୭ ବର୍ଷରୁ କମ୍ ବର୍ଗର ବାଳକ-ବାଳିକା ବିଭାଗ ସକାଶେ ରାଜ୍ୟସ୍ତରୀୟ କ୍ରୀଡା ଚରମ୍ପାର ହନୁମାନ ଜୀଉ ଉଚ୍ଚ ବିଦ୍ୟାଳୟସ୍ଥିତ ପଥରକାଳୀ ରେଳବାଇ ଖେଳ ପଡିଆ ଠାରେ ୬୯ତମ ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ଉଦଘାଟିତ ହୋଇଛି। "କ୍ରୀଡା ହିଁ ଚରିତ୍ର ଗଠନର ମୂଳ" ଏହି ମୂଳ ଲକ୍ଷ ସହ ଆୟୋଜିତ ଏହି ପ୍ରତିଯୋଗିତା ୧୪ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ। ଏହି ରାଜ୍ୟସ୍ତରୀୟ କ୍ରୀଡା ମହୋତ୍ସବରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୬୮୯ ଜଣ ବାଳକ ଓ ୪୦୬ ଜଣ ବାଳିକା ମୋଟ ୧୦୯୫ ପ୍ରତିଯୋଗୀ ସେହିପରି କ୍ରୀଡା ପରିଚାଳକ ବ୍ୟବସ୍ଥା ଓ ସୁରକ୍ଷା ଦାୟିତ୍ୱରେ ୨୫୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦଇ କାର୍ଯ୍ୟକ୍ରମ ପରିଚାଳନାରେ କରୁଛନ୍ତି। ଆଜିର ଏହି ଉଦଘାଟନୀ ଅବସରରେ ମୁଖ୍ୟ ଅତିଥି ଭାବରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ କ୍ରୀଡା ପତାକା ଉତ୍ତୋଳନ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ବରେଣ୍ୟ ଅତିଥି ଭାବରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ସେହିପରି ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା ବିଦ୍ୟାଳୟ କ୍ରୀଡା ସଂଗଠନର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଯେନା, ଓ ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡା ଉପସ୍ଥିତ ହୋଇଥିଲେ।

## ସୁବର୍ଣ୍ଣେଶ୍ୱର ଆନ୍ତଃରାଜ୍ୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଭଦ୍ରକ, ୧୩।୧୦:** ଭଦ୍ରକ ଜିଲ୍ଲା ବି.ଟି.ପୁର ପଚାଂୟତସ୍ଥ ରାଉତରାପୁର ମିନି ଷ୍ଟାଡିୟମ୍ ଠାରେ ୩ ଦିନ ଧରି ହେବାକୁ ଥିବା ୨୪ ତମ ଆର୍ନ୍ତରାଜ୍ୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଂଟରେ ଭଦ୍ରକ, କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର ଆଦି ଜିଲ୍ଲାରୁ ଅଗ୍ରଣୀ ୨୪ ଗୋଟି ଦଳ ଭାଗ ନେଇଥିଲେ।



ଉଦ୍‌ଘାଟନୀ ମ୍ୟାଚ୍ ଆଦିବାସୀ ଫୁଟବଲ୍ କ୍ଲବ୍ ସହ ଟମକିଆ ଫୁଟବଲ୍ କ୍ଲବ୍ କେନ୍ଦୁଝର ସହ ହୋଇଥିଲା । ଏଥିରେ ଆଦିବାସୀ କ୍ଲବ୍ ବିଜୟଲାଭ କରିଥିଲା। ମ୍ୟାଚ୍ ରେଫେରୀ ଭାବେ କେଦାର କାଲୁଣ୍ଡିଆ, କଲୟା ସାଉଁଆ, ମଙ୍ଗଲ୍ ସିଂ, କେଶବ ସୋରେନ୍ ଥିବା ବେଳେ ସ୍କୋରରେ ବିଜୟ ଦାସ ଓ ପ୍ରଦୀପ ଦାସ କାର୍ଯ୍ୟ ତୁଲାଇଥିଲେ। ମନୋଜ ସାହୁ, ଖଗେଶ୍ୱର ମହାନ୍ତି ଭାଷ୍ୟକାର ଥିଲେ। ଆୟୋଜିତ ପୁରସ୍କାର ବିତରଣୀ ସଭାକୁ କ୍ଲବ ଉପଦେଷ୍ଟା ସମାଜସେବୀ ଅଶୋକ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଏଥିରେ ଅତିଥିଭାବେ ଧାମନଗର ଉପଖଣ୍ଡ ଅଧିକାରୀ ତ୍ରିଲୋଚନ ସେଠୀ, ଶିଳ୍ପଦ୍ୟୋଗୀ ଅଶୋକ ରାଉତ, ଆଗରପଡା ଥାନାଧିକାରୀ ଦେବରାଜ ଜେନା, ପୂର୍ବତନ ସରପଚଂ ସତ୍ୟସାଧନ ବେଜ୍ ପ୍ରମୁଖ ଯୋଗଦେଇ କହିଲେ, କ୍ରମଶଃ ଯୁବପିଢି କ୍ରିକେଟ ମାନିଆ ହେଉଥିବା ବେଳେ ସୁବର୍ଣ୍ଣେଶ୍ୱର କ୍ଲବ୍ ଭଦ୍ରକ, କେନ୍ଦୁଝର ଉପାନ୍ତବର୍ତୀ ଅଚଂଳରେ ଦୀର୍ଘ ୨୪ ବର୍ଷ ଧରି ଫୁଟବଲ୍ ଟୁର୍ଣ୍ଣାମେଂଟ ସଫଳତାର ସହ ଆୟୋଜନ କରିବା ଓ ସମ୍ପୃକ୍ତ ଅଚଂଳର କ୍ରିଡା ପ୍ରେମୀ ମାନଙ୍କ ମଧ୍ୟରେ ଉତ୍ସାହ ଭରିବା ସ୍ୱାଗତ ଯୋଗ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ କ୍ଲବ ସଭାପତି ସଂଗ୍ରାମ ଦାସ, ସମ୍ପାଦକ ବିପିନ୍ ଖଟୁଆ, କ୍ରିଡ଼ା ସମ୍ପାଦକ ସନ୍ତୋଷ ପରିଡ଼ା, ଶୁଭ୍ରଜିତ୍ ପଣ୍ଡା, ପପୁ ମହାନ୍ତି, ସିଦ୍ଧେଶ୍ୱର ଦାଶ, ସନ୍ତୋଷ ବାରିକ, ଶ୍ରୀକାନ୍ତ ନାୟକ, ମଟ୍ଟୁ ଧଳ ପ୍ରମୁଖ ପରିଚ୍ଛଳନାରେ ସହଯୋଗ କରିଥିଲେ।

# ଦ୍ୱିତୀୟ ପରାଜୟ ପରେ ଭାରତର ସେମିଫାଇନାଲ୍ ଅଡୁଆ ବଢ଼ିଲା



### ମହିଳା ବିଶ୍ୱକପ୍

ନୂଆଦିଲ୍ଲୀ, ୧୩।୧୦: ମହିଳା ଦିନିକିଆ ବିଶ୍ୱକପରେ ଭାରତକୁ ଲଗାତାର ଝଟକା ଲାଗିଛି । ପ୍ରଥମ ଦୁଇ ମ୍ୟାଚ ଜିତିବା ପରେ ବ୍ୟାକ୍ ଟୁ ବ୍ୟାକ୍ ଦୁଇ ମ୍ୟାଚ ହାରିଛି ଟିମ୍ ହର୍ମନପ୍ରୀତ । ରବିବାର ବିଶ୍ୱକପରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲା ଭାରତ । ମ୍ୟାଚରେ ଆନାବେଲ ସୁଦରଲାଣ୍ଡଙ୍କ ଘାତକ ବୋଲିଂ ସାଙ୍ଗକୁ ଅଧିନାୟିକା ଆଲିସା ହିଲିଙ୍କ ଦ୍ରୁତ ଶତକ ବଳରେ କଙ୍ଗାରୁ ଦଳ ଭାରତକୁ ୩ ୱିକେଟରେ ହରାଇଛି । ସ୍ମୃତି ମାନ୍ଧାନାଙ୍କ ୮୦ ରନ୍ ବୃଥା ଯାଇଛି । ଅଷ୍ଟ୍ରେଲିଆଠୁ ହାରିବା ପରେ ଭାରତର କଣ ହେବ ? ସେମିଫାଇନାଲରେ କିପରି ପହଞ୍ଚିବ ? କଣ କହୁଛି ସମୀକରଣ ଜାଣିବାକୁ ପଢନ୍ତୁ ପୁରା ଖବର ।

ଭାରତ ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷରେ ଦମଦାର ବିଜୟ ହାସଲ କରିଥିଲା । ଏହାପରେ ଲାଗାତାର ଦୁଇଟି ମ୍ୟାଚ ହାରିଛି ହର୍ମନପ୍ରୀତ ବ୍ରିଗେଡ । ଏହା ପୂର୍ବ ମ୍ୟାଚ ଦକ୍ଷିଣ ଆଫ୍ରିକାଠୁ ହାରିଥିଲା । ଏବେ ଦଳର ସେମିଫାଇନାଲରେ ପହଞ୍ଚିବା କଷ୍ଟକର ହେବା ଆକଳନ କରାଯାଉଛି । ଭାରତକୁ ଆହୁରି ୩ଟି ମ୍ୟାଚ ଖେଳିବାର ଅଛି ଯାହା ବେଶ୍ ଗୁରୁତ୍ୱପୂର୍ଣ୍ଣ । ୪ ପଏଣ୍ଟ ସହ ଭାରତ ଟେବୁଲର ଚତୁର୍ଥ ସ୍ଥାନରେ ରହିଛି । ୭ ପଏଣ୍ଟ ସହ ଅଷ୍ଟ୍ରେଲିଆ ଶୀର୍ଷ ସ୍ଥାନରେ ରହିଛି । ଇଂଲଣ୍ଡ ୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି । ସାଉଥ ଆଫ୍ରିକା ୪ ଓ ନ୍ୟୁଜିଲାଣ୍ଡ ୨ ପଏଣ୍ଟ ସହ ପଞ୍ଚମ ସ୍ଥାନରେ ରହିଛନ୍ତି । ଭାରତ ଆଉ ୩ଟି ମ୍ୟାଚ ଖେଳିବ । ଅକ୍ଟୋବର ୧୯ରେ ଇଂଲଣ୍ଡ, ୨୩ରେ ନ୍ୟୁଜିଲାଣ୍ଡ ଓ ୨୬ରେ ବାଂଲାଦେଶ ବିପକ୍ଷରେ ମୈଦାନକୁ ଓହ୍ଲାଇବ । ୩ଟି ମ୍ୟାଚକୁ ବଡ ସ୍କୋର ବ୍ୟବଧାନରେ ଜିତିବାକୁ ହେବ । ଯଦି ବଳକା ୩ ମ୍ୟାଚ ଭାରତ ଜିତୁଛି ତେବେ ୧୦ ପଏଣ୍ଟ ହାସଲ କରିବ । ତେବେ ଯାଇ ସେମିଫାଇନାଲରେ ଏଣ୍ଟ୍ରୀ କରିବା ସହଜ ହେବ ।

ଯଦି ଭାରତ ଇଂଲଣ୍ଡ ଏବଂ ନ୍ୟୁଜିଲାଣ୍ଡକୁ ପରାସ୍ତ କରେ, ତେବେ ସେମିଫାଇନାଲରେ ସ୍ଥାନ ପକ୍କା କରିବାର ସମସ୍ତ ସମ୍ଭାବନା ରହିଛି । ଯଦି ଭାରତ ଇଂଲଣ୍ଡଠାରୁ ହାରିଯାଏ, ତଥାପି ନକଆଉଟ୍‌ରେ ନ୍ୟୁଜିଲାଣ୍ଡ ଏବଂ ବାଂଲାଦେଶ ଉଭୟକୁ ପରାସ୍ତ କରିବାକୁ ପଡିବ । ଯେହେତୁ ପ୍ରତ୍ୟେକ ଦଳ ଗ୍ରୁପ ପର୍ଯ୍ୟାୟରେ ୭ଟି ମ୍ୟାଚ୍ ଖେଳିବେ, ତେଣୁ ସେମିଫାଇନାଲ ସ୍ଥାନ ପାଇଁ ୮ ପଏଣ୍ଟର କଟ-ଅଫ୍ ବିଚାର କରାଯିବ । ଯଦି ଭାରତ ନ୍ୟୁଜିଲାଣ୍ଡଠାରୁ ହାରିଯାଏ ଏବଂ ଇଂଲଣ୍ଡ ଏବଂ ବାଂଲାଦେଶ ବିପକ୍ଷରେ ବିଜୟୀ ହୁଏ, ତେବେ ନ୍ୟୁଜିଲାଣ୍ଡ ପାକିସ୍ତାନ, ଇଂଲଣ୍ଡ କିମ୍ବା ଶ୍ରୀଲଙ୍କା ମଧ୍ୟରୁ ଗୋଟିଏକୁ ହରାଇବା ଆଶା କରାଯିବ । ଯଦି ଭାରତ ଏହାର ବାକି ଥିବା ମ୍ୟାଚ୍‌ରୁ ଗୋଟିଏ ହାରିଯାଏ, ତେବେ ସେମିଫାଇନାଲ ସମ୍ଭାବନା କଷ୍ଟକର ହୋଇଯିବ । ଅନ୍ୟ ଦଳର ଫଳାଫଳ ଉପରେ ମଧ ନିର୍ଭର କରିବାକୁ ପଡିବ ।

ଯଦି ଭାରତ ଏହାର ପରବର୍ତ୍ତୀ ତିନୋଟି ମ୍ୟାଚ୍ ମଧ୍ୟରୁ ଗୋଟିଏ ଜିତିଯାଏ, ତେବେ ଯୋଗ୍ୟତା ହାସଲ କରିବାର ସମ୍ଭାବନା ବିପଦରେ ପଡ଼ିପାରେ। ଏପରି ପରିସ୍ଥିତିରେ, ହରମନପ୍ରୀତ କୌରଙ୍କ ଟିମ୍ ବାଦ୍ ପଡ଼ିବାର ସମ୍ଭାବନା ଅଛି । ଯଦି ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ବିଜୟଧାରା ବଜାୟ ରଖନ୍ତି, ତେବେ ଭାରତକୁ ପଛରେ ପକାଇଦେବେ ।


Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar